୬ ବିନା ମ୍ୟାଚ୍ ଜିତି ଚାମ୍ପିଅନ୍ସ ଟ୍ରଫିରୁ ବିଦା ହେଲା ପାକିସ୍ତାନ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୩୩ ● ୨୮ ଫେବୃଆରୀ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-33 ● 28th February 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# କୋଭିଡ୍ ଟିକା ଯୋଗୁ ମୃତ୍ୟୁ ହୋଇଥିଲେ ମିଳିବ କ୍ଷତିପୂରଣ

**ନୂଆଦିଲ୍ଲୀ, ୨୭।୨**

କୋଭିଡ୍ ଟିକା ଯୋଗୁ ମୃତ୍ୟୁ ପାଇଁ କ୍ଷତିପୂରଣ ବିଷୟରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ସରକାରଙ୍କୁ କହିଛନ୍ତି ଯେ, ଏପରି ମୃତ୍ୟୁ ପାଇଁ କ୍ଷତିପୂରଣ ଦେବା ପାଇଁ ସରକାର କୌଣସି ନୀତି ପ୍ରସ୍ତୁତ କରିବେ କି ନାହିଁ । କୋର୍ଟ ସରକାରଙ୍କୁ ଜବାବ ଦେବା ପାଇଁ ତିନି ସପ୍ତାହ ସମୟ ଦେଇଛନ୍ତି।



ଏହି ମାମଲା ୨୦୨୦ରେ ଆସିଥିବା କେରଳ ହାଇକୋର୍ଟର ଏକ ନିର୍ଦ୍ଦେଶରୁ ଆରମ୍ଭ ହୋଇଛି । ହାଇକୋର୍ଟରେ ସଇଦା ନାମକ ଜଣେ ମହିଳା କ୍ଷତିପୂରଣ ଦାବି କରି କହିଥିଲେ ଯେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପାଇଁ କୋଭିଡ ଟିକାକରଣ ଦାୟୀ। ଏହି ଆବେଦନ ଉପରେ ହାଇକୋର୍ଟ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଥିଲେ କି କୋଭିଡ୍ ଟିକାକରଣ ଯୋଗୁ ମୃତ୍ୟୁରେ କ୍ଷତିପୂରଣ ପ୍ରଦାନ ପାଇଁ ଏକ ନୀତି ପ୍ରସ୍ତୁତ କରନ୍ତୁ।

କେନ୍ଦ୍ର ସରକାର ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ। କେନ୍ଦ୍ର ଯୁକ୍ତି ଦର୍ଶାଇଥିଲା ଯେ କରୋନା ରୋଗ ଯୋଗୁ ମୃତ୍ୟୁ ଏବଂ ଏହାର ଟିକାର ପ୍ରଭାବ ଯୋଗୁ ମୃତ୍ୟୁକୁ ସମାନ ବର୍ଗରେ ରଖାଯାଇପାରିବ ନାହିଁ । ୨୦୨୩ରେ ସୁପ୍ରିମକୋର୍ଟ କେନ୍ଦ୍ରର ଆବେଦନର ଶୁଣାଣି କରି ହାଇକୋର୍ଟର ନିର୍ଦ୍ଦେଶ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଲଗାଇଥିଲେ।

ଏବେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ତାଙ୍କର ମତ ସ୍ପଷ୍ଟ କରିବାକୁ କହିଛନ୍ତି ଏବଂ କହିଛନ୍ତି ଯେ ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୮ରେ ହେବ। ଏହି ପ୍ରସଙ୍ଗରେ ଆଉ ଏକ ଆବେଦନ ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି । ଏହାର ଜବାବରେ କେନ୍ଦ୍ର ସରକାର କହିଛନ୍ତି ଯେ କୋଭିଡ ଟିକାକରଣ କାର୍ଯ୍ୟକ୍ରମ ସ୍ୱେଚ୍ଛାକୃତ ଥିଲା। କାହାକୁ ଟିକା ନେବାକୁ ବାଧ୍ୟ କରାଯାଇ ନଥିଲା। ଏହାର ପାର୍ଶ୍ୱ ପ୍ରତିକ୍ରିୟା ପାଇଁ ସରକାରଙ୍କଠାରୁ ସିଧାସଳଖ କ୍ଷତିପୂରଣ ମାଗିବା ଭୁଲ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୦ ମସିହା ମାର୍ଚ୍ଚ ମାସର ମଧ୍ୟ ଭାଗରେ ଦେଶରେ କୋଭିଡ୍ ମହାମାରୀ ଆରମ୍ଭ ହୋଇଥିଲା। ଯାହାର ପ୍ରଭାବ ଓ ଲହର ୨୦୨୧ ମସିହା ଶେଷ ପର୍ଯ୍ୟନ୍ତ ଦେଶରେ ଲାଗିରହିଥିଲା।

## ବାଲି ମାଫିଆଙ୍କୁ ରାଜସ୍ୱମନ୍ତ୍ରୀଙ୍କ ଚେତାବନୀ

# ଅମାନିଆ ହେଲେ ନିଆଯିବ କାର୍ଯ୍ୟାନୁଷ୍ଠାନ

**ରାଉରକେଲା, ୨୭।୨**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବାଲି ମାଫିଆମାନେ ମାତିଛନ୍ତି। ସରକାରୀ ସମ୍ପତ୍ତି ଲୁଟ୍ କରି ମାଫିଆମାନେ ବ୍ୟକ୍ତିଗତ ଭାବେ ଲାଭବାନ ହେଉଛନ୍ତି। ଏମାନଙ୍କ ଉପରେ ସରକାର କଡା ନଜର ରଖିଛନ୍ତି । ତେଣୁ ବାଲି ମାଫିଆମାନେ ସାବଧାନ ହେବା ଦରକାର। ବାଲି ଚୋରଙ୍କୁ ଏଣିକି ଆଉ ଛଡା ଯିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚେତାବନୀ ଶୁଣାଇଛନ୍ତି।



ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି ଯେ, ବାଲି ମାଫିଆମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇସାରିଛି । ଏଣିକି ବାଲି ଚୋରା ଚାଲାଣ ରୋକିବାକୁ ନୂଆ ଆଇନ ଅଣା ଯିବା ସହ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯିବ। ଆଗରୁ ବାଲି ଖାଦାନ ରାଜସ୍ୱ ବିଭାଗ ଅଧୀନରେ ଆସୁଥିଲା। ପୂର୍ବ ସରକାର ଏହାକୁ ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ। ରାଜ୍ୟ ସରକାର ଏବେ ଖଣି ବିଭାଗରେ କର୍ମଚାରୀ ଅଭାବକୁ ଦୂର କରିବା ସହ ନୂଆ ଇନଫ୍ରାଷ୍ଟ୍ରକଚର ତିଆରି ପାଇଁ ଲାଗିଛନ୍ତି।

ଗୁରୁବାର ରାଉରକେଲା ହକି ଭିଲେଜରେ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ନୂଆ ସରକାର ଆସିବାର ଆଠ ମାସ ଭିତରେ ବାଲିରୁ ଆସୁଥିବା ରାଜସ୍ୱରେ ବୃଦ୍ଧି ଘଟିଛି। ଆଗକୁ ବାଲି ଭଳି ଉତ୍ସରୁ ଆସୁଥିବା ରାଜସ୍ୱର ଅଭିବୃଦ୍ଧି ଘଟିବା ସହ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଏହି ଅବସରରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ୩୧୭ଟି ତହସିଲରେ ଖାଲିପଡିଥିବା ବିଭିନ୍ନ ବର୍ଗର ପଦବୀ ଗୁଡିକୁ ପୂରଣ କରିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଖାଲି ପଡିଥିବା ପଦବୀ ପୂରଣ ପାଇଁ ଇତି ମଧ୍ୟରେ ପ୍ରକ୍ରିୟା ଆରମ୍ଭ ହୋଇଛି।

## ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ୨୨୦ କୋଟି

**ଭୁବନେଶ୍ୱର, ୨୭।୨**

**ନ୍ୟୁଜ୍ ବ୍ୟୁରୋ**

ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୨୨୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରଖିଛନ୍ତି। ପ୍ରକଳ୍ପ ପାଇଁ ପ୍ରସ୍ତୁତ ଡିପିଆର ସରକାରଙ୍କ ଅନୁମୋଦନ ଲାଭ କରିସାରିଛି। ଗୁରୁବାର ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯାଇଛି।

ସୂଚନା ଅନୁଯାୟୀ ଓଡ଼ିଶା ସରକାର, ନଗର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ପରିବେଶ ବିଶେଷଜ୍ଞଙ୍କ ସହଯୋଗରେ, ମହାନଦୀ ଜଳପ୍ରାନ୍ତ ପ୍ରକଳ୍ପର ପରିକଳ୍ପନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହି ପରିବର୍ତ୍ତନକାରୀ ପଦକ୍ଷେପ ମହାନଦୀ ନଦୀପ୍ରାନ୍ତକୁ ପୁନଃପରିଭାଷିତ କରିବା ପାଇଁ ସ୍ଥିର କରାଯାଇଛି, ଏହାକୁ ଏକ ସ୍ପନ୍ଦନଶୀଳ, ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ସ୍ଥାନରେ ପରିଣତ କରିବା ପାଇଁ ଯାହା ପରିବେଶଗତ ସଂରକ୍ଷଣକୁ ସହରାଞ୍ଚଳ ବିକାଶ ସହିତ ମିଶ୍ରଣ କରିବ। ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବା ସହିତ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଏବଂ ନଦୀର ସମୃଦ୍ଧ ସାଂସ୍କୃତିକ, ଐତିହାସିକ ତଥା ପରିବେଶଗତ ଐତିହ୍ୟକୁ ସଂରକ୍ଷଣ କରିବ। (ପୃଷ୍ଠା ୭ରେ)

# ଲିଙ୍ଗରାଜ ମନ୍ଦିର ଅଘଟଣ ନେଇ ତେଜିଲା ବିବାଦ

**ଭୁବନେଶ୍ୱର, ୨୭।୨**

**ନ୍ୟୁଜ୍ ବ୍ୟୁରୋ**

ମହାଶିବରାତ୍ରି ଅବସରରେ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରରେ ମହାଦୀପ ଉଠିବାବେଳେ ଘଟିଥିବା ବଡ଼ ଅଘଟଣ ନେଇ ବିବାଦ ଘନେଇବାରେ ଲାଗିଛି। ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏହି ଘଟଣା ପାଇଁ ପରୋକ୍ଷରେ ପ୍ରଶାସନ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ବେଳେ ଶାସକ ଦଳ ବିଧାୟକ ତାର କଡା ଜବାବ ରଖି କହିଛନ୍ତି ମେୟର ମଧ୍ୟ ପ୍ରଶାସନର ଅଂଶ। ତେଣୁ ସେ ତ୍ରୁଟି ସୁଧାରିବା ପାଇଁ ଆଗରୁ ପରାମର୍ଶ ଦେଇଥିଲେ ଭଲ ହୋଇଥାନ୍ତା। ଅନ୍ୟପକ୍ଷରେ ଅଘଟଣ ଯୋଗୁ ଆହତ ହୋଇଥିବା ଯୋଗେନ୍ଦ୍ର ସମର୍ଥାଙ୍କ ପୁତ୍ର ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଲିଙ୍ଗରାଜ ମନ୍ଦିର ଅଘଟଣ ନେଇ ପ୍ରଶାସନ ପକ୍ଷରୁ ଶ୍ୱେତପତ୍ର ପ୍ରକାଶ କରାଯାଉ ବୋଲି ଦାବି ଉଠାଇଛନ୍ତି।



ବୁଧବାର ରାତିରେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରରେ ମହାଦୀପ ଧରି ମନ୍ଦିର ଚୂଡ଼ାକୁ ଚଢୁଥିବା ସେବାୟତ ଯୋଗେନ୍ଦ୍ର ସମର୍ଥା ତଳକୁ ଖସିପଡ଼ିବା ଫଳରେ ତାଙ୍କ ମୁହଁ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ପିଟାଲ ଯାଇ ଆହତ ସେବାୟତଙ୍କୁ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

ସେବାୟତଙ୍କ ପୁଅ ଅଶ୍ୱିନୀ ସମର୍ଥା କହିଛନ୍ତି ତାଙ୍କ ବାପା ଦୀର୍ଘ ୩୦ ବର୍ଷ ହେଲା ମହାଦୀପ ଉଠାଉଥିଲେ। (ପୃଷ୍ଠା ୭ରେ)

# ଚାନ୍ଦିପୁରରୁ ନୌସେନା ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର/ଚାନ୍ଦିପୁର, ୨୭।୨**

**ନ୍ୟୁଜ୍ ବ୍ୟୁରୋ**

ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜ (ଆଇଟିଆର)ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ନୌସେନା ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ରର ପ୍ରଥମ ପରୀକ୍ଷଣ ସଫଳ ହୋଇଛି । ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ(ଡିଆରଡିଓ) ଏବଂ ଭାରତୀୟ ନୌସେନା ପକ୍ଷରୁ ଏହି ପରୀକ୍ଷଣ କରାଯାଇଥିଲା। ନୌସେନାର ଏକ ହେଲିକପ୍ଟର ଜରିଆରେ କ୍ଷେପଣାସ୍ତ୍ରର ଫ୍ଲାଇଟ ଟେଷ୍ଟ କରାଯାଇଥିଲା। ପରୀକ୍ଷଣ ବେଳେ ସମସ୍ତ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ହୋଇଥିଲା। ଭାରତୀୟ ନୌସେନା ପାଇଁ ଏହା ହେଉଛି ଆକାଶ ମାର୍ଗରୁ ନିକ୍ଷେପ କରାଯାଇ ପାରୁଥିବା ପ୍ରଥମ ସ୍ୱଦେଶୀ ଜାହାଜ। ବିଧ୍ୱଂସୀ କ୍ଷେପଣାସ୍ତ୍ର ପରୀକ୍ଷା ସମୟରେ କ୍ଷେପଣାସ୍ତ୍ର ନିର୍ଦ୍ଧାରିତ ସାମୁଦ୍ରିକ ମାର୍ଗରେ ଗତି କରିଥିଲା ଏବଂ ନିର୍ଦ୍ଧାରିତ ଲକ୍ଷ୍ୟକୁ ସଠିକ ଭାବେ ଭେଦ କରିବାରେ ସକ୍ଷମ ହୋଇଥିଲା । ଏଥିସହିତ ନିୟନ୍ତ୍ରଣ, ମାର୍ଗଦର୍ଶନ ଓ ମିଶନ ଆକଳନକୁ ସଠିକ ଭାବେ କାର୍ଯ୍ୟକାରୀ କରିଥିଲା। ଏହାର ସବୁ ଉପ-ପ୍ରଣାଳୀ ସନ୍ତୋଷଜନକ ପ୍ରଦର୍ଶନ କରିଥିଲା।



ପରୀକ୍ଷଣ ରେଞ୍ଜର ବିଭିନ୍ନ ସ୍ଥାନରେ ଏବଂ ଇମ୍ପାକ୍ଟ ପଏଣ୍ଟରେ ଲାଗିଥିବା ସେନ୍ସର କ୍ଷେପଣାସ୍ତ୍ରର ଗତିପଥକୁ ନିରୀକ୍ଷଣ କରିଥିଲା ଏବଂ ସବୁ ଘଟଣାକ୍ରମକୁ ରେକର୍ଡ କରିଥିଲା। ଏହି କ୍ଷେପଣାସ୍ତ୍ରରେ ଅନେକ ନୂଆ ଜ୍ଞାନକୌଶଳ ଖଞ୍ଜା ଯାଇଛି । ଏଥିରେ ହେଲିକପ୍ଟର ପାଇଁ ସ୍ୱଦେଶୀ (ପୃଷ୍ଠା ୭ରେ)


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ମାର୍ଚ୍ଚ ୩ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି: ସର୍ବାଧିକ ୧୦୦୦ ଜଣଙ୍କୁ ପଞ୍ଜୀକରଣ ଅନୁମତି

**ଭୁବନେଶ୍ୱର, ୨୭।୨**

**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗାମୀ ମାର୍ଚ୍ଚ ୩ ତାରିଖ (ସୋମବାର) ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଫେବୃଆରୀ ୨୮ତାରିଖ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ । ଏହି ଶୁଣାଣିରେ ସାମିଲ ହେବା ପାଇଁ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ।



ଆଗ୍ରହୀ ଜନସାଧାରଣଜନ ଶୁଣାଣି ପୋର୍ଟାଲ https://janasunani.odisha.gov.in ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ (ପୃଷ୍ଠା ୭ରେ)

# ଗୋଲ୍ଡ କାର୍ଡ ଜରିଆରେ ଆମେରିକା କିଣିବ ଭାରତୀୟ ପ୍ରତିଭା

**ୱାଶିଂଟନ, ୨୭।୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ନୂଆ ଗୋଲ୍ଡ କାର୍ଡ ଅଭିଯାନ ଆରମ୍ଭ କରିଛନ୍ତି, ଯାହାର ଉଦ୍ଦେଶ୍ୟ ହେଉଛି ଶୀର୍ଷ ଅନ୍ତର୍ଜାତୀୟ ପ୍ରତିଭା । ବିଶେଷ କରି ଭାରତରୁ ଆକୃଷ୍ଟ କରିବା ହାର୍ଭାର୍ଡ ଓ ଷ୍ଟାନଫୋର୍ଡ ଭଳି ପ୍ରତିଷ୍ଠିତ ଆମେରିକୀୟ ବିଶ୍ୱବିଦ୍ୟାଳୟର ସ୍ନାତକଙ୍କ ସମେତ ବିଦେଶୀ ନାଗରିକମାନେ ୫ ନିୟୁତ ଡଲାର ଦେୟ ବଦଳରେ ଆମେରିକାରେ ରହି କାମ କରିପାରିବେ । ଟ୍ରମ୍ପଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିବା ଏହି ଯୋଜନାରେ ଧନୀ ବିଦେଶୀମାନଙ୍କୁ ଆମେରିକାର ନାଗରିକତା ପାଇଁ ରାସ୍ତା ମିଳିବ। ନୂଆ ପଦକ୍ଷେପ ଅନୁଯାୟୀ ଯୋଗ୍ୟତା ଅର୍ଜନ କରିଥିବା ବ୍ୟକ୍ତିମାନେ ଆମେରିକାରେ କାମ କରିବାର ଅଧିକାର ପାଇପାରିବେ ଏବଂ ପରେ ନାଗରିକତା ହାସଲ କରିପାରିବେ।




ଟ୍ରମ୍ପ ଗୁରୁତ୍ୱାରୋପ କରି କହିଛନ୍ତି ଯେ ବର୍ତ୍ତମାନର ଆମେରିକାର ଇମିଗ୍ରେସନ ବ୍ୟବସ୍ଥା ବିଶେଷ କରି ଭାରତର ଦକ୍ଷ ଅନ୍ତର୍ଜାତୀୟ ପ୍ରତିଭାଙ୍କ ଦେଶରେ ରହିବାର କ୍ଷମତାକୁ ସୀମିତ କରିଛି । ଆମେରିକୀୟ କମ୍ପାନୀମାନଙ୍କଠାରୁ ଚାକିରି ଅଫର ପାଇଥିବା ପ୍ରତିଭାବାନ ବ୍ୟକ୍ତିମାନେ ଯେଉଁମାନେ ଇମିଗ୍ରେସନ ସ୍ଥିତିକୁ ନେଇ ଅନିଶ୍ଚିତତା କାରଣରୁ ସେହି ଅଫରଗୁଡ଼ିକୁ ପ୍ରତ୍ୟାହାର କରିବା ପାଇଁ ସମ୍ମୁଖୀନ (ପୃଷ୍ଠା ୭ରେ)

## ମାର୍ଚ୍ଚ ୧ରୁ ପ୍ରାଣୀଙ୍କ ନିଃଶୁଳ୍କ ଚିକିତ୍ସା ସୁବିଧା

**ଭୁବନେଶ୍ୱର, ୨୭।୨**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଜନ ସାଧାରଣଙ୍କ ଅନୁରୋଧକୁ ସମ୍ମାନ ଜଣାଇ ଲୋକଙ୍କ ସରକାର ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା ଆଦି ପ୍ରାଣୀଙ୍କ ଚିକିତ୍ସା ଓ ଟିକାକରଣ ଉପରୁ ୟୁଜର୍ସ ଫି' ଛାଡ଼ କରାଯାଇଛି । ମାର୍ଚ୍ଚ ୧ ରୁ ଏହି ନିଃଶୁଳ୍କ ଚିକିତ୍ସା ସୁବିଧା ପାଇବେ ରାଜ୍ୟବାସୀ। ଏନେଇ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଦେୟମୁକ୍ତ ସାର୍ବଜନୀନ ପ୍ରାଣୀଚିକିତ୍ସା ଓ ପ୍ରାଣୀସମ୍ପଦର ସୁରକ୍ଷାକୁ ପ୍ରାଥମିକତା ଦେଇ ଆମେ ଏହି ନିଷ୍ପତ୍ତି ନେଇଛୁ । ମୋର ବିଶ୍ୱାସ ଏହି ନିଷ୍ପତ୍ତି ନିଶ୍ଚିତ ଭାବରେ ଗୋପାଳକ ତଥା ପ୍ରାଣୀସମ୍ପଦ ବିଭାଗ ପ୍ରତି ଇଚ୍ଛା ରଖୁଥିବା ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ସହାୟକ ହେବ।

## ଏକାଳ ପଖାଳ



ଶୁଣିବାକୁ ପାଇ ମନ ଗଡବଡ<br>
ବଢିବ କି ବିଦ୍ୟୁତ୍ ଦର<br>
ଖରା ଦିନଟାରେ ଦାଉସାଧିଲେ<br>
ଦୁଃଖ ପଡିବ ଯେ ଘୋର<br>
ଲାଗିଲେ ବି ଗରମ ଯୋର<br>
ଫ୍ୟାନ୍ ଏସି ଲଗେଇବା ଆଗୁ<br>
ଡରରେ କି ହେବ ଜର ?

# ଅସୁରକ୍ଷିତ ଲିଙ୍ଗରାଜ ମନ୍ଦିର: ଉଡ଼ିଲା ପୁଳା ପୁଳା ଡ୍ରୋନ୍



**ଭୁବନେଶ୍ୱର, ୨୭।୨**

**ନ୍ୟୁଜ୍ ବ୍ୟୁରୋ**

ଲିଙ୍ଗରାଜ ମନ୍ଦିର ନୋ ଫ୍ଲାଇଂ ଜୋନ ହୋଇଥିଲେ ବି ଉଡ଼ିଲା ଡ୍ରୋନ । ୧୦ରୁ ଅଧିକ ଡ୍ରୋନ ଉଡିଥିଲେ ବି ଜାଣି ପାରିଲାନି ପୋଲିସ। ଏବେ ପ୍ରଶ୍ନ ଉଠୁଛି ସଂପୃକ୍ତ ଅଞ୍ଚଳରେ ଯଦି ଡ୍ରୋନ ଉଡିବା ଦ୍ୱାରା କିଛି ବଡ଼ ଅଘଟଣ ଘଟିଥାନ୍ତା ତେବେ ଏଥିପାଇଁ କାହାକୁ ଦାୟୀ କରାଯାଇଥାନ୍ତା। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ସେବାୟତ, ପ୍ରତ୍ନତତ୍ତ୍ୱବିତ ଓ ସାଧାରଣ ଲୋକେ।

ସକାଳୁ ସକାଳୁ ମହାପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ହେଲେ ମନ୍ଦିର ପରିସର ଭିତରେ ଓ ବାହାରେ ଅସମ୍ଭାଳ ଭିଡ଼ ଯୋଗୁ ପୋଲିସ ପ୍ରଶାସନ ଏହାର ନିୟନ୍ତ୍ରଣ କରିବାରେ ଚରମ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭିଡ ଯୋଗୁ ଅନେକ ଶ୍ରଦ୍ଧାଳୁ ଓ ଭକ୍ତ ସଂଜ୍ଞାହୀନ ଓ ଆହତ ହୋଇଥିବାର ମଧ୍ୟ ଖବର ମିଳିଥିଲା।

ଅନ୍ୟପକ୍ଷରେ ସନ୍ଧ୍ୟା ହେବା ପରେ ଲିଙ୍ଗରାଜ ମନ୍ଦିର ଉପରେ ୧୦ରୁ ଊର୍ଦ୍ଧ୍ୱ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଲା। ସୋସିଆଲ ମିଡ଼ିଆ ଫେସବୁକ, ଏକ୍ସ ଓ ଇନଷ୍ଟାଗ୍ରାମରେ ପୋଷ୍ଟ ଓ ଭିଡିଓ ଅପଲୋଡ଼ ହେଲା । ନୋ ଫ୍ଲାଇଂ ଜୋନ ହୋଇ ବି ବିନା ବାଧକରେ ଡ୍ରୋନରେ ଭିଡିଓ ରେକର୍ଡ କରି ଲୋକେ ସୋସିଆଲ ମିଡିଆରେ ପୋଷ୍ଟ କଲେ।

କିଛିଦିନ ତଳେ ଲିଙ୍ଗରାଜ ମନ୍ଦିର ବେଢାରେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ଫଟୋ ଉଠାକୁ ନେଇ ତୁମ୍ଭି ତୋଫାନ ହୋଇଥିଲା। ସେହିଭଳି ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଇବା ଅଭିଯୋଗରେ ଥାନାରେ ଏତଲା ମଧ୍ୟ ହୋଇଥିଲା। କୋଲକାତାର ଜଣେ ୟୁଟ୍ୟୁବରଙ୍କୁ ଏହି ଘଟଣା ପାଇଁ ଗିରଫ କରାଯାଇଥିଲା । ମନ୍ଦିର ସୁରକ୍ଷା ପ୍ରତି ବିପଦ ଥିବା ଦର୍ଶାଇ (ପୃଷ୍ଠା ୭ରେ)

# ଭୁବନେଶ୍ୱରରେ ପହଞ୍ଚିଲେ ନଡ୍ଡା



**ଭୁବନେଶ୍ୱର, ୨୭।୨**

**ନ୍ୟୁଜ୍ ବ୍ୟୁରୋ**

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଗୁରୁବାର ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିମାନ ବନ୍ଦର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ (ପୃଷ୍ଠା ୭ରେ)





# ପୋଲିସ ହାତରେ ଧରାପଡ଼ିଛି ୫୧୬ କେଜି ୮୦୦ ଗ୍ରାମ୍ ଗଞ୍ଜେଇ ସହ ଗାଡ଼ି

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ବ୍ଲକ ପାଡୁଆ ଥାନା ପୋଲିସକୁ ମିଳିଛି ସଫଳତା । ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ରାତି ୧୧ଟା ସମୟରେ ଏସ୍‌ଆଇ ହିମାଂଶୁ ବେନିଆ, ଏଏସ୍‌ଆଇ ରୁଦ୍ର ମାଝି, ରାମ ମାଡକାମି ଏବଂ ଅନ୍ୟ କର୍ମଚାରୀ ମାନେ ବାଲ୍ଡା, ବାଡେଲ ଓ ହାଣ୍ଡିପୁଟ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ । ଦୋରା ସୁବୁଲାର ଗାଁ ନିକଟ ଜଙ୍ଗଲରେ ଚାଲାଣ ପାଇଁ ଗଞ୍ଜେଇ ଗଚ୍ଛିତ ରଖାଯାଇଥିବା ବିଶେଷ ସୂତ୍ରରୁ



ଖବରପାଇ ପୋଲିସ ଟିମ୍ ପାହାନ୍ତିଆ ୪ଟା ସମୟରେ ସେହି ସ୍ଥାନରେ ପହଞ୍ଚିଥିଲେ । ପୋଲିସ ଆସିବା ପୂର୍ବରୁ ଚାଲାଣକାରୀ ଚମ୍ପଟ ମାରିଥିଲା । ସେଠାରେ ଏକ ମହିନ୍ଦ୍ରା କମାଣ୍ଡରରେ ୪ଟି ବସ୍ତାରେ ଗଞ୍ଜେଇ ରଖିଥିବା ବେଳେ ପାର୍ଶ୍ୱରେ ୩୦ ବସ୍ତା ଗଞ୍ଜେଇ ରଖାଯାଇଥିଲା । ଏହା ଦେଖି ପୋଲିସ ଗଞ୍ଜେଇ ସହ ଗାଡ଼ିକୁ ଜବତ କରିଥିଲେ । ତହସିଲଦାର ପ୍ରଭାତୀ ଜୋଡ଼ିଆଙ୍କ ଉପସ୍ଥିତିରେ ଏହା ୫୧୬ କେଜି ୮୦୦ ଗ୍ରାମ୍ ଥିବା ଜଣାପଡ଼ିଛି ।

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାରେ ୧୪୦ ଜଣଙ୍କ ନାଶିକ୍ ଓ ଶିରିଡ଼ି ଯାତ୍ରା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ୧୪୦ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଜରିଆରେ ଶିରିଡ଼ି ଓ ନାଶିକ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ତୀର୍ଥଯାତ୍ରୀଙ୍କୁ ନେଇ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏକ ସ୍ୱତନ୍ତ୍ର ବସ୍‌କୁ ଜିଲ୍ଲାପାଳ ବିଶାଳ ସିଂହ ସବୁଜ ପତାକା ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିଂହ ତୀର୍ଥଯାତ୍ରୀ ମାନଙ୍କ ସହ ଭାବ ବିନିମୟ କରି ସଫଳ ଯାତ୍ରା କାମନା କରି ଶୁଭେଚ୍ଛା ଜଣାଇଥିଲେ ।



ତୀର୍ଥଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖିବା ସହ ସମସ୍ତ ସୁବିଧା ଉପଲବ୍ଧ କରାଇ ସେମାନଙ୍କୁ ଏକ ସୁନ୍ଦର ଏବଂ ଆଧାତ୍ମିକ ଅନୁଭୂତି ପ୍ରଦାନ କରିବା ନିମନ୍ତେ ଅନୁରକ୍ଷଣ ଅଧିକାରୀ (ଏସ୍କର୍ଟ ଅଫିସର୍) ମାନଙ୍କୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର ପ୍ରଧାନ ଓ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ ଏହି ସ୍ୱତନ୍ତ୍ର ବସ୍‌ଟି ବାଲେଶ୍ୱରରେ ପହଞ୍ଚିବା ପରେ ଅନ୍ୟ କିଛି ଜିଲ୍ଲାରୁ ଆସିଥିବା ତୀର୍ଥଯାତ୍ରୀଙ୍କୁ ଏକାଠି ନେଇ ଏକ ସ୍ୱତନ୍ତ୍ର ଟ୍ରେନ୍ ନାଶିକ ଯାତ୍ରା ଆରମ୍ଭ କରିଥିଲା ।

# ଧର୍ମଶାଳା ପଞ୍ଚାୟତ ସମିତି ୯ମ ସାଧାରଣ ଅଧିବେଶନ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ପଞ୍ଚାୟତ ସମିତିର ୯ମ ସାଧାରଣ ଅଧିବେଶନ ମଙ୍ଗଳବାର ପୂର୍ବାହ୍ନରେ ସମିତିସଭା ଗୃହରେ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ମୋହନ ସରକାର ସବୁ କ୍ଷେତ୍ରରେ ଠିକ୍ ପଦକ୍ଷେପ ନେଉଛନ୍ତି । ମିଳିମିଶି କାମ କଲେ ଧର୍ମଶାଳାକୁ ଆମେ ଆଗକୁ ନେଇ ପାରିବା। ଯାଜପୁର ସାଂସଦଙ୍କ ପ୍ରତିନିଧି କାହ୍ନୁ ଚରଣ ଦାଶ ଯୋଗଦେଇ ଡବଲ ଇଂଜିନ୍ ସରକାରରେ ବିକାଶ ଦୁଇଗୁଣ ହେବ। ବିଡିଓ ଚାର୍ଜରେ ଥିବା ରସୁଲପୁର ବିଡ଼ିଓ ବିବରଣୀ ପାଠ କରିଥିଲେ। ବୈଠକରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ, ୪୫ଟି ପଞ୍ଚାୟତ ସଭ୍ୟ ଓ ସଭ୍ୟା, ସରପଞ୍ଚମାନେ ନିଜ ପଞ୍ଚାୟତର ଅଭାବ ଅଭିଯୋଗ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ବିଦ୍ୟୁତ୍, ଯୋଗାଣ ଓ ଜଳସମ୍ପଦ ସମେତ ବହୁ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଏବିଡ଼ିଓ ଅସିତ୍ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ। ପଞ୍ଚାୟତ ସମିତି ବୈଠକ ଶୃଙ୍ଖଳାର ସହ ଶେଷ ହୋଇଛି । ଗଣ୍ଡଗୋଳ ଆଶଙ୍କା କରି ଧର୍ମଶାଳା ଥାନା ଓ ଜାରକା ବିଟ୍ ହାଉସ୍ ଅଧିକାରୀ ନିଜେ ଉପସ୍ଥିତ ରହିବା ସଙ୍ଗେ ସଙ୍ଗେ ବ୍ୟାପକ ପୋଲିସ ମୁତୟନର ବ୍ୟବସ୍ଥା କରିଥିଲେ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ



**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଓଡ଼ିଆ ଭାଷା ବିକାଶ ମଞ୍ଚ ତରଫରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ମଞ୍ଚର ସଭାପତି ଶିକ୍ଷାବିତ ପ୍ରଶାନ୍ତ କୁମାର ପତିଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇସ୍ପାତ ସାହିତ୍ୟ ସଂସଦର ସଭାପତି ବ୍ରଜେନ୍ଦ୍ର ଦାଶ ମୁଖ୍ୟ ଅତିଥି, ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ଆଭିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ମଞ୍ଚର ସଭାପତି, ଆବାହକ, ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଗଣ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ୨୦୦୦ ମସିହା ଫେବୃୟାରୀ ମାସ ୨୧ ତାରିଖରୁ ଏହା ସମଗ୍ର ବିଶ୍ୱରେ ପାଳିତ ହୋଇଆସୁଛି । ୧୯୫୨ ମସିହାର ବାଂଲାଦେଶ ଭାଷା ଆନ୍ଦୋଳନକୁ ତଥା ଏଥିରେ ସହୀଦ ହୋଇଥିବା ଭାଷାପ୍ରେମୀଙ୍କ ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ବାସ୍ତବରେ ମାତୃଭାଷାର ବିକାଶରେ ହିଁ ଗୋଟିଏ ଜାତିର ବିକାଶ ସମ୍ଭବ ହୋଇଥାଏ । ମାତୃଭାଷା ମାନବର ମନରେ ଜାତୀୟତା ଭାବ ସୃଷ୍ଟି କରିବାରେ ସକ୍ଷମ ହୋଇଥାଏ । ମାତୃଭାଷା ହିଁ ଶିଶୁର ଜ୍ଞାନ ଆହରଣର ବଳିଷ୍ଠ ମାଧ୍ୟମ ତଥା ଏହା ମାଧ୍ୟମରେ ବ୍ୟକ୍ତି ଜାତିର ଇତିହାସ, ସଂସ୍କୃତି ଓ ପରମ୍ପରା ବିଷୟରେ ସଚେତନ ହୋଇଥାଏ । ସମ୍ପ୍ରତି ଓଡ଼ିଶାରେ ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ଭାଷା ପ୍ରଚଳନ ଓ ଭାଷାକୁ ନେଇ ରୋଜଗାର ପନ୍ଥା ମିଳିଲେ ତାହା ସମଗ୍ର ରାଜ୍ୟରେ ଗ୍ରହଣୀୟ ହୋଇପାରିବ ବୋଲି ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହରର ବିଭିନ୍ନ ଅନୁଷ୍ଠାନରୁ ସର୍ବଶ୍ରୀ ଡା. ବସନ୍ତ କୁମାର ଦାସ, ଆଲୋକ ବୋଷ, ସସ୍ମିତା ପ୍ରଧାନ, ଦେବେନ୍ଦ୍ର ମହାରଣା, ପ୍ରଫୁଲ୍ଲ ସାମଲ, ଗୌତମ ଦାସ, ଚନ୍ଦ୍ରଶେଖର ପାଇକରାୟ, ଗଙ୍ଗାଧର ପୁହାଣ, ପୀତବାସ ପ୍ରଧାନ, ଅଜୟ ନାୟକ, ଧନଞ୍ଜୟ ମଲ୍ଲିକ, କୁଞ୍ଜବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆମ୍ବାଗାନ ନିକଟସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଶ୍ରୀ ଦାଶ ମାଲ୍ୟାର୍ପଣ କରିଥିଲେ । ଶେଷରେ ସମ୍ପାଦକ ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ପଦ୍ମଶ୍ରୀ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଜଣେ ପ୍ରଖ୍ୟାତ ଐତିହାସିକ ଓ ସୁସାହିତ୍ୟିକ’



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ପ୍ରତ୍ନତତ୍ତ୍ୱବିତ୍, ଐତିହାସିକ ତଥା ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପୂର୍ବତନ କ୍ୟୁରେଟର ପଦ୍ମଶ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ୩୮ ତମ ପୁଣ୍ୟ ତିଥି ଅବସରରେ ଆମେ ମୟୂରଭଞ୍ଜିଆ ସଂଗଠନ ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଆମେ ମୟୁରଭଞ୍ଜିଆର ଅଧ୍ୟକ୍ଷ ସଞ୍ଜୟ କୁମାର ଚୌଧୁରୀଙ୍କ ଆହ୍ୱାନ୍ କ୍ରମେ ପୂଜ୍ୟପୂଜାର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ବରପୁତ୍ରଙ୍କୁ ସମ୍ମାନ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଯୋଗଦେଇ ସଂସ୍କୃତି ଭବନ ପରିସରରେ ଥିବା ଡ଼ଃ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପୋଲିସ ଅଧିକାରୀ ଦୁର୍ଗା ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ ଯୋଗ ଦେଇଥିଲେ । ଶ୍ରୀ ଚୌଧୁରୀ ଡ଼ଃ ପାଣିଗ୍ରାହୀଙ୍କ କୃତୀ ଓ କୀର୍ତ୍ତି ବାବଦରେ ଆଲୋକପାତ କରିବା ସହ ସେ ଜଣେ ପ୍ରଖ୍ୟାତ ଐତିହାସିକ ତଥା ସୁ ସାହିତ୍ୟିକ ବୋଲି କହିବା ସହ ତମାମ୍ ମୟୁରଭଞ୍ଜିଆଙ୍କ ପାଇଁ ଗର୍ବ ଏବଂ ଗୌରବ ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ଡ଼ଃ ତରୁଣ କୁମାର ଓଝା ଡ଼ଃ ପାଣିଗ୍ରାହୀଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ଉତ୍ତର ପିଢ଼ିଙ୍କ ପାଖରେ ପହଞ୍ଚାଇବାକୁ ହେଲେ ତାଙ୍କ କୃତୀ ବାବଦରେ ଅଧିକରୁ ଅଧିକ ପ୍ରଚାର ପ୍ରସାରର ଆବଶ୍ୟକତା ଅଛି ବୋଲି କହିଥିଲେ । ଏହି ଅବସରରେ ଉପସ୍ଥିତ ଅନ୍ୟମାନେ ଡ଼ଃ ପାଣିଗ୍ରାହୀଙ୍କ ସାମଗ୍ରିକ ସାହିତ୍ୟ କୃତୀ ଓ ତାଙ୍କର ପ୍ରତ୍ନତାତ୍ତ୍ୱିକ ଗବେଷଣା ଉପରେ ଆଲୋକପାତ କରି ସ୍ମୃତି ଚାରଣ କରିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ପ୍ରଖ୍ୟାତ ଐତିହାସିକ ଓ ପ୍ରାବନ୍ଧିକ ପଦ୍ମଶ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମୟୂରଭଞ୍ଜ ଜିଲ୍ଲାର ଖିଚିଂ ଠାରେ ୧୯୦୯ ମସିହା ଡିସେମ୍ବର ୧୯ ତାରିଖରେ ଜନ୍ମଗ୍ରହଣ କରିଥିଲା ବେଳେ ୧୯୮୭ ମସିହା ଫେବୃଆରୀ ୨୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା । ଅଧ୍ୟାପନା ସହିତ ପ୍ରତ୍ନତତ୍ତ୍ୱ ଗବେଷଣାରେ ଜଡିତ ରହି ବହୁ ନୂତନ ଐତିହାସିକ ତଥ୍ୟର ସେ ସନ୍ଧାନ ଦେଇଥିଲେ । ‘ଭୁବନେଶ୍ୱରର ପ୍ରତ୍ନତାତ୍ତ୍ୱିକ ଅବଶେଷ’ ବିଷୟରେ ଇଂରାଜୀରେ ଲିଖିତ ତାଙ୍କର ଗବେଷଣାଗ୍ରନ୍ଥ ଅତ୍ୟନ୍ତ ଉପାଦେୟ ସୃଷ୍ଟି । ସତ୍ୟ ସହିତ ତଥ୍ୟର ସମନ୍ୱୟ, ଅକାଟ୍ୟ ଯୁକ୍ତି ଓ ସରଳ ବୋଧଗମ୍ୟ ଭାଷାରେ ରଚିତ ତାଙ୍କର ପ୍ରବନ୍ଧଗୁଡ଼ିକ ପାଠକଙ୍କୁ ବାନ୍ଧି ରଖେ । ତାଙ୍କ ରଚିତ ପୁସ୍ତକ ଗୁଡିକ ମଧ୍ୟରେ ପ୍ରବନ୍ଧ ମାନସ, ଇତିହାସ ଓ କିମ୍ବଦନ୍ତୀ, ସାରଳା ମହା ଭାରତରେ ଓଡ଼ିଶାର ଐତିହାସିକ ଚିତ୍ର, ସାହିତ୍ୟ ସଂସ୍କୃତି, ‘ମୋ ସମୟର ଓଡ଼ିଶା’ ଆଦି ଅନ୍ୟତମ । ୧୯୭୬ ମାଡିହାରେ ଭାରତ ସରକାରଙ୍କ ଦ୍ୱାରା ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡ଼ଃ ବନଜା ମହାନ୍ତି, ଡ଼ଃ ପୁଷ୍ପା ପାତ୍ର, କଳ୍ପନା ଷଡ଼ଙ୍ଗୀ, ସୁଧାମୟୀ ଦାସ, ବିବେକାନନ୍ଦ ପଟ୍ଟନାୟକ, ଅଶୋକ ମଣ୍ଡଳ, ଡ଼ଃ ଯୋଗେନ୍ଦ୍ର ପଣ୍ଡା, ଇଂ ସୁନୀଲ ପ୍ରଧାନ, କୁମାର ରଞ୍ଜନ ପଣ୍ଡା, କୈବଲ୍ୟ ପ୍ରସାଦ ମହାପାତ୍ର, ରାଜେଶ ଷଡ଼ଙ୍ଗୀ, ଦେବେଶ ହୋତା, ବରେନ୍ଦ୍ର ମହାନ୍ତି, କିଚକ ବେହେରା, ସାଇ ପ୍ରକାଶ ମହାନ୍ତି, ଅଭିଷେକ ଯାଦଭ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଆମେ ମୟୂରଭଞ୍ଜିଆର ସଦସ୍ୟ ସତ୍ୟାନନ୍ଦ ଶେଜପତା ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ପରଲୋକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କ୍ୟାପିଟାଲ୍ ହାଇସ୍କୁଲ, ୟୁନିଟ୍-୩ ଭୁବନେଶ୍ୱରର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ଲକ୍ଷ୍ମୀସାଗର ସ୍ଥିତ ନିଜ ବାସଭବନରେ ଅପରାହ୍ନ ୧.୨୦ ମିନିଟ୍ ସମୟରେ ପରଲୋକ ହୋଇଯାଇଛି । ଶ୍ରୀ ମିଶ୍ର ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ କାରଣରୁ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ପୁତ୍ର ପ୍ରଶାନ୍ତ କୁମାର ମିଶ୍ର, ବୋହୂ ଗାୟତ୍ରୀ ଷଡ଼ଙ୍ଗୀ, ନାତୁଣୀ, ପ୍ରତିଭା ମିଶ୍ର ଓ ଛାତ୍ର ମସଓ୍ୱର ଅହମ୍ମଦ ଉପସ୍ଥିତ ଥିଲେ। କ୍ୟାପିଟାଲ୍ ହାଇସ୍କୁଲ୍‌ରେ ତାଙ୍କର ଅସାଧାରଣ ଶିକ୍ଷଣ ଓ ପରିଚାଳନା ଦକ୍ଷତା ଦ୍ୱାରା ସେ ଅନେକ ପିଢ଼ିର ଛାତ୍ରଛାତ୍ରୀଙ୍କ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ଏକ ଅନୁପମ ଏବଂ ନୈତିକ ମୂଲ୍ୟବୋଧ ଶିକ୍ଷକ ଥିଲେ ଯିଏକି ଜ୍ଞାନ ଏବଂ ଆଦର୍ଶ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରେରିତ କରିଥିଲେ। ତାଙ୍କର ଏହି ଅପ୍ରତିମ ଅବଦାନ ପାଇଁ ସେ ସଦାସର୍ବଦା ଚିର ସ୍ମରଣୀୟ ହୋଇ ରହିବେ। ତାଙ୍କ ମୃତ୍ୟୁରେ କ୍ୟାପିଟାଲ୍ ହାଇସ୍କୁଲ୍ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନେଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ପ୍ରଶାନ୍ତ କୁମାର ମିଶ୍ର ମୁଖାଗ୍ନି ଦେଇଥିଲେ।

# ବିଶିଷ୍ଟ ଶିଳ୍ପପତି ତାରା ରଞ୍ଜନ ପଟ୍ଟନାୟକ ପୁରସ୍କୃତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଶିଷ୍ଟ ଶିଳ୍ପପତି ତଥା ଫାଲକନ୍ ଗ୍ରୁପ୍‌ର ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକଙ୍କୁ ୱାର୍ଲଡ୍ ଓଡ଼ିଶା ସୋସାଇଟି (ୱାଓସୋ) ପକ୍ଷରୁ ସମ୍ମାନ ଜନକ ରତ୍ନଶ୍ରୀ ପୁରସ୍କାର, ଶ୍ରୀ ପଟ୍ଟନାୟକଙ୍କର ମାନବ ସମ୍ବଳ ସଶକ୍ତିକରଣ, ରାଷ୍ଟ୍ର ନିର୍ମାଣ ଏବଂ ସାମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୱାଓସୋର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ଏବଂ ପୃଷ୍ଠପୋଷକ ତଥା ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା ଭୁବନେଶ୍ୱର ଠାରେ ପ୍ରଦାନ କରୁଛନ୍ତି।

# ଶ୍ରୀ ରାମେଶ୍ୱର ଶୈବ ପୀଠରେ ସାମୂହିକ ବ୍ରତପୋନୟନ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ମହା ଶିବରାତ୍ରୀ ଅବସରରେ ଦ୍ୱିତୀୟ ବାରାଣସୀ କୁହାଯାଉଥିବା ସୋନପୁରର ପ୍ରସିଦ୍ଧ ଶ୍ରୀ ରାମେଶ୍ୱର ଶୈବପୀଠ ଠାରେ ଏକ ସାମୂହିକ ବ୍ରତପୋନୟନ ଉତ୍ସବ ପାଳିତ ହୋଇଯାଇଛି । ଦୀର୍ଘ ୩୫ ବର୍ଷ ଧରି ପାଳିତ ହୋଇଆସୁଥିବା ଏହି ଉତ୍ସବର ସମସ୍ତ ଆୟୋଜନ ଓ ତଦାରଖର ଦାୟିତ୍ୱ ସୋନପୁରର ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀ ମୈଥିଳୀ ମଲ୍ଲିକ କରି ଆସୁଛନ୍ତି । ପ୍ରତିବର୍ଷ ବିଭିନ୍ନ ଅଞ୍ଚଳର ୧୦-୧୧ ଜଣ ଗରିବ ବ୍ରାହ୍ମଣ ପରିବାରର ପିଲାମାନଙ୍କୁ ମାଗଣାରେ ବ୍ରତ କରାଯାଉଥିବା ବେଳେ ଏ ବର୍ଷ ୨୦୨୫ରେ ୧୨ ଜଣ ବାଳକଙ୍କୁ ସାମୂହିକ ବ୍ରତ କରାଯାଇଛି । ପୁରୀ ଶ୍ରୀ ରାମଜୀ ମଠର ମହନ୍ତ ବଂଶୀଧର ଦାଶ ଜୀ ମହାରାଜ ଯୋଗଦେଇ ଏହି ବାଳବ୍ରହ୍ମଚାରୀଙ୍କୁ ଶୁଭେଚ୍ଛା ଆଶୀର୍ବାଦ ପ୍ରଦାନ କରି ନିଃସହାୟ ବ୍ରାହ୍ମଣ ପିଲାମାନଙ୍କ ସାମୂହିକ ବ୍ରତ ପାଳନ ହିଁ ଅସଲ ମାନବୀୟ ଧର୍ମ ବୋଲି ମତ ରଖି ଏହି ଉତ୍ସବର ଆୟୋଜକ ଶ୍ରୀ ମଲ୍ଲିକଙ୍କ ବଦାନ୍ୟତା ଓ ମହାନତାକୁ ପ୍ରଶଂସା କରିଥିଲେ । ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ବିଚାରପତି ଚିତ୍ତ ରଞ୍ଜନ ଦାଶ, ଜିଲ୍ଲା ଯୋଗାଣ ଅଧିକାରୀ, ଅଗ୍ନିଶମ ବାହିନୀ ଅଧିକାରୀ, ନୂତନ ଭାରପ୍ରାପ୍ତ ଥାନା ଅଧିକାରୀଙ୍କ ସମେତ ସହର ତଥା ଜିଲ୍ଲାର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ସମାଜସେବୀ ଓ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଏଠାରେ ଯୋଗଦାନ କରି ବାଳ ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ କରି ସାମୂହିକ ପ୍ରସାଦ ସେବନ କରିଥିଲେ । ପଣ୍ଡିତ ବେଦ ବ୍ୟାସ ମିଶ୍ର, କାଳୀ ଚରଣ ମିଶ୍ର, ଆଶିଷ କୁମାର ମିଶ୍ର, ରାମାନୁଜ ପୂଝାରୀ, ଆନନ୍ଦ ପୂଜାରୀ, ବିଦେଶୀ ବାବୁ, ବାସୁଦେବ ଶତପଥି, ନୀଳମଣି ଓତା, ଟଙ୍କଧର ମିଶ୍ର, ରାଧେଶ୍ୟାମ୍ ପୁରୋହିତ ପ୍ରମୁଖ ପଣ୍ଡିତ ଏହି ବ୍ରତୋପନୋୟନ ଯଜ୍ଞର ଦାୟିତ୍ୱ ତୁଲାଇଥିବା ବେଳେ ନାରାୟଣପୁରର ରୋହନ୍ ଶତପଥି, ରୋସନ୍ ଶତପଥି, ରାୟପାଲି ବିନିକାର ସମୀର ମିଶ୍ର, ଧନୁପାଲି ସମ୍ବଲପୁରର ଚନ୍ଦନ ମିଶ୍ର, ବୁର୍ଲାର ରୁଦ୍ର ନାରାୟଣ ମିଶ୍ର, ପଥର ଟେକା ତରଭାର ଶ୍ରୀତମ ମିଶ୍ର, ସାହାଜ ବାହାଲ ବଲାଙ୍ଗିର ପ୍ରିୟବ୍ରତ ପାଣିଗ୍ରାହି, ତରଭାର ରଞ୍ଜିତ ପଣ୍ଡା, ବଲାଙ୍ଗିରର ଦିଲ୍ଲିପ କୁମାର ଷଡଙ୍ଗୀ ଓ ରାମେଶ୍ୱର କର, ଲୋଇସିଂହାର ଆଶିଷ ତିୱାରୀ ଓ ସଇଁତଲାର ଆନନ୍ଦ ତିୱାରୀ ପ୍ରମୁଖ ୧୨ ଜଣ ବ୍ରାହ୍ମଣ ବ୍ରତ ଧାରୀ ଏହି ଯଜ୍ଞ ଉତ୍ସବରେ ସାମିଲ୍ ରହିଥିବା ବିଷୟ ଆୟୋଜକ ଶ୍ରୀବତ୍ସ ମଲ୍ଲିକ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମ ତଥା ଅତିଥି ସେବାରେ ସମାଜ ସେବୀ ବୈକୁଣ୍ଠ ଶତପଥି, ମନୋରଞ୍ଜନ ତ୍ରିପାଠୀ, ସଞ୍ଜୟ ସାହୁ, ଜୟ କୁମାର ମହଲା, ପ୍ରହଲ୍ଲାଦ ମଲ୍ଲିକ, ସାମ୍ବାଦିକ ରଞ୍ଜନ ବାରିକ, କୋଶଳ ଆବାସିକ ବିଦ୍ୟାଳୟର ଛାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ସୋଆ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ‘ଆମିଟି ୨୦୨୫’

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ବାର୍ଷିକ ମହୋତ୍ସବ ‘ଆମିଟି ୨୦୨୫’ ଫେବୃଆରୀ ୨୧ ଓ ୨୨ରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବକୁ ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଦିବ୍ୟଜ୍ୟୋତି ଦାସ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ଭାରତ ବାୟୋଟେକ୍ ଲିମିଟେଡ୍ ପରିଚାଳିତ ସାପିଜେନ୍ ବାୟୋଲଜିକ୍ସ୍ ପ୍ରାଇଭେଟ୍ ଲିମିଟେଡ୍‌ର ସଭାପତି ଶ୍ୟାମବାବୁ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ସେନାପତି ନିଜ ବକ୍ତବ୍ୟରେ ଫାର୍ମାସୀ ବୃତିରେ ଏପର୍ଯ୍ୟନ୍ତ ଘଟିଥିବା ସମସ୍ତ ପରିବର୍ତ୍ତନ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଅହରହ



ଜ୍ଞାନ ଆହରଣ କରିବା ନିମନ୍ତେ ଉପଦେଶ ଦେଇଥିଲେ । ଏଥିରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜ କ୍ଷେତ୍ରରେ ଶ୍ରେଷ୍ଠ ହେବା ନିମନ୍ତେ ଲକ୍ଷ୍ୟ ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବିଶିଷ୍ଟ ଓଡ଼ିଆ କବି ସୁଷମା ମିଶ୍ର ଏହି ଦିନ ପାଳିତ ହୋଇଥିବା ବିଶ୍ୱ ମାତୃଭାଷା ଦିବସ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ନିଜ ବୃତି ସହ ନିଜର ସଂସ୍କୃତି ପ୍ରତି ଆକର୍ଷିତ ହେବାକୁ ଉପଦେଶ ଦେଇଥିଲେ। ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗ୍ରହଣ ବେଳେ ଦାୟିତ୍ୱପୂର୍ଣ୍ଣ ହେବାକୁ କହିଥିଲେ। ଶିକ୍ଷାଗ୍ରହଣ ସମୟରେ ହିଁ ସେମାନେ ନିଜକୁ ରୂପାନ୍ତରିତ କରିବା ଆବଶ୍ୟକ କାରଣ କାର୍ଯ୍ୟରେ ଯୋଗ ଦେବା ପରେ ସେମାନଙ୍କର ଉତରଦାୟିତ୍ୱ ଅଧିକ ହେବ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ମଧ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଉତ୍କର୍ଷ ପ୍ରତିପାଦିତ କରିବାକୁ କହିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ପତ୍ରିକା ‘ଆରୋନ୍ ୨୦୨୫’ର ବାର୍ଷିକ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ମହୋତ୍ସବ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଇ. ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

# ମେହେନ୍ତର ସଂଘର ଧାରଣା ପ୍ରତ୍ୟାହୃତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ପୌର କାର୍ଯ୍ୟାଳୟ ସମ୍ମୁଖରେ ଆଜକୁ ୮ ଦିନ ଧରି ଧାରଣା ଦେଇଥିବା ଚୌଦ୍ୱାର ଠିକା ମେହେନ୍ତର ସଂଘର ଧାରଣା ପ୍ରତ୍ୟାହୃତ ହୋଇଛି । ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, କାଉନ୍‌ସିଲର ଦିଲ୍ଲିପ କୁମାର ସାହୁ, ଆଶୁତୋଷ ଦାସ, ବିଷ୍ଣୁ ଚରଣ ପରିଡ଼ା ପ୍ରମୁଖ ମଙ୍ଗଳବାର ଦିନ ଆନ୍ଦୋଳନକାରୀଙ୍କୁ ଭେଟି ସେମାନଙ୍କ ୯ ଦଫା ଦାବି ଉପରେ ବିଚାର କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଖୁବ୍‌ଶିଘ୍ର ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।




# ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ଉତ୍ସବ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଶ୍ରୀକ୍ଷେତ୍ର କଲୋନୀ ବରିଷ୍ଠ ନାଗରିକ କ୍ଲବ ତରଫରୁ ବିଶିଷ୍ଟ ସମାଜସେବୀ, ପରୋପକାରୀ ତଥା ପୁରୀ ପୌରପାଳିକାର ଅବସରପ୍ରାପ୍ତ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ପ୍ରଫୁଲ୍ଲ ସୁବୁଦ୍ଧିଙ୍କ ୭୫ବର୍ଷ ବୟସ ପୂର୍ତ୍ତି ଅବସରରେ ସୋମବାର ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ରମେଶ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସର୍ବଶ୍ରୀ ଲକ୍ଷ୍ମୀଧର ମିଶ୍ର, ଡାଃ ନାରାୟଣ ସାହୁ, ନିରଞ୍ଜନ ସାହୁ, ଡଃ ଅଧ୍ୟାପକ ମାଧବ ଚନ୍ଦ୍ର ପଣ୍ଡା ପ୍ରମୁଖ ଭାଷଣ ଦେଇ ସୁବୁଦ୍ଧିଙ୍କ କର୍ମମୟ ଜୀବନ ତଥା କଲୋନୀର ଉନ୍ନତି ସହିତ ବିବିଧ ସମସ୍ୟାର ସମାଧାନ ଦିଗରେ ନିଷ୍ଠାପର ଉଦ୍ୟମ ଓ ସାହାଯ୍ୟକାରୀ ମନୋଭାବର ଭୂୟସୀ ପ୍ରଶଂସା କରିବା ସହିତ ତାଙ୍କର ଦୀର୍ଘ ଓ ନୀରାମୟ ଜୀବନ କାମନା କରିଥିଲେ । ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ମଙ୍ଗଳା ମନ୍ଦିରରେ ଦୀପଦାନ ସହିତ ସମୂହ ପ୍ରାର୍ଥନା କରାଯାଇଥିଲା।

# ଲୁଣା-କରାଣ୍ଡିଆ ପୋଲ ରାସ୍ତା ସଂଯୋଗ ପାଇଁ ଜମି ଅଧିଗ୍ରହଣ ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ତହସିଲ ଅନ୍ତର୍ଗତ ଲୁଣା- କରାଣ୍ଡିଆ ପୋଲ ନିର୍ମାଣ କାର୍ଯ୍ୟ ସରିଥିବାବେଳେ ଏହି ହାଇଲେବୁଲ୍ ପୋଲକୁ ରାସ୍ତା ସଂଯୋଗ କରିବା ପାଇଁ ଜମି ଅଧିଗ୍ରହଣ ଉପଲକ୍ଷେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଲର ଉଭୟ ପାର୍ଶ୍ୱରେ ଥିବା ତିନିଗୋଟି ମୌଜାର ଢିଅବଳରାମପୁର, ତଳଗ୍ରାମ, ବିଲବଳରାମପୁର ପ୍ରଭୃତି ମୌଜାର ଜମି ଏହି ପୋଲକୁ ରାସ୍ତା ସଂଯୋଗ କରିବା ପାଇଁ ଆବଶ୍ୟକ ଥିବାରୁ ଜମି ଅଧିଗ୍ରହଣ ପାଇଁ ସମୀକ୍ଷା କରାଯାଇଛି। ପୋଲକୁ ସଂଯୋଗ କରୁଥିବା ଜମିବାଲାଙ୍କ ଠାରୁ ମୂଲ୍ୟ ଦେଇ ଜମି ନେଇ ରାସ୍ତା ନିର୍ମାଣ ତୁରନ୍ତ ସାରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପୋଲଟି ଚାଲୁ ହେଲେ ହଜାର ହଜାର ଜନସାଧାରଣ ଉପକୃତ ହେବେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆର୍‌ଡି ନିର୍ବାହୀ ଯନ୍ତ୍ରୀ, ମାର୍ଶାଘାଇ ତହସିଲଦାର, ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।



# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ୨୦୨୪-୨୫ ବର୍ଷର ରିପୋର୍ଟ କାର୍ଡ, ପଲ୍ଲବର ଶୁଭ ଉନ୍ମୋଚନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସୋମବାର ଦିନ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗଞ୍ଜାମ, ଖଲ୍ଲିକୋଟ ପକ୍ଷରୁ ଏକ ଦିବସୀୟ ବାର୍ଷିକ ରିପୋର୍ଟ କାର୍ଡ, ପଲ୍ଲବର ଶୁଭ ଉନ୍ମୋଚନ ତଥା ପରବର୍ତ୍ତୀ ଶିକ୍ଷା ବର୍ଷ ପାଇଁ ବିଧିବଦ୍ଧ ଯୋଜନା ପ୍ରସ୍ତୁତି ଉତ୍ସବ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ପ୍ରଶିକ୍ଷକ ନବୀନ ପ୍ରମାଣିକ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡ଼ା ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟ, ପରିବହନ ତଥା ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୁଷଣ ଜେନା ମୁଖ୍ୟ ଅତିଥି, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ବକ୍ତା, କନିଷ୍ଠି ସ୍ଥିତ ଦିବାକର ପଟ୍ଟନାୟକ ବି.ଇଡି ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଲେଖକ ବିମଳ କୁମାର ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଜଗତର ନାଥ



ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ । ପ୍ରତିଷ୍ଠାନର ଛାତ୍ର ଛାତ୍ରୀ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ସଂଗୀତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଶିକ୍ଷକ ଅଜିତ୍ କୁମାର ସେଠୀ । ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡ଼ା ୨୦୨୪-୨୫ ଶିକ୍ଷା ବର୍ଷରେ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ହୋଇଆସୁଥିବା ଅଭିନବ କାର୍ଯ୍ୟକ୍ରମ, ଗଂଜାମ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ ପରିଚାଳିତ କଳା ସମନ୍ୱିତ କାର୍ଯ୍ୟକ୍ରମ, ସାପ୍ତାହିକ ଆକଳନ, ସମାପ୍ତି ସୂଚକ ପରୀକ୍ଷାର ମୂଲ୍ୟାୟନ, ଆକଳନ କରି ତଦନୁଯାୟୀ ତ୍ୱରିତ ପଦକ୍ଷେପ ଗ୍ରହଣ, କ୍ରିୟାତ୍ମକ ଗବେଷଣା, ପ୍ରୟୋଗ, ସମ୍ପୃକ୍ତି, ପ୍ରେରଣା ଆଦି ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ତାଲିମ୍ ପ୍ରସଙ୍ଗରେ ବିଶଦ୍ ଆଲୋଚନା କରିଥିଲେ । ତତ୍ ସହିତ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ପାଇଁ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଅଧ୍ୟକ୍ଷ ଡକ୍ଟର ପରିଡ଼ା ତଥ୍ୟ ଭିତ୍ତିକ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଜେନା ସରକାରଙ୍କ ଶିକ୍ଷାନୀତି, ଯୋଜନା, ସରକାରୀ ବିଦ୍ୟାଳୟର ଶିକ୍ଷକଙ୍କ ପିଲା କିଭଳି ବେସରକାରୀ ଅନୁଷ୍ଠାନ ଅପେକ୍ଷା ସରକାରୀ ବିଦ୍ୟାଳୟରେ ବହୁଳ ସଂଖ୍ୟାରେ ନାମ ଲେଖାଇବେ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ କର୍ତ୍ତବ୍ୟବୋଧ, ସମୟାନୁବର୍ତ୍ତିତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ବିଧାୟକ ଶ୍ରୀ ସେଠୀ ପ୍ରତିଷ୍ଠାନର ପ୍ରଶିକ୍ଷଣ ଶୈଳୀ, ନିୟମିତ ତାଲିମ୍ ପ୍ରଦାନ, ସ୍ୱତନ୍ତ୍ର ଶିକ୍ଷଣ ଧାରା ରାଜ୍ୟରେ ଅନନ୍ୟ ବୋଲି ଅଭିହିତ କରିଥିଲେ । ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶିତ ‘ପଲ୍ଲବ’କୁ ଅତିଥିମାନେ ଶୁଭ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ଏବଂ ପ୍ରଶିକ୍ଷିକା ପ୍ରଜ୍ଞା ପରମିତା । ଆୟୋଜିତ ଉତ୍ସବରେ ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା, ଦେବେନ୍ଦ୍ର ନାଥ ସାହୁ, ନବୀନ ପ୍ରମାଣିକ, ବିଷ୍ଣୁ ନାରାୟଣ ଜେନା, ସୁକୁଲେଇ ଟୁଡୁ, ପ୍ରଶିକ୍ଷିକା ନୀହାରିକା ସାମନ୍ତରାୟ, ନିବେଦିତା ପାଢ଼ୀ, ପ୍ରଜ୍ଞା ପରମିତା, ଲିପି ଶ୍ରୀ ଦେବୀ, ସରୋଜିନୀ ମିଶ୍ର, ଜୟନ୍ତୀ ବେହେରା, କଲ୍ୟାଣୀ କୁମାରୀ ଗୌଡ, ଭାବିଲିତା ନାୟକ, ଗାୟତ୍ରୀ ସ୍ୱାଇଁ, ଅନୁପମା ଦାସ, ବବିତା ସିଂ ନାୟକଙ୍କ ସମେତ ସେକ୍ସନ୍ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, କନିଷ୍ଠ କିରାଣୀ ଆଶିଷ ରଞ୍ଜନ ସେଠୀ, ପ୍ରତିଷ୍ଠାନର କର୍ମଚାରୀ ଜୟଶଙ୍କର ଗୌଡ, ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସମସ୍ତ ପ୍ରକାର ସହଯୋଗ କରିଥିଲେ । ଏହି ଅନୁଷ୍ଠିତ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଆରସିସି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆର୍‌ସିସି, ପ୍ରତିଷ୍ଠାନର ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷାବିତ୍ ଯୋଗଦାନ କରିଥିଲେ ।

# ଧର୍ମପ୍ରାଣା ମହିଳା ରମା ଲେଙ୍କାଙ୍କର ପରଲୋକ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

ନେମାଳ ଥାନା ଅନ୍ତର୍ଗତ ବନ୍ଧୁପୁର ପଞ୍ଚାୟତ ଭାବରଚନ୍ଦ ନିବାସୀ ସମାଜସେବିକା ତଥା ଧର୍ମପ୍ରାଣା ମହିଳା ରମା ଲେଙ୍କାଙ୍କର ୮୩ ବର୍ଷ ବୟସରେ ମହାପ୍ରୟାଣ ହୋଇଯାଇଛି । ଶତାଧିକ ଲୋକଙ୍କ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ମଧ୍ୟରେ ସ୍ୱର୍ଗତା ରମା ଲେଙ୍କାଙ୍କ ମର ଶରୀରକୁ ଶୋକାକୁଳ ପରିବେଶରେ ଚିତ୍ରୋତ୍ପଳା ନଦୀ ପଠାରେ ଅନ୍ତିମ ସତ୍କାର କରାଯାଇଛି । ତାଙ୍କର ଜ୍ୟେଷ୍ଠ ପୁତ୍ର ସନାତନ ଲେଙ୍କା ମୁଖାଗ୍ନି ଦେଇଥିବା ବେଳେ ତାଙ୍କର ତିନି ପୁଅ ବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀ, ନାତୁଣୀ ବୋହୂ, ନାତୁଣୀ ଜ୍ୱାଇଁଙ୍କ ସମେତ ସମସ୍ତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ସ୍ୱର୍ଗତ ରମା ଲେଙ୍କାଙ୍କର ଏହି ଅନ୍ତିମ ସତ୍କାର କାର୍ଯ୍ୟକ୍ରମରେ ତାଙ୍କୁ ଭଲପାଉଥିବା ବହୁ ଜନସାଧାରଣ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ୱର୍ଗତ ଲେଙ୍କା ଜଣେ ସମାଜସେବିକା ଓ ଆଧାତ୍ମିକବାଦି ବ୍ୟକ୍ତିତ୍ୱ ଭାବେ ପରିଚିତ ଥିବା ବେଳେ ସେ ଜଣେ ମିଷ୍ଟଭାଷି, ସ୍ନେହ ବତ୍ସଳ ମହିଳା ଥିଲେ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ । ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି, ସ୍ଥାନୀୟ ଅଞ୍ଚଳର ଅଧିବାସୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।





# ମୁହଁ ବନ୍ଧା ହୋଇ ପଡ଼ିରହିଛି ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଆ ଅସ୍ମିତା, ସଂସ୍କୃତି ଓ ମହାପୁରୁଷଙ୍କ ସମ୍ମାନ ପ୍ରଦର୍ଶନରେ ବିଇଏମ୍‌ସିର ଅବହେଳା ପଦାରେ ପଡ଼ିଛି । ସ୍ପୋର୍ଟସ୍ ଏରିନା ସମ୍ମୁଖରେ ଥିବା ପୋଖରୀ ବନ୍ଧରେ ବିଇଏମ୍‌ସି ପକ୍ଷରୁ ଏକ ପାର୍କ ନିର୍ମାଣ କରାଯାଇଥିଲା । ନିକଟରେ ଶ୍ମଶାନ ଓ ପୋଖରୀ ଥିବା ଯୋଗୁଁ ଉକ୍ତ ପୋଖରୀ ବନ୍ଧରେ ଲୋକେ ନିତ୍ୟକର୍ମ କରି ପରିବେଶ ନଷ୍ଟ କରୁଥିଲେ । ଏହାକୁ ଦୃଷ୍ଟିରେ ରଖି ନିଗମ ପକ୍ଷରୁ ଉକ୍ତ ପୋଖରୀ ବନ୍ଧରେ ପାର୍କ ନିର୍ମାଣ କରାଯାଇଥିଲା । ସେଠାରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । ପାର୍କର ମୁଖ୍ୟ ଫାଟକ ସମ୍ମୁଖରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବିରାଟକାୟ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବା ବେଳେ ପାର୍କ ମଧ୍ୟରେ ଅନ୍ୟ ୪ଟି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ପାର୍କ ନିର୍ମାଣ କାର୍ଯ୍ୟ ଶେଷ ହେବାର ପ୍ରାୟ ଦୀର୍ଘ ଦିନ ବିତି ସାରିଥିବା ବେଳେ ତାହା ଏ ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରିନାହିଁ । ସେହିଭଳି ପାର୍କ ସମ୍ମୁଖରେ ଓ ଭିତରେ ସ୍ଥାପିତ ହୋଇଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଗୁଡ଼ିକ ମଧ ଉନ୍ମୋଚିତ ହୋଇପାରିନାହିଁ । ଫଳରେ ପ୍ରତିଷ୍ଠା ପରଠାରୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଗୁଡ଼ିକର ମୁହଁ ବନ୍ଧା ହୋଇ ପଡ଼ି ରହିଛି । ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଭାଷା ପ୍ରେମୀ ତଥା ଭାଷା ଆନ୍ଦୋଳନର କର୍ମକର୍ତ୍ତା ଡ଼ାକ୍ତର ସାଗର ରଞ୍ଜନ ତ୍ରିପାଠୀ । କେବଳ ବର୍ଷ ବର୍ଷ ଧରି ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ବନ୍ଧା ହୋଇ ରଖାଯାଇଛି । ଏହା ନୁହେଁ ବରଂ ସେଠାକାର ପରିବେଶ ସମ୍ପୂର୍ଣ୍ଣ ଅସ୍ୱାସ୍ଥ୍ୟକର । ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇନଥିବାରୁ ସେଠାରେ ଅଳିଆ ଆବର୍ଜନା ପଡ଼ି ରହୁଛି । ଯାହା ମହାପୁରୁଷମାନଙ୍କ ପ୍ରତି ଅସମ୍ମାନ ବୋଲି ଅଭିଯୋଗ କରିବା ସହିତ ଓଡ଼ିଆ ଅସ୍ମିତା ଓ ସଂସ୍କୃତିକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ତୁରନ୍ତ ପାର୍କର ଲୋକାର୍ପଣ ସହିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିକୁ ବନ୍ଧନମୁକ୍ତ କରିବାକୁ ସେ ଦାବି କରିଛନ୍ତି ।

## ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ: ମହୁଲି ମଦ ଓ ପୋଚ ନଷ୍ଟ ସହ ୨ ଗାଡ଼ି କଲା ଜବତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ଅବକାରୀ ବିଭାଗ ପକ୍ଷରୁ ବେଦବ୍ୟାସ, ରେଲାପୋଷ, ବାଗବୁଡ଼ି ଏବଂ କୁକୁଡ଼ା ଅଞ୍ଚଳକୁ ଚଢ଼ଉ କରି ମୋଟ୍ ୮ ଗୋଟି କେଶ୍ କରାଯାଇଛି ଏବଂ ମୋଟ୍ ୨୫୭ ଲିଟର ବେଆଇନ୍ ମହୁଲି ମଦ ସହିତ ୪୫୦୦ କେଜି ମହୁଲ ପୋଚ ନଷ୍ଟ କରାଯିବା ସହିତ ୨ଟି ମୋଟରସାଇକେଲ୍ ବାରମତ କରାଯାଇଛି । ମୋଟ ୭ଟି claim କେଶ୍ କରାଯାଇଛି ଏବଂ ଗୋଟିଏ unclaimed କେଶ୍ କରାଯାଇଛି । ମୋଟ୍ ୭ ଜଣ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କର ନାମ ହେଲା ଗୋପାଳ ତିର୍କି, ସନ୍ତୋଷ ବଙ୍କର, ଲକ୍ଷ୍ମୀ ସିଂ, ଗୁଡୁ ସଦାର, ସୁନୀଲ ଖାଲଖୋ, ବିଷ୍ଣୁ କଂସାରଲିଆ ଜିତେନ୍ଦ୍ର ସାହା ଏହି ଚଢ଼ଉରେ ଇନ୍ସପେକ୍ଟର ଦିଲ୍ଲୀପ ନାୟକ, O. I. C Rourkela-II ଇଦ୍ରୀଷ ହୁସେନ, ଏସ.ଆଇ ଅଜୟ ପ୍ରଧାନ, O.I.C Rourkela-1 ଆକାଶ ସାହୁ, ଏଏସ୍‌ଆଇ ବିଦ୍ୟୁତ ଭୂଷଣ ଦାସ, ଏଏସ୍‌ଆଇ କୁମାରୀ ଯେମାମଣୀ କିସାନ୍, ଏଏସ୍‌ଆଇ ଲକ୍ଷ୍ମୀ ପଣ୍ଡା, ଶ୍ରୀନିବାସ ବିଶୋଇ, ସୌମ୍ୟରଞ୍ଜନ ସାହୁ, ସୁକାନ୍ତ ଅମାତ, ସୂର୍ଯ୍ୟକାନ୍ତ ସ୍ୱାଇଁ, ସପନ ସାହୁ, ରେଣୁ କିରୋ, ହେମମଞ୍ଜରୀ ବିଶ୍ୱାଳ, କୁମାରୀ ପ୍ରଧାନ, ବିକଟୋରିଆ ଡୁଙ୍ଗଡୁଙ୍ଗ, ପ୍ରଦୀପ, ନିରଞ୍ଜନ ରାଉତ, ଆକାଶ ପଟେଲ୍, ବବୁଲ୍ ସ୍ୱାଇଁ, ତ୍ରିଲୋଚନ ପାଢ଼ୀ, ଅମର ମହାରଣା ଆଦି ସାମିଲ୍ ଥିଲେ ।

### ମହାଶିବରାତ୍ରୀରେ ବିଭିନ୍ନ ଶୈବପୀଠରେ ଶତାଧିକ ଭକ୍ତଙ୍କ ସମାଗମ

## ବିଦେଶୀ ଭକ୍ତମାନେ କଲେ ଆରାଧନା



**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ମହାଶିବରାତ୍ରୀ ଓ ଜାଗର ଉତ୍ସବ ଅବସରରେ ଗାଁଠୁ ସହରର ସମସ୍ତ ଶୈବ ପୀଠ ଚଳଚଞ୍ଚଳ ହୋଇଉଠିଥିଲା । ବାଲିଗୁଡା ତଥା ଏହାର ଆଖପାଖ ପ୍ରମୁଖ ଶିବମନ୍ଦିର ସମେତ ଅନ୍ୟାନ୍ୟା ମନ୍ଦିରରେ ମଧ ଭୋରୁ ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ତଥା ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିବା ସହିତ ମହାଦେବଙ୍କୁ ଦର୍ଶନ କରିଥିଲେ । ଅଞ୍ଚଳର ବିରୁପାକ୍ଷ ମନ୍ଦିର, ରାମେଶ୍ୱର ମନ୍ଦିର, ଦଣ୍ଡପଦରର ଧବଳେଶ୍ୱର ମନ୍ଦିର, ଜଳେଶପଟ୍ଟାର ଜଳେଶ୍ୱର ମନ୍ଦିରରେ ସମସ୍ତ ପ୍ରକାର ନୀତିକାନ୍ତି ସହ ଦିନ ତମାମ ପୂଜା କାର୍ଯ୍ୟକ୍ରମ ଚାଲୁ ରହିଥିଲା । କେବଳ ସେତିକି ନୁହେଁ କନ୍ଧମାଳ ଜିଲ୍ଲାକୁ ଆସୁଥିବା ବିଦେଶୀ ଭକ୍ତମାନେ ଶ୍ରଦ୍ଧାର ସହ ଶିବଆରାଧନା କରିଥିବା ଦେଖିବାକୁ ମିଳିଥିଲା । ଆସ୍ଥା ଓ ବିଶ୍ୱାସର ଶିବରାତ୍ରୀରେ ଉପବାସ କରି ମାନସିକ ରଖିବା ସହ ଉଜାଗର ରହି ଦୀପ ଜାଳିଲେ ରୋଗ ବୈରାଗରୁ ମୁକ୍ତି ମିଳିବ ଏବଂ ଯାହା ମାନସିକ କରିଥିବ ତାହା ନିଶ୍ଚିତ ପୂରଣ ହେବ ବୋଲି ବର୍ଣ୍ଣିତ ରହିଛି । ରାତ୍ରିରେ ମହାଦୀପ ପ୍ରଜ୍ୱଳନ ଏବଂ ମାନସିକ ଓ ଉପବାସ ବ୍ରତରେ ଥିବା ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳିବା ପାଇଁ ପୂଜା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟାରେ ବିଭିନ୍ନ ମନ୍ଦିରରେ ଭଜନ କୀର୍ତ୍ତନ ସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ତେବେ ଭକ୍ତଙ୍କ ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ପରିଚାଳନା କମିଟି ଓ ପୋଲିସ ବିଭାଗ ପକ୍ଷରୁ ମଧ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।



## ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କଲେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚ୍ନ୍ଦ୍ର ଦଣ୍ଡସନା ବୌଦ୍ଧ ବ୍ଲକ୍ ଶଗଡା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟର ପରିଦର୍ଶନ କରିଛନ୍ତି । ଶଗଡା ଗ୍ରାମ ପଞ୍ଚାୟତର ପୌକା, ପାଇକ ବାହାଲ୍, ଝଗଡୁ ଗାଡିଆ, ରୁଗୁଡାପଡା ଆଦି ଗ୍ରାମରେ ପହଞ୍ଚି ପ୍ରକଳ୍ପ ଗୁଡିକ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡିକର କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ।

## ଚେତନା ପକ୍ଷରୁ କୈଶୋର ଜୀବନ ଶକ୍ତି ସମ୍ପର୍କିତ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରୋଟାରି କ୍ଲବ ଭୁବନେଶ୍ୱର ୟୁନିକ୍ ତରଫରୁ, ଚେତନା ଅନୁଷ୍ଠାନର ସହଯୋଗରେ କୈଶୋର ଜୀବନ ଶକ୍ତି (Teen vitality) ସମ୍ପର୍କିତ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ୭ମ ବାଟାଲିୟନ୍ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱରର ୫୦ରୁ ଅଧିକ କିଶୋର ବାଳକ ଏବଂ ବାଳିକା ଯୋଗ ଦେଇଥିଲେ । କିଶୋର ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବରେ ରୋଟାରୀଆନ୍ ଜିଲ୍ଲା ପ୍ରାନ୍ତପାଳ, ଯଜ୍ଞନସିସ ମହାପାତ୍ର ଯୋଗଦେଇ ଏହା ଏକ ସମୟୋଚିତ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅଥିତି ଭାବରେ ଡ଼କ୍ଟର ଯଶୋବନ୍ତ ମହାପାତ୍ର, ବିଭାଗୀୟ ମୁଖ୍ୟ, ଚିକିତ୍ସା ମନୋବିଜ୍ଞାନ, ମାନସିକ ଶିକ୍ଷା ପ୍ରତିଷ୍ଠାନ, କଟକରୁ ଯୋଗଦେଇ କିଶୋର ମାନଙ୍କ ମାନସିକ ବିକାଶର



ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅଦୁର ପ୍ରାକ୍ତନ ସଭାପତି ଆର୍ଯ୍ୟ କୁମାରୀ ପାଣିଗ୍ରାହୀଙ୍କର ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଡ଼କ୍ଟର ବିନୟ ଭୂଷଣ ମହାପାତ୍ର ପରିଚାଳନା କରିଥିଲେ । ପ୍ରାକ୍ତନ ସଭାପତି ଡ଼କ୍ଟର ନାରାୟଣ ଚନ୍ଦ୍ର ପତି, ପ୍ରାରମ୍ଭିକ ମନ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଚେତନା ପରିବାରର ସଭ୍ୟ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା । କ୍ଲବ ସମ୍ପାଦକ, ଦେବୀଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟାର୍ଦ୍ଧରେ ଡ଼କ୍ଟର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନଙ୍କୁ କୈଶୋର ଜୀବନ ଶକ୍ତି ସମ୍ବନ୍ଧିତ କାର୍ଯ୍ୟକଳାପ ମାଧ୍ୟମରେ ଆଲୋଚନା କରାଯାଇଥିଲା । ଏହାକୁ ମାନସିକ ଶିକ୍ଷା ପ୍ରତିଷ୍ଠାନ, କଟକର ଚିକିତ୍ସା ମନୋବିଜ୍ଞାନୀ ମାନେ ପରିଚାଳନା କରିଥିଲେ । ଡ଼କ୍ଟର ବିଚିତ୍ରାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମର ଶେଷ ଟିପ୍ପଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ଲକ୍ଷ୍ମୀକାନ୍ତ ପାଲିତ୍, ମିନତୀ ମହାପାତ୍ର, ଦିବ୍ୟ ରଞ୍ଜନ ଦାଶ, ବୃନ୍ଦାବନ ମଲ୍ଲିକ, ନିରଜ ନୟନ ଦତ୍ତ, ଅନନ୍ତ କିଶୋର ଜେନା, ଅସୀମା ପଣ୍ଡା ପ୍ରମୁଖ ଅନେକ ରୋଟାରୀଆନ୍ ଉପସ୍ଥିତ ରହି କିଶୋର କିଶୋରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଲଲାଟେନ୍ଦୁ କର, ଉପାଧ୍ୟକ୍ଷ ରୋଟାରି ୟୁନିକ୍‌ର କାର୍ଯ୍ୟକ୍ରମ ପାଇଁ ଓ ଚେତନା ପରିବାର ବର୍ଗଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ । ପରିଶେଷରେ ସଭାପତି ରୋଟାରୀଆନ୍ ଲକ୍ଷ୍ମୀକାନ୍ତ ପାଲିତ୍ ଧନ୍ୟବାଦ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ ।

## ମଣ୍ଡିର ଅବ୍ୟବସ୍ଥା ପାଇଁ ୭ ମିଲର୍ ୧୧ ସେକ୍ରେଟେରୀଙ୍କୁ କାରଣ ଦର୍ଶାଅ ନୋଟିସ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ୧୧୮ ଗୋଟି ଧାନମଣ୍ଡିରେ ଧାନକ୍ରୟ ଚାଲିଥିବାରୁ କେତେକ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ହେଉଥିବାର ଖବର ପାଇବା ପରେ ଜିଲ୍ଲାପାଳ ସ୍ୱତିରଞ୍ଜନ ପ୍ରଧାନ ୭ଜଣ ମିଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବାବେଳେ ୨ଜଣ ମିଲରଙ୍କୁ ନିଲମ୍ବିତ କରିଛନ୍ତି । ଏଥିସହିତ ୪ଜଣ କୃଷି ସମବାୟ ସମିତି (ଧାନ ମଣ୍ଡିର) ସଂପାଦକଙ୍କୁ ନିଲମ୍ବିତ କରିଥିବାବେଳେ ୧୧ଜଣ ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ନୋଡାଲ୍ ଅଫିସର୍ ମାନେ ଧାନ କ୍ରୟ ସମୟରେ ମଣ୍ଡିରେ ଉପସ୍ଥିତ ରହିବା ଜରୁରୀ ଥିବାବେଳେ କେତେକ ନୋଡାଲ୍ ଅଫିସର୍ ବିଭିନ୍ନ ଆଳ ଦେଖାଇ ମଣ୍ଡିକୁ ଯାଉନାହାଁନ୍ତି । ଏଥିପାଇଁ ୯ଜଣ ନୋଡାଲ୍ ଅଫିସରଙ୍କୁ ମଧ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ଜଣାପଡିଛି । ତେବେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚାଷୀମାନେ ସେମାନଙ୍କର ଧାନ ବିକ୍ରୟ କରୁଥିବାବେଳେ ସମସ୍ତ ସୁବିଧା ସହଯୋଗ ପାଇବା ସହିତ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଓ କାଟ୍‌ନୀ ଛାଟ୍‌ନୀ ନହୁଏ ସେଥିପ୍ରତି ଦୃଷ୍ଟି ରଖିବା ପାଇଁ ପ୍ରତ୍ୟେକ ମଣ୍ଡିରେ ନୋଡାଲ୍ ଅଫିସର୍ ନିଯୁକ୍ତି ଦିଆଯାଇଥିବା ବେଳେ ଧାନ କ୍ରୟ ସମୟରେ ଏହି ନୋଡାଲ୍ ଅଫିସର୍‌ମାନେ ଅନୁପସ୍ଥିତ ରହୁଥିବାରୁ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଚେତବାନୀ ଦେଇଛନ୍ତି ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆଲୁମିନି କଲୋକ୍ୱିମ୍-୨୦୨୫




**ବାଲେଶ୍ୱର, ନ୍ୟୁଜ୍**

ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନକୁ ପ୍ରାଥମିକତା ଦେବା ଫକୀରମୋହନ ବିଶ୍ୱବିଦ୍ୟାଳୟର ଏକ ମୂଳ ଉଦ୍ଦେଶ୍ୟ ରହିଆସିଛି । ଏହି ପରିପେକ୍ଷୀରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆତ୍ମବିଶ୍ୱାସର ପଥକୁ ମୁଖ୍ୟପ୍ରସଙ୍ଗ ନେଇ ଆଲୁମିନି କଲୋକ୍ୱିମ୍-୨୦୨୫ (ପ୍ରାକ୍ତନ ଛାତ୍ର ସଂସଦ ସମ୍ମିଳନୀ) ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇ ଆତ୍ମବିଶ୍ୱାସ ଓ ଆତ୍ମମୁଗ୍ଧତା ମଧ୍ୟରେ ଫରକ୍, ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସଂଜ୍ଞା, ଆତ୍ମପ୍ରେମୀ ବ୍ୟକ୍ତିବିଶେଷଙ୍କ ଆଚରଣ ବ୍ୟବହାର ଇତ୍ୟାଦି ଅନେକ ବିଷୟରେ ଆଲୋକପାତ କରି ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଅତ୍ୟନ୍ତ ଉଚ୍ଚକୋଟୀର ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ତଥା କୁଳପତି ପ୍ରଫେସର ତ୍ରିପାଠୀ ଖୁବ୍ ସରଳ ତଥା ନିଜ ଅନୁଭୂତିର ଉଦାହରଣ ସହ ଅଭିଭାଷଣ ରଖିଥିଲେ । ଆତ୍ମବିଶ୍ୱାସରୁ ସାହାସର ସୃଷ୍ଟି ଓ ସାହାସରୁ ସ୍ୱୀକୃତି ମିଳିଥାଏ । ତଥା ନିଜ ଲକ୍ଷ୍ୟ ପଛରେ ନିରନ୍ତର କାର୍ଯ୍ୟ ହିଁ ସଫଳତାର ସ୍ୱାଦ ଆଣିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ଏଥିସହ ବିଶ୍ୱବିଦ୍ୟାଳୟ ନିଜର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କର୍ମଚାରୀଙ୍କ ସହ ପୁରାତନ ଛାତ୍ରଛାତ୍ରୀମାନଙ୍କ ଯୋଗୁଁ ସଶକ୍ତ ହୋଇଥାଏ ବୋଲି ଉଲ୍ଲେଖ କରି ବିଶ୍ୱବିଦ୍ୟାଳୟ ପାଇଁ ପ୍ରାକ୍ତନ ଛାତ୍ର ସଂସଦର ନିରବିଚ୍ଛିନ୍ନ ସହଯୋଗ ଓ ଅବଦାନକୁ ପ୍ରଶଂସା କରିଥିଲେ । ଏହି ସମ୍ମିଳନୀରେ ସମ୍ମାନୀତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଦୂରଶିକ୍ଷା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡ଼କ୍ଟର ମୁନେଶ ଚନ୍ଦ୍ର ଅଧିକାରୀ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁକୁମୀନା ଦାସ ପ୍ରମୁଖ ଯୋଗଦେଇ ନିଜର ମୂଲ୍ୟବାନ ଉଦ୍‌ବୋଧନ ପ୍ରଦାନ କରିଥିଲେ । ଏଥିସହିତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦରେ ଯୋଗଦେଇଥିବା ନୂତନ ପରିଚାଳନା ସଦସ୍ୟଙ୍କୁ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାକ୍ତନ ଛାତ୍ର ସଂସଦର ସେକ୍ରେଟେରୀ ଡ଼କ୍ଟର ଦେବଦତ୍ତ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ସଂସଦର ଭାଇସ୍ ପ୍ରେସିଡେଣ୍ଟ ଡ଼କ୍ଟର ମିନତୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରାକ୍ତନ ଛାତ୍ର ସଂସଦର ଜଏଣ୍ଟ ସେକ୍ରେଟେରୀ ଡ଼କ୍ଟର ଜଗନ୍ନାଥ ବେହେରା ସଂଚାଳନ କରିଥିଲେ ଓ ସଂସଦର କୋଷାଧ୍ୟକ୍ଷ ଦେବଦତ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




## ଯାଜପୁରରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଶୁଭାରମ୍ଭ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ତୀର୍ଥଯାତ୍ରୀଙ୍କ ଶିରିଡ଼ି-ନାସିକ୍ ଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ, ଯାଜପୁର ନବକ୍ରିଷ୍ଣ ଜେନା ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ, ପର୍ଯ୍ୟଟନ ବିକାଶ ଅଧିକାରୀ (ସ୍ୱାଧୀନ ଦାୟିତ୍ୱ), ଯାଜପୁର, ସୁଶ୍ରୀ ହିମାଳୟ ତ୍ରିପାଠୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଯାଜପୁର ଜିଲ୍ଲାରେ ସମୁଦାୟ ୧୪୨ଜଣ ବରିଷ୍ଠ ତୀର୍ଥଯାତ୍ରୀ ଶିରିଡି ଓ ନାଶିକ୍ ଯାତ୍ରା କରିଛନ୍ତି । ତୀର୍ଥଯାତ୍ରୀ ମାନେ ବାଲେଶ୍ୱର ରେଳ ଷ୍ଟେସନ୍‌ରୁ ଶିରିଡି-ନାସିକ୍ ଅଭିମୁଖେ ଯାତ୍ରା ପାଇଁ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ । ସେମାନେ ରାତିରେ ବାଲେଶ୍ୱରର ପଦ୍ମାବତୀ ରିସର୍ଟରେ ରହିବେ । ତୀର୍ଥଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ୍‌ଟି ସକାଳ ଘ ୧୧.୪୫ ମି.ରେ ବାଲେଶ୍ୱର ରେଳ ଷ୍ଟେସନ୍‌ରୁ ଛାଡିବ । ଏହି ଯାତ୍ରାକୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପତାକା ଦେଖାଇ ଶୁଭାରମ୍ଭ କରିବେ । ତୀର୍ଥଯାତ୍ରୀମାନେ ୪ ମାର୍ଚ୍ଚ, ୨୦୨୫ରେ ବାଲେଶ୍ୱର ଫେରିବେ । ସେମାନେ ବାଲେଶ୍ୱର ରେଳ ଷ୍ଟେସନ୍‌ରେ ପହଞ୍ଚିବା ପରେ, ସେମାନଙ୍କୁ ବାଲେଶ୍ୱରରୁ ଫେରାଇ ଅଣାଯିବ ଏବଂ ଯାଜପୁରରେ ଥିବା ସେମାନଙ୍କର ଜନ୍ମସ୍ଥାନକୁ ପଠାଯିବ । ବାର୍ଷିକ ନାଗରିକ ତୀର୍ଥ ଯାତ୍ରା ଯୋଜନା, ୨୦୨୪-୨୫ର ଦ୍ୱିତୀୟ ଯାତ୍ରା ଯାଜପୁର ପାଇଁ ଅଯୋଧ୍ୟା-ବାରାଣସୀ ପାଇଁ ୧୮ରୁ ୨୩ ଏପ୍ରିଲ୍, ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୪ବୃ / ୫ଗ୍ରୁ | ୩ | ବୁଶୁରାଶ / ଚନ୍ଦ୍ରଶୁକ୍ଲ |
| ୬ | ୨୪ / ୧୧ | ୧୨ |
| ୭ / ୮କେ | ୯ | ୧୧ / ୧୦ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୨୮ଙ୍କ

**ତା୨୮।୨।୨୦୨୫, ଫାଲ୍ଗୁନ ଦି୧୭ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ-** ଘ୬।୦୮।୦୩ **ଚନ୍ଦ୍ରୋଦୟ-** ପ୍ରାଘ ୬।୧୬।୦୬

**ଅମାବାସ୍ୟା-** ପ୍ରାଘ ୬।୧୫ ପର୍ଯ୍ୟନ୍ତ । **ପ୍ରତିପଦ କ୍ଷୟ-** ରାଘ ୩।୧୬ । **ଶତଭିଷା ନକ୍ଷତ୍ର-** ଦିଘ ୧।୪୦ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ନିଘ ୫।୫୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । ନିଘ ୫।୫୭ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ନିଘ ୫।୫୭ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ପ୍ରାଘ ୬।୧୫ ପରେ ପାଣି କଖାରୁ ରାଘ ୩।୧୬ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୧ ଗତେ ଘ ୬।୫୭ ମଧ୍ୟେ, ଦିଘ ୧୨।୨୨ ଗତେ ଘ ୨।୪୧ ମଧ୍ୟେ । **ପର୍ବୋତ୍ସବ-** ଶରଣ ପଞ୍ଚକ ଶେଷ, ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ ।



**ମେଷ:** ବ୍ୟବସାୟରୁ ଲାଭବାନ୍ ହେବେ । ରୋଜଗାର ମଧ୍ୟମ ଧରଣର ହେବ । କଚେରି ମାମଲାରେ ଶୁଣାଣି ଆପକ୍ଷଣଙ୍କ ସାପେକ୍ଷ ଜନିତ ହେବ । ପରିବାରରେ ସୁଖ ଶାନ୍ତି ବିରାଜମାନ କରିବ । ମନ ଭଲ ରହିବ ।



**ବୃଷ:** ହଠାତ୍ ଦୂରଯାତ୍ରା କରି ସଫଳତା ହାସଲ କରିବେ । ପରୋପକାରୀ ହେବେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଗୃହେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ । ବନ୍ଧୁ ଦର୍ଶନର ସୁଯୋଗ ।



**ମିଥୁନ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ମାନସିକ ଦୁର୍ଶ୍ଚିନ୍ତା ଦେଖାଦେଇପାରେ । ପାରିବାରିକ ଜଞ୍ଜାଳ ଓ ଅଶାନ୍ତି ଦେଖାଦେବାର ସୂଚନା ।



**କର୍କଟ:** ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ରୋଜଗାର ସ୍ଥିର ରହିବ । ପିଲାମାନେ ପାଠ ପଢ଼ାରେ ଆଗେଇବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଶରୀର ସୁସ୍ଥ ରହିବାର ସୂଚନା ।



**ସିଂହ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବୃଦ୍ଧି ପାଇବ । ଘରେ ଆନନ୍ଦ ଦେଖାଦେବ । ସେବା ପୂଜାରେ ଦିନଟି ଅତିବାହିତ ହେବ । ସୁସ୍ୱାଦୁ ଭୋଜନ ପ୍ରାପ୍ତ ହୋଇପାରେ । ମନ ଭଲ ରହିବ ।



**କନ୍ୟା:** ଦେହ ଓ ମନ ଭଲ ରହିବ । କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଦେଖାଦେବାର ସୂଚନା । ପାରିବାରିକ ଜୀବନ ସୁଖମୟ ହେବ । ଆୟ ସ୍ଥିର ରହିବ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ମହିଳମାନେ ସୁଖୀ ହେବେ ।



**ତୁଳା:** ସତ କଥା କହି ଅନ୍ୟମାନଙ୍କ ପାଖରେ ବିରୋଧି ହେବେ । ଶୁଭ ଖବର ପାଇପାରନ୍ତି । ଅର୍ଥ ପ୍ରାପ୍ତିର ସୁଯୋଗ ରହିଛି । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ । ମହିଳାମାନେ ଗର୍ବୀ ହେବେ ।



**ବିଛା:** ଶରୀର ସୁସ୍ଥ ରହିବ । ଦୂରଯାତ୍ରା କରି ବନ୍ଧୁ ମିଳନରୁ ଆପ୍ୟାୟିତ ହେବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଅବ୍ୟାହତ ରହିବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ମନ ଅସ୍ଥିର ରହିବ ।



**ଧନୁ:** ଶୁଭ କାର୍ଯ୍ୟ ପାଇଁ ଦିନଟି ଉତ୍କୃଷ୍ଟ ହେବ । ଶତ୍ରୁ ନାଶ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ରୋଜଗାର ସ୍ଥିର ରହିବ । ପାରିବାରିକ ଜୀବନ ସୁଖମୟ ହେବାର ସୂଚନା ।



**ମକର:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ମୂଲ୍ୟବାନ୍ ଦ୍ରବ୍ୟ ମିଳିପାରେ । ପରୋପକାରୀ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଘରେ ଆନନ୍ଦ ଦେଖାଦେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ ।



**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଆୟର ପରିମାଣ ବଢ଼ିବ । ଦେହ ଭଲ ରହିବ । ସୁସ୍ୱାଦୁ ଭୋଜନ ପ୍ରାପ୍ତ ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରି ଆଗେଇବେ ।



**ମୀନ:** ଆଜି ଆପରଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ । ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହେବ । ମହିଳାମାନେ ଗର୍ବୀ ହେବେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୨୮ଙ୍କ

**ତା୧।୩।୨୦୨୫, ଫାଲ୍ଗୁନ ଦି୧୮ନ, ଶନିବାର**

**ସୂର୍ଯ୍ୟୋଦୟ-** ଘ୬।୦୭।୧୯ **ଚନ୍ଦ୍ରୋଦୟ-** ପ୍ରାଘ ୬।୫୪।୫୭

**ଦ୍ୱିତୀୟା-** ରାଘ ୧୨।୧୦ ପର୍ଯ୍ୟନ୍ତ । **ପୂର୍ବଭାଦ୍ର ନକ୍ଷତ୍ର-** ଦିଘ ୧୧।୨୨ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ରାଘ ୧୨।୧୦ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୨ ଗତେ ଘ ୧।୦୯ ମଧ୍ୟେ, ରାଘ ୮।୧୬ ଗତେ ଘ ୧୦।୪୪ ମଧ୍ୟେ । **ପର୍ବୋତ୍ସବ-** ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା ।

ପ୍ରଭାତୀୟ
31 YEARS
ସମ୍ବାଦ କାଳିକା

# ୭.୫୫ ପ୍ରତିଶତ ରହିଛି ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି। ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'**


ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ସ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୧୩)

## (ଏକ ଐତିହାସିକ ଉପସ୍ଥାପନା)


ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ସେଦିନ ନିଷାର୍ଦ୍ଧରେ ମନ୍ଦିରର ଚତୁର୍ଦ୍ଦିଗକୁ ବନ୍ଦ କରିଦିଆଯିବ। କେବଳ ଘଟ ପରିବର୍ତ୍ତନ କରିବା ପାଇଁ ନିଯୁକ୍ତି ପାଇଥିବା ସେବକମାନେ ମନ୍ଦିର ମଧ୍ୟକୁ ପ୍ରବେଶ କରିବେ। ହାତରେ ନୂଆ ବସ୍ତ୍ରକୁ ଭଲଭାବରେ ଗୁଡାଇଥିବେ। ଆଖିରେ ଅନ୍ଧ ପୁଟୁଳି ବନ୍ଧାଯାଇଥିବ। ରତ୍ନ ସିଂହାସନ ନିକଟକୁ ଯାଇ ତିନୋଟି ମୂର୍ତ୍ତିଙ୍କ ପାଖରେ ତିନି ଜଣ ଛିଡାହୋଇ ପୁରାତନ ମୂର୍ତ୍ତିମାନଙ୍କ ଗର୍ଭରୁ ତିନୋଟି ବ୍ରହ୍ମ ପଦାର୍ଥ ଆଣି ନୂଆ ମୂର୍ତ୍ତିମାନଙ୍କ ଗର୍ଭରେ ରଖିବେ ଅତି ସାବଧାନତା ସହକାରେ। ଏହା ଅତ୍ୟନ୍ତ ଗୋପନୀୟ। ଏଥିରେ ସାମାନ୍ୟଟିକେ ଗୋଳମାଳ ହେଲେ ଘୋର ଅମଙ୍ଗଳ ହୋଇଯିବ। ଏହି କଥା ବିଶର ମହାନ୍ତି ଚିନ୍ତା କରୁଛନ୍ତି କିନ୍ତୁ ସେ ଏବେ କରିବେ କ'ଣ। କିନ୍ତୁ ଏତେ କଥା ଚିନ୍ତାକଲା ବେଳକୁ ରାତି କାହିଁ ? ମୁଣ୍ଡରେ ବାନ୍ଧିଥିବା ଗାମୁଛାକୁ ଡାହାଣ ହାତରେ ଭଲ ଭାବରେ ବାନ୍ଧିଲେ। ଅନ୍ଧପୁଟୁଳି ଆଉ ସେ ବାନ୍ଧି ପାରିବେନି। କାରଣ ଯଦି ସେ ଅନ୍ଧ ପୁଟୁଳି ବାନ୍ଧିବେ, ବ୍ରହ୍ମ ଚିହ୍ନଟରେ ଗୋଳମାଳ ହୋଇଯିବ। ତେଣୁ ସେ ସ୍ଥିର କଲେ ଯେ ନିଜେ ତ ଜଗନ୍ନାଥଙ୍କ ନିକଟରେ ସଂପୂର୍ଣ୍ଣ ସମର୍ପିତ। ଯଦିବି ଏହିଠାରେ ବ୍ରହ୍ମପଦାର୍ଥ ଗୁଡିକୁ ତିନିମୂର୍ତ୍ତିଙ୍କର ଗର୍ଭରୁ ଉଦ୍ଧାର କରିବା ବେଳେ ତାଙ୍କର ଜୀବନ ଚାଲିଯାଏ, ତେବେ ଆସନ୍ତାକାଲି ସକାଳୁ ପ୍ରଚାର ହୋଇଯିବ ଯେ ଗୋଟାଏ ପାଗଳ ବୈଷ୍ଣବ ଦରପୋଡା କାଠ ନିକଟରେ କ'ଣ କରୁଥିଲା, ସେ ମରିଯାଇଛି, ଏହି ଅପବାଦଟା ପ୍ରଚାର ହୋଇଯିବ। କେତେଜଣ ଆସିବେ ମୋ ମଲା ଦେହଟାକୁ ଗଙ୍ଗାପାଣିରେ ଭସେଇ ଦେବେ। ଏତିକି ହେବ ଶେଷରେ। ହସିଲା ବିଶର, ମନେ ମନେ କହୁଥାଏ ଯିଏ ଚାରି ଦଉଡି କାଟିଦେଇ ଜଗନ୍ନାଥଙ୍କ ପାଦତଳରେ ଜୀବନ ସମର୍ପି ଦେଇଛି, ତା'ର ଗୋଟାଏ ବାଦ, ଅପବାଦ, ମାନ, ସମ୍ମାନ, ଜନ୍ମ, ମୃତ୍ୟୁ, ସୁଖ, ଦୁଃଖ କ'ଣ ? ମାରିଲେ ମାରିବେ ଜଗନ୍ନାଥ, ରଖିବେ ରଖିଲେ ଜଗନ୍ନାଥ। ମୋତେ ଜେଜେବାପା ଦିନେ କହିଥିଲେ "ଇରେ ବିଶିଆ, ହରିନାମ ଧରି କୃଷ୍ଣଙ୍କୁ ଭଜନ କରୁଛୁ। ତୁ ଯମୁନା ନଦୀରେ ପଶି ପାରିବୁ ? ବୃନ୍ଦାବନ ଗଲେ ଖିଆ ପିଆ ଛାଡି ଦିନରାତି ହରି ଭଜନ କରିପାରିବୁ, ଭୋକଶୋଷ ବୁଲି ହରିଭଜନ କରିପାରିବୁ ? ଶୀତ, କାକର, ଝଡବର୍ଷା, ନିଦାଘ ଖରାସହି କୀର୍ତ୍ତନିଆଙ୍କ ସାଥିରେ ଦୌଡି ପାରିବୁ ? ଯଦି ପୁରୋଷ୍ତମ ଯିବା ପାଇଁ ଚାହୁଁଛୁ ତେବେ ଯା ଆଉ ପଛକୁ ଫେରିବୁନି। ସଦାବେଳେ ତୋ କୋଥଳିରେ ଚେଳମୂଳି ଔଷଧ ରଖିଥିବୁ, ଯେଉଁଠିକୁ ଯିବୁ ସେହି କୋଥଳିଟି ସଦାବେଳେ ତୋ ପାଖରେ ରଖିଥିବୁ, କେବେ ଭୁଲିବୁନି," ଏହି କଥା ଏବେ ବି ମନେ ଅଛି ବିଶରଙ୍କର, ତେଣୁ ଚିନ୍ତା କ'ଣ। ମୁଣ୍ଡରୁ ଗାମୁଛାଟିକୁ ଭଲ ଭାବେ ଧରି ଡାହାଣ ହାତରେ ଗୁଡାଇ ଦେଲେ। ପ୍ରଥମେ ଖୋଲିଲେ ମହାପ୍ରଭୁ ଜଗନ୍ନାଥଙ୍କ ଗର୍ଭକୁ, ଜୟ ଜଗନ୍ନାଥ କହି ତାଙ୍କ ଗର୍ଭରୁ କାଢିଲେ ବ୍ରହ୍ମ ପଦାର୍ଥକୁ। ଅଣ୍ଟାରେ ବାନ୍ଧିଥିବା ଲମ୍ବା ଚଉଡା ଗାମୁଛାକୁ ଫିଟାଇ ରଖିଲେ ଜଗନ୍ନାଥଙ୍କ ବ୍ରହ୍ମ ପଦାର୍ଥକୁ। ଦ୍ୱିତୀୟଟି ହେଲା ବଳଭଦ୍ରଙ୍କ ଗର୍ଭ ଖୋଲି ସେହି ବ୍ରହ୍ମଙ୍କୁ ମଧ୍ୟ ରଖିଲେ ସେହି ଲମ୍ବା ଗାମୁଛାରେ। ଶେଷରେ ମାଆ ସୁଭଦ୍ରାଙ୍କ ଗର୍ଭକୁ ଖୋଲି ବ୍ରହ୍ମ ପଦାର୍ଥକୁ ଆଣି ସଯତ୍ନରେ ରଖିଲେ ସେହି ଲମ୍ବା ଗାମୁଛାରେ। ତିନୋଟି ବ୍ରହ୍ମ ପଦାର୍ଥକୁ ଅତି ଯତ୍ନରେ ବାନ୍ଧି ଧୀରେ ଧୀରେ ତାଙ୍କର ରହୁଥିବା କୁଟୀର ମଧ୍ୟକୁ ଫେରି ଆସିଲେ। ସେତେବେଳକୁ ମଶାଲଟି ଆପେ ଆପେ ଲିଭିଯାଇଥିଲା। ଭୟ ଆଉନାହିଁ, କେବଳ ଚିନ୍ତା ରହିଲା କେମିତି ସକାଳ ହେଲେ ସେ ଏହି ବୃଦ୍ଧ ଘରୁ ବାହାରି ଚାଲିଯିବ। ଆକାଶରେ ପାହାନ୍ତିଆ ତାରାଟିର ଆଲୋକ ଏପରି ଦୃଶ୍ୟମାନ ହେଉଛି ଯେ ସତେଯେପରି ଜଗନ୍ନାଥ କହୁଛନ୍ତି "ବିଶର ତୁ ମୋତେ ଡରିବୁ ନାହିଁ, ଆରେ ମୁଁ ପରା ତୋ ପାଖେ ପାଖେ ରହିଛି, ତୋର କିଏ କ'ଣ କରିବ ?" ଏହି ବାକ୍ୟଟି କିଏ ତାର ପଛରୁ ବାରମ୍ବାର କହି ଚାଲିଛି।

ନିର୍ବିଘ୍ନରେ କୁଟୀର ମଧ୍ୟରେ ପହଞ୍ଚି ତା'ର ମୃଦଙ୍ଗଙ୍କୁ ବାହାର କରି ସେଥିରେ ତିନୋଟି ବ୍ରହ୍ମକୁ ରଖିଲେ ବିଶର। ମୃଦଙ୍ଗ ଉପରେ ଦୁଇ ପରସ୍ତ ଲାଲ ବର୍ଣ୍ଣର ବସ୍ତ୍ରକୁ ଭଲ ଭାବରେ ବାନ୍ଧିଲା। କୁଟୀର ବାହାରକୁ ଆସି ଦେଖିଲେ ଯେ ଆଉ ଅଳ୍ପ କିଛି ସମୟ ପରେ ପ୍ରତ୍ୟୁଷ ଆରମ୍ଭ ହୋଇଯିବ। ସେ ଆଉ ସମୟ ନଷ୍ଟ ନ କରି ସଙ୍ଗେ ସଙ୍ଗେ ସ୍ନାନ ତର୍ପଣ ସାରି ମୃଦଙ୍ଗଟିକୁ କାନ୍ଧରେ ଝୁଲାଇ ଦେଲା। ବୃଦ୍ଧଙ୍କୁ ଡାକିଦେଇ ବିଶର କହିଲା "ଆଜି ମୁଁ ଏଠାରୁ ଯାଉଛି, ତୁମେ ଦୀର୍ଘଦିନ ଧରି ମୋତେ ଯେପରି ଆଶ୍ରୟ ଦେଇ ତୁମର ସନ୍ତାନ ଭଳି ପାଳିଛ, ପୋଷିଛ, ସେ ପରି ଦୁର୍ଲ୍ଲଭ ଉପକାରକୁ ମୋ ଜୀବନ ବ୍ୟାପି ଯେତେ କୃତଜ୍ଞତା ଜଣାଇଲେ ବି ତାହା ବହୁତ କମ୍ ହେବ। (କ୍ରମଶଃ)

# ଜାତୀୟ ବିଜ୍ଞାନ ଦିବସ:ବୈଜ୍ଞାନିକ ମନୋଭାବ ଏବଂ ନୂତନ ଗବେଷଣାର ପ୍ରତୀକ ଦିବସ



ଭୂମିକା-ଜାତୀୟ ବିଜ୍ଞାନ ଦିବସ ପ୍ରତିବର୍ଷ ଫେବୃଆରୀ ୨୮ ତାରିଖରେ ଭାରତରେ ଶିକ୍ଷା ଅନୁଷ୍ଠାନ ତଥା ବିଭିନ୍ନ ଜାଗାରେ ପାଳନ କରାଯାଏ, ଯାହା ପୃଥିବୀର ଜଣେ ଶ୍ରେଷ୍ଠ ଭାରତୀୟ ପଦାର୍ଥବିଜ୍ଞାନୀ ଡ଼ଃ ସି.ଭି. ରମଣଙ୍କ ଦ୍ୱାରା ୧୯୨୮ ମସିହାରେ 'ରମଣ ପ୍ରଭାବ' (Raman Effect) ଆବିଷ୍କାରକୁ ସ୍ମରଣ କରିବା ପାଇଁ ଉଦ୍ଦିଷ୍ଟ । ବିଜ୍ଞାନର ଏହି ଅଭୁତପୂର୍ବ ଆବିଷ୍କାର ଯୋଗୁଁ, ଡଃ ସି. ଭି. ରମଣଙ୍କୁ ୧୯୩୦ ମସିହାରେ ନୋବେଲ ପୁରସ୍କାର ଦିଆଯାଇଥିଲା। ସେ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ପ୍ରଥମ ଭାରତୀୟ। ଏହି ଦିନଟି ବିଜ୍ଞାନ କ୍ଷେତ୍ରରେ ତାଙ୍କ କାଳଜୟୀ ଅବଦାନକୁ ସ୍ମରଣ କରିବା ସହ ଛାତ୍ରଛାତ୍ରୀ ଏବଂ ଗବେଷଣାରତ ବ୍ୟକ୍ତିମାନଙ୍କ ମଧ୍ୟରେ ବିଜ୍ଞାନ ଅନ୍ୱେଷଣର ମନୋଭାବକୁ ତ୍ୱରାନ୍ୱିତ କରିବା ପାଇଁ ଏକ ମୁଖ୍ୟ ମଞ୍ଚ ହିସାବରେ କାର୍ଯ୍ୟ କରେ।

ଜାତୀୟ ବିଜ୍ଞାନ ଦିବସର ଗୁରୁତ୍ୱ

ଜାତୀୟ ବିଜ୍ଞାନ ଦିବସ ପାଳନର ପ୍ରଧାନ ଉଦ୍ଦେଶ୍ୟ ହେଉଛି 'ବୈଜ୍ଞାନିକ ମନୋଭାବ ବୃଦ୍ଧି କରିବା' ଏବଂ ସମାଜରେ 'ନୂତନ ଗବେଷଣା ଏବଂ ଅନ୍ୱେଷଣର ମନୋଭାବକୁ'ଉତ୍ସାହିତ କରିବା। ଏହା ଶିକ୍ଷାନୁଷ୍ଠାନ, ଗବେଷଣା ପ୍ରତିଷ୍ଠାନ ଏବଂ ବିଜ୍ଞାନୀମାନଙ୍କୁ ବିଜ୍ଞାନ ମନସ୍କ ତଥା ବିଜ୍ଞାନ ଅନ୍ୱେଷଣ ପ୍ରତି ଆକର୍ଷିତ କରିବାରେ ସହାୟତା କରେ ଏବଂ ଏଥି ନିମନ୍ତେ ଏକ ସୁନ୍ଦର ଅବସର ପ୍ରଦାନ କରେ।

ପ୍ରତିବର୍ଷ, ଭାରତ ସରକାର ଏହି ଦିନକୁ ପାଳନ କରିବା ଉଦ୍ଦେଶ୍ୟରେ ଏକ ବିଶେଷ ଥିମ୍ (Theme) ବା ' ବିଷୟବସ୍ତୁ ଘୋଷଣା କରନ୍ତି, ଯାହା ଏକ ନିର୍ଦ୍ଦିଷ୍ଟ ବିଜ୍ଞାନ କ୍ଷେତ୍ରର ଉନ୍ନତିକୁ ଉଦ୍ଦୀପିତ କରିଥାଏ । ଏହି ଥିମ୍‌ଗୁଡ଼ିକ ପ୍ରାୟତଃ ପରିବେଶ ସୁସ୍ଥତା, ବାୟୋଟେକ୍ନୋଲୋଜି, ଅନ୍ତରିକ୍ଷ ଅନ୍ୱେଷଣ, ଏବଂ କୃତ୍ରିମ ବୁଦ୍ଧିମତ୍ତା ଅଭିମୁଖୀ ହୋଇଥାଏ, ଯାହା ଆଧୁନିକ ବିଶ୍ୱର ବିଭିନ୍ନ ସମସ୍ୟାଗୁଡ଼ିକ ସମାଧାନ କ୍ଷେତ୍ରରେ ସାହାୟକ ହୋଇଥାଏ ।

୨୦୨୫ ମସିହାର ଜାତୀୟ ବିଜ୍ଞାନ ଦିବସର ଥିମ ବା' ବିଷୟ ବସ୍ତୁ ହେଉଛି: 'ବିକଶିତ ଭାରତ ଓ ବିଜ୍ଞାନ ଏବଂ ନବୀନସୃଷ୍ଟି ଦିଗରେ ଭାରତୀୟ ଯୁବପୀଢ଼ିଙ୍କ ଶକ୍ତିଶାଳୀ କରଣ'

ଏହି ଥିମଟି ଭାରତୀୟ ଯୁବପୀଢ଼ିଙ୍କୁ ବିଜ୍ଞାନ ଏବଂ ପ୍ରଯୁକ୍ତି ଅନୁସନ୍ଧାନରେ ବିଶ୍ୱ ନେତୃତ୍ୱ ଦେବା ପାଇଁ ଦକ୍ଷତା ଏବଂ ସୁଯୋଗ ଦେବ, ଯାହା ଭାରତକୁ ଗୋଟିଏ ବିକଶିତ ଦେଶରେ ପରିଣତ କରିବ।

ଉତ୍ସବ ଏବଂ କାର୍ଯ୍ୟକ୍ରମ

ଏହି ଅବସରରେ ଭାରତର ବିଭିନ୍ନ ସ୍କୁଲ୍, କଲେଜ୍, ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନମାନଙ୍କରେ ନିମ୍ନଲିଖିତ କାର୍ଯ୍ୟକ୍ରମ ଆୟୋଜନ କରାଯାଏ —

-ବିଜ୍ଞାନ ପ୍ରଦର୍ଶନୀ ଏବଂ ମେଳା ଯେଉଁଠି ଛାତ୍ରଛାତ୍ରୀ ଏବଂ ଗବେଷକମାନେ ନୂତନ ଆବିଷ୍କାର ପ୍ରଦର୍ଶନ କରିଥାନ୍ତି।

- ବିଶିଷ୍ଟ ବିଜ୍ଞାନୀମାନଙ୍କ ଭାଷଣ ଏବଂ ବ୍ୟାଖ୍ୟାନ ଯେଉଁଠି ଯୁବବର୍ଗଙ୍କୁ ବିଜ୍ଞାନମନସ୍କ ହେବା ପାଇଁ ପ୍ରେରଣା ଦିଆଯାଏ।

-ଆଲୋଚନା ଏବଂ ଚର୍ଚ୍ଚା ଯାହା ବୈଜ୍ଞାନିକ ମନୋଭାବ ଓ କୌଶଳମୂଳକ ଚିନ୍ତା ଏବଂ ଉତ୍ସୁକତା ବଢ଼ାଇବା ଦିଗରେ ସାହାଯ୍ୟ କରେ।

- ପ୍ରୟୋଗାଧାରିତ କର୍ମଶାଳା ଯାହା ବିଜ୍ଞାନକୁ ସହଜ ଓ ସରଳ ଓ ଆକର୍ଷଣୀୟ କରି ଉପସ୍ଥାପନ କରେ।

- ବିଜ୍ଞାନ ପ୍ରଚାର ଓ ପ୍ରସାର ଅଭିଯାନ ଯାହା ଗ୍ରାମ୍ୟ ଅଞ୍ଚଳରେ ବିଜ୍ଞାନ ଶିକ୍ଷାର ଗୁରୁତ୍ୱକୁ ଅବଗତ କରାଏ।

ଏହି କାର୍ଯ୍ୟକ୍ରମମାନ ବୈଜ୍ଞାନିକ ମନୋଭାବ ବୃଦ୍ଧି ଏବଂ ନୂତନ ଆବିଷ୍କାର ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବୃଦ୍ଧି କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ।

ଡ଼ଃ ସି.ଭି. ରମଣଙ୍କ ଐତିହ୍ୟ-

ଡ଼ଃ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ଆବିଷ୍କୃତ 'ରମଣ ପ୍ରଭାବ' ଆଲୋକ ବିକ୍ଷେପର ପାରମ୍ପରିକ ଜ୍ଞାନ କୌଶଳକୁ ଏକ ନୂତନ ରୂପ ଦେଲା। ଏହି ପ୍ରକ୍ରିୟା ଦ୍ୱାରା ଆଲୋକ ଏକ ସ୍ୱଚ୍ଛ ରାସାୟନିକ ମାଧ୍ୟମ ମଧ୍ୟରେ ଗମନ କରିବା ସମୟରେ ତାହାର ତରଙ୍ଗର ଦୈର୍ଘ୍ୟ ପରିବର୍ତ୍ତିତ ହୁଏ। ଏହି ଆବିଷ୍କାର ସ୍ପେକ୍ଟ୍ରୋସ୍କୋପି, ଚିକିତ୍ସା ବିଜ୍ଞାନ ତଥା ନିରାମୟ ଏବଂ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ବହୁ ସମସାମୟିକ ବୈଜ୍ଞାନିକମାନଙ୍କୁ ଗବେଷଣା କ୍ଷେତ୍ରରେ ସାହାଯ୍ୟ କଲା ।

ଉପସଂହାର

ଜାତୀୟ ବିଜ୍ଞାନ ଦିବସ ହେଉଛି ବିଜ୍ଞାନର ଜ୍ଞାନକୁ ଅଙ୍ଗୀକାର କରିବା, ଗବେଷଣା କରିବା ଏବଂ ସମ୍ମିଳିତ ତଥ୍ୟ ପ୍ରୟୋଗ ଦ୍ୱାରା ସମାଜକୁ ଉନ୍ନତ କରିବା ନିମନ୍ତେ ଏକ ଆହ୍ୱାନ। ବିଜ୍ଞାନ ଏବଂ ପ୍ରଯୁକ୍ତିରେ ଭାରତକୁ ଆଗକୁ ନେବାରେ ଏହି ଉତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ।

# ସମସ୍ୟା ବଳୟରେ ସହିଦଙ୍କ ସ୍ୱପ୍ନର ଭାରତ


ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ଜାନୁୟାରୀ ୩୦ତାରିଖ ଜାତିର ପିତା ମହାତ୍ମାଗାନ୍ଧିଙ୍କ ୭୭ତମ ତିରୋଧାନ ଦିବସ ଓ ଏଥିସହିତ ସାରା ଦେଶ ପାଳିଥିଲା ସହିଦ ଦିବସ । ସୂଚନାଯୋଗ୍ୟ ଯେ, ଅଗଣିତ ଦେଶପ୍ରାଣ ସଂଗ୍ରାମୀମାନଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଲାଲକିଲ୍ଲା ଉପରେ ଜାତୀୟ ପତାକା ଉତ୍ତୋଳନ କରି ଜାତି ଉଦ୍ଦେଶ୍ୟରେ ଦେଇଥିବା ବେତାରବାଣୀ ଶୁଣି ଦେଶବାସୀ ଆନନ୍ଦରେ ଆତ୍ମହରା ହୋଇଥିଲେ ଓ ଗାଇଥିଲେ - ଆମେ ଚଳାଉଛୁ ଦେଶ ଆମରି, ଆମରି ନାଆରେ ଆମେ ନାଉରୀ । ଇତି ମଧ୍ୟରେ ସ୍ୱାଧୀନତାର ୭୮ବର୍ଷ ଅତିକ୍ରାନ୍ତ ହୋଇଛି । ଏହି ସମୟ ମଧ୍ୟରେ ଏକ ସଫଳ ସାର୍ବଭୌମ ରାଷ୍ଟ୍ର ଭାବେ ଭାରତ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ସେହିପରି ଅନେକ କ୍ଷେତ୍ରରେ ଆମର ସଫଳତା ହାସଲ ହୋଇଛି । ମାତ୍ର କିଛି କ୍ଷେତ୍ରରେ ଏବେବି ଆମେ ପଛୁଆ ରହିଛେ।

ଦେଶରୁ ବିଦେଶୀ ଶାସନ ହଟିଲା ପରେ ଆମେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନ ପାଇଲୁ ଭାରତର ସମ୍ବିଧାନ । ଏହା ଭାରତକୁ ସାର୍ବଭୌମ, ଧର୍ମ ନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କଲା । ୭୮ ବର୍ଷର ଦୀର୍ଘ ପଥ ଅତିକ୍ରମ କରି ଏକ ସ୍ୱାଧନ ରାଷ୍ଟ୍ର ଭାବେ ଭାରତ ବିଶ୍ୱ ଦରବାରରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛି । ସବୁଜ ବିପ୍ଳବ ପରେ ଏଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ପାରିଛି । ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲେଖନୀୟ ସଫଳତା ମିଳିଛି । ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌କଣ୍ଟାଟିଏ ଉତ୍ପାଦନ ହୋଇପାରୁ ନଥିଲା ସେ ଦେଶ ଆଜି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ କାରିଗରିରେ ବିଶ୍ୱର ଗୋଟିଏ ଆଗ ଧାଡ଼ିର ଦେଶ । ଖାଲି ସେତିକିନୁହେଁ, ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି । ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା, ସଫ୍ଟଓୟାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯ୍ୟାଦା ଦେଇଛି । ଶିଳ୍ପ କ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି । ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୪୪ କୋଟି ଟପିସାରିଲାଣି । ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ପ୍ରତିଶତକୁ ବୃଦ୍ଧି ପାଇଛି। ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ବର୍ଷରୁ ୬୫ବର୍ଷକୁ ବୃଦ୍ଧି ପାଇଛି । ବହୁ ଘାତ ପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି ।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହା ହେଉଛି ଏବେ ବି ଭାରତରେ ରହୁଛନ୍ତି ପ୍ରାୟ ୩୫କୋଟି ନିରକ୍ଷର, ୨୬କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶୀକାର ହେଉଥିବା ୪୨ପ୍ରତିଶତ ଶିଶୁ। ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟ ଜଳ ଯୋଗାଇବାରେ ମଧ୍ୟ ଆମେ ବିଫଳ ହୋଇଛୁ। ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ। ଏପରିକି ସମଗ୍ର ବିଶ୍ୱରେ ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ । ଏହାର ମୂଳ କାରଣ ହେଉଛି ଦୁର୍ନୀତି । ବିଡମ୍ବନା ହେଲାଯେ ଏହି ଦୁର୍ନୀତିର ପରିମାଣ କମୁନି ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୨୦୧୧ ମସିହା ଆଦର୍ଶ ହାଉସିଂ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି କାୟାବିସ୍ତାର କରି ଚାଲିଛି। ଏବେ ପୁଣି ଚର୍ଚ୍ଚାକୁ ଆସିଥିଲା ବହୁ ଚର୍ଚ୍ଚିତ ବ୍ୟାପମ୍ ଦୁର୍ନୀତି। ପରିତାପର ବିଷୟ ହେଉଛି ଏହି ଦୁର୍ନୀତିରେ ୪୫ ଜଣଙ୍କ ସନ୍ଦେହଜନକ ମୃତ୍ୟୁ ଘଟି ଘଟିଥିଲା।

ଖାଲିସେତିକି ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୂମି ଥିବା ଲୋକମାନେ। ଦେଶର ସଂସଦ ଓ ବିଧାନ ସଭା ଦେଶବାସୀଙ୍କ ପାଇଁ ମନ୍ଦିର ସଦୃଶ । ଏଠାରେ ଆଇନ ତିଆରି ହୁଏ ଦେଶ ଓ ରାଜ୍ୟ ପାଇଁ ତିଆରି ହୁଏ ଶାସନ ଖସଡା। ଶସ୍ତା ରାଜନୀତି ଦେଶ ପାଇଁ କାଳ। ଜର୍ଜ ବର୍ଣ୍ଣାଡଶଙ୍କ ମତରେ ବୁଦ୍ଧିଜୀବୀମାନେ ରାଜନୀତିକୁ "ସଇତାନର ଆଶ୍ରୟ ସ୍ଥଳୀ" ବୋଲି ଭାବୁଛନ୍ତି। ତେଣୁ ସମାନେ ନିର୍ବାଚନ ପ୍ରକ୍ରିୟାରୁ ନିରାପଦ ଦୂରତାରେ ରହିବାକୁ ପସନ୍ଦ କରୁଛନ୍ତି। ଫଳରେ ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତି ସାଂସଦ ଓ ବିଧାନସଭାକୁ ନିର୍ବାଚିତ ହୋଇ ଆସୁଛନ୍ତି। ବିଗତ ନିର୍ବାଚନରେ ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଧାୟକ ମାନଙ୍କ ମଧ୍ୟରୁ ୩୫ପ୍ରତିଶତ ଜଣଙ୍କ ନାମରେ ଅପରାଧ ମାମଲା ଥିବାବେଳେ ସେଥି ମଧ୍ୟରୁ ୭୬ ଜଣ କୋଟିପତି ତାଲିକାରେ ଅଛନ୍ତି । ସେହିପରି ୩୪ ପ୍ରତିଶତ ସାଂସଦଙ୍କ ବିରୁଦ୍ଧରେ ଅପରାଧ ମାମଲା ଥିବା ବେଳେ ୮୨ ପ୍ରତିଶତ ସାଂସଦ କୋଟିପତି ତାଲିକାରେ ଅଛନ୍ତି । ଜୁନ୍‌ରେ ଶେଷହୋଇଥିବା ୨୦୨୪ ନିର୍ବାଚନରେ ଅପରାଧ ମାମଲାରେ ଜଡିତଥିବା ବିଧାୟକ ଓ ସାଂସଦଙ୍କ ସଂଖ୍ୟା ଆହୁରି ବଢିଛି । ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇ ଦେବା । ସେ ସ୍ୱପ୍ନ ଆଜି ସୁଦୂର ପରାହତ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ଦିନକୁ ଦିନ ଆମ ମା-ଭଉଣୀ ମାନେ ଅସୁରକ୍ଷିତ ଅବସ୍ଥା ଭିତରକୁ ଠେଲି ହୋଇଯାଉଛନ୍ତି । ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଦୁଷ୍କର୍ମର ଏକ ଲମ୍ବା ତାଲିକା । ଗତ ୨୦୧୨ ମସିହା ଡିସେମ୍ବର ମାସର ଏକ ଶୀତ ରାତିରେ ରାଜଧାନୀ ଦଲ୍ଲୀର ଛାତି ଉପରେ ଘଟିଥିଲା ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ଗୋଟିଏ ଚଳନ୍ତା ବସ ଭିତରେ ୨୩ବର୍ଷ ବୟସ୍କା ପାରାମେଡିକାଲ ଛାତ୍ରୀଙ୍କୁ ନରପିଶାଚ ବସ କର୍ମଚାରୀ ଓ ଗୁଣ୍ଡାମାନେ ବଳାତ୍କାର କରିବା ପରେ ବସରୁ ବାହାରକୁ ଫିଙ୍ଗି ଦେଇଥିଲେ । ଏହି ଘଟଣାର ପ୍ରଭାବ ସାରା ଦେଶରେ ସେତେବେଳେ ଆଲୋଡନ ସୃଷ୍ଟି କରିଥିଲା । ନିର୍ଭୟା ଘଟଣାର ୧୨ବର୍ଷ ପରେ କୋଲକତାରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପୁଣିଥରେ ସାରା ଦେଶରେ ଏକ ଦାରୁଣ ପରିସ୍ଥିତି ସୃଷ୍ଟି କରିଛି । ଏପରିକି ଏହି ଘଟଣାକୁ ନେଇ ଆମ ଦେଶର ରାଷ୍ଟ୍ରପତି ଉଦ୍‌ବେଗ ପ୍ରକାଶ କରିବା ସହ ସୀମା ଟପିଛି ମହିଳାଙ୍କ ପ୍ରତି ଅତ୍ୟାଚାର ବୋଲି ସେ କହିଛନ୍ତି । ଏହାଠାରୁ ଭଳି ଲଜ୍ୟାକର ଓ ଅମାନବୀୟ ଘଟଣା ଆଉ କଣ ହୋଇପାରେ ? ଆଜିର ସଭ୍ୟ ସମାଜପ୍ରତି ଏହା ଏକ ଚରମ ଉପହାସ । ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି । ଦୁର୍ନୀତି କଥା ନ କହିବା ଭଲ । ହଜାର ହଜାର ଲୋକ ଆଜି ବି ଦାଦନ ଖଟୁଛନ୍ତି। ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଠିପିଣ୍ଡା ହେଉଛନ୍ତି । ଜାତି ଧର୍ମନାମରେ ସାଂପ୍ରଦାୟିକ ଦଙ୍ଗା ଦେଶର ବିଭିନ୍ନ ସ୍ଥାନରେ ଘଟୁଛି । ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁଲୋକଙ୍କୁ ଦୁଇ ଓଳି ପେଟପୁରା ଆହର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆର ମୁହଁ ମାଡି ପାରିଲେନି । ଏହା ହିଁ କ୍ଷୋଭର ବିଷୟ । କିଛିଦିନ ପୂର୍ବରୁ ଦୀର୍ଘ ୭୦ ବର୍ଷ ପରେ ଧାରା ୩୭୦ ଓ ୩୫-ଏ ଉଚ୍ଛେଦ ସହ ଜାମ୍ମୁ କାଶ୍ମୀର ପୂନର୍ଗଠନ ହୋଇ ଦୁଇଟି କେନ୍ଦ୍ର ଶାସିତ ରାଜ୍ୟ ଭାବେ ଜାମ୍ମୁ କାଶ୍ମୀର ଓ ଲାଦାଖ୍ ମାନ୍ୟତା ପାଇଛନ୍ତି। ଏହା ଆମ ପାଇଁ ଆଶ୍ୱାସନାର ବିଷୟ । ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଗୋଟିଏ ପଟେ ସୁପରପାୱାର ସ୍ୱପ୍ନ ଆମେ ଦେଖୁଥିବା ବେଳେ ଅନ୍ୟପଟେ ଦୁର୍ନୀତି, ଭ୍ରଷ୍ଟାଚାର, ଦାରିଦ୍ର୍ୟ, ବେକାରୀ ଓ ନିରକ୍ଷରତା ଭଳି ସମସ୍ୟା ଆମ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଛି । ଏସବୁ ସମସ୍ୟାକୁ ଗମ୍ଭୀରତାର ସହ ବିଚାର କରି ସମାଧାନ କରିବାକୁ ହେବ । ଏଥିପାଇଁ ଶାସକ ଓ ପ୍ରଶାସକ ଯେତିକି ମାତ୍ରାରେ ଦାୟୀ ଲୋକଙ୍କ ନିକଟରେ ଦେଖା ଦେଇଥିବା ସଚେତନତାର ଅଭାବ ମଧ୍ୟ ସେତିକି ଦାୟୀ । ଏବେବି ସମୟ ଅଛି । ଆମେ ଆମ ମନୋଭାବରେ ପରିବର୍ତ୍ତନ କରି ଦେଶ ପାଇଁ ସମର୍ପିତ ହୋଇ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ଦେଶକୁ ପ୍ରଗତି ପଥରେ ଆଗେଇ ନେଇପାରିବା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଅପଦାର୍ଥ

ସୁଦର୍ଶନ ମହାପାତ୍ର



ଦିବାକର ବାବୁ ପ୍ରତି ଦୁର୍ଗାପୂଜାରେ ଘରେ ଆୟୋଜନ କରିଥାନ୍ତି ମା ଚଣ୍ଡୀଙ୍କ ପୂଜା। ଖୁବ୍ ନୀତିନିୟମରେ ପୂଜା ହୁଏ। ଛୋଟ ବେଳେ ତିନି ପୁଅ ରଘୁ, ରାଜା ଆଉ ରମୁ ମାଆଙ୍କୁ ପୂଜା କାମରେ ସହାୟତା କରନ୍ତି।

ବଡ଼ ହେଲା ବେଳକୁ ଦୁର୍ଗାପୂଜା ସମୟରେ ସ୍କୁଲ କଲେଜ ଛୁଟିଥାଏ ତ ବଡ଼ ଆଉ ସାନ ପୁଅ ଘରକୁ ଆସନ୍ତି। ଚାକିରି କଲା ପରେ ପୁଅ ଦୁହେଁ ଆଗରୁ ନିଜ ନିଜ ଅଫିସରୁ ଛୁଟି ଅନୁମତି ନେଇ ରଖିଥାନ୍ତି। ଘରେ ଏମିତି ମଝିଆଁ ପୁଅ ଥାଏ ତ ଘରେ କୋଳାହଳ ପୂର୍ଣ୍ଣ ପରିବେଶଟିଏ ତିଆରି ହୋଇଯାଏ ଦୁର୍ଗାପୂଜା ଅବସରରେ।

ସୁମତି ପୁଅମାନଙ୍କ ଆଗମନକୁ ଚାତକ ପରି ଚାହିଁଥାନ୍ତି ଯେମିତି। ତାଙ୍କ ମାଆ ମନ ଖୁସିରେ କୁରୁଳି ଉଠେ ସମ୍ଭାବ୍ୟ ଦିନର ବହୁତ ଆଗରୁ। ପିଲାମାନଙ୍କୁ କ'ଣ କ'ଣ ସବୁ ତିଆରି କରି ଖୋଇବେ ତା'ର ସାରଣୀ ଟିଏ ମନେ ମନେ ତିଆରି କରି ରଖିଥାନ୍ତି। ଦୁଇ ପୁଅ ବାହାରେ ରହୁଥିବାରୁ ସେମାନେ ମାଆ ହାତ ପରଷା ଖାଇବାରୁ ବଞ୍ଚିତ ହୁଅନ୍ତି।ଏଇ ପ୍ରସଙ୍ଗରେ ସେ ମାଆଙ୍କୁ ଫୋନ୍ ରେ କହି ମନ ବିଡିବାକୁ ଚେଷ୍ଟା କରନ୍ତି।

ଘରେ ରହିଥିବା ମଝିଆଁ ପୁଅ କେବେ କେମିତି କ'ଣ ଟିକେ ଖାଇବାକୁ କହିଲେ, ମାଆ ପ୍ରାୟତଃ ଏଡାଇ ଯାଏ ଏହି କଥା କହି ଯେ ' ରହ ଆଉ କେଇଦିନ ଯାଉ। ସେମାନେ ସବୁ ଆସନ୍ତୁ।'

ଦୁର୍ଗାପୂଜା ଛଡା କେବେ କେମିତି ଘରକୁ ଆସିଲେ ସେମାନେ ପ୍ରାୟ କୁଣିଆ ଭଳି ଚର୍ଚ୍ଚା ହୁଅନ୍ତି। ସେମାନଙ୍କର ଯେଉଁ ଦିନ ଯାହା ପସନ୍ଦ, ସେସବୁ ଯୋଗାଡରେ ଲାଗି ପଡନ୍ତି ଦିବାକର ବାବୁ ଆଉ ରୋଷେଇବାସରେ ମଜ୍ଜି ଯାଆନ୍ତି ସୁମତି। ଖାଇବାକୁ ବାଢ଼ି ଖୁବ୍ ଆଦର ଯତ୍ନ କରି ବଳେଇ ବଳେଇ ଖୁଆନ୍ତି ସେମାନଙ୍କୁ ।

ଥରେ ସାନପୁଅ ଖାଇବା ପାଖରେ ବସି କହିଲା -' ରାଜା ଭାଇକୁ ଖାଇବାକୁ ଦେଲୁନି ମାଆ.. ?

ଆରଘରୁ ଶୁଭିଲା ବାପା ଙ୍କ ପାଟି 'ସେ ତ ଘରେ ବସି ନିତି ଗେଫୁଛି। ତା କଥା ଚିନ୍ତା କରିବା ଦରକାର ନାହିଁ।'

ରାଜା ମନରେ ଭାବିଲେ ବି କେବେ କହିବାର ଧୃଷ୍ଟତା କରି ନାହିଁ ଯେ, ଯେଉଁ ମାଛ ଭଜା କିମ୍ବା ତରକାରୀ ବଳେଇ ବଳେଇ ସାନପୁଅ କୁ ଖାଇବାକୁ ଦିଆ ଯାଇଛି , ସେଇ ମାଛକୁ ନଇରେ ଜାଲ ପକେଇ ଧରିଛି ଘରେ ବସି ମୋଫତରେ ଖାଉଛି ବୋଲି କୁହାଯାଉଥିବା ସେଇ ମଝିଆ ପୁଅ ରାଜା। ଜମିରେ ଚାଷ କରି ବର୍ଷକ ପାଇଁ ଘରେ ଚାଉଳ, ବିରି ଜମା କରୁଥିବା ମଣିଷ ହିଁ ସେଇ ଅଧା ପାଠୁଆ ପୁଅ।

ଘରର ଯାବତୀୟ କାମ କରୁଥିବା ପୁଅକୁ ଚାକର ସଦୃଶ ବ୍ୟବହାର କରିବାକୁ ପଛାନ୍ତି ନାହିଁ ଦିବାକର ବାବୁ। ପାଠଶାଠ ପଢି ଅନ୍ୟ ଦୁଇ ପୁଅ ମଣିଷ ହୋଇଥିବା ବେଳେ ଏଇ ମଝିଆଁ ଟା ଅମଣିଷ, ଅପଦାର୍ଥ ହୋଇଗଲା ବୋଲି କଥା ପ୍ରସଙ୍ଗରେ ଅନ୍ୟ ମାନଙ୍କ ଆଗରେ କୁହନ୍ତି ଦିବାକର ବାବୁ।

ଦୁଇ ବର୍ଷ ଆଗରୁ ବଡ଼ପୁଅ ରଘୁର ବାହାଘର ଶେଷ ହୋଇଥିଲା, ଆଉ ଗତଥର ଦୁର୍ଗାପୂଜାରେ ସେମାନେ ବାହାରକୁ ବୁଲିବାକୁ ଯିବେ ବୋଲି କହି ଘରକୁ ଆସିନଥିଲେ। ଦୁଃଖକୁ ନିଜ ଭିତରେ ଲୁଚାଇବାକୁ ଚେଷ୍ଟା କରିଥିଲେ ବାପା ମାଆ। ହେଲେ ଏଥର ଦୁର୍ଗାପୂଜାକୁ ପୁରା ଚାରି ଦିନ ଛୁଟି କାଟିବାକୁ ଓଡିଶା ଆସୁଛନ୍ତି ବୋଲି ଖବର ଦେଇଥିଲା ରଘୁ। ସେଥିପାଇଁ ଏଥର ବିଶେଷ ଆୟୋଜନରେ ଲାଗି ପଡ଼ିଥିଲେ ଦିବାକର ବାବୁ ଆଉ ପତ୍ନୀ।

ନିର୍ଦ୍ଦିଷ୍ଟ ସମୟ ଉପନୀତ।

ଆତୁର ହୋଇ ଚାହିଁଛନ୍ତି ବାପା ମାଆ ଦୁଇ ପୁଅଙ୍କ ଆସିଲା ବାଟକୁ। ହେଲେ ଠିକ୍ ଦୁଇଦିନ ଆଗରୁ ସାନପୁଅ ରମୁ କମ୍ପାନୀ କାମରେ ବାହାରକୁ ଯିବାକୁ ପଡିବ ବୋଲି କହି ମନା କଲା ଆସିବାକୁ। ମାଆ ମନଦୁଃଖ କରୁଛି ବୋଲି ଦିବାକର ବାବୁ ପୁଅକୁ ବୁଝେଇବାକୁ ଚେଷ୍ଟା କଲେ ତ ପୁଅ ଉତ୍ତର ଦେଲା -' ମାଆ କ'ଣ ମୋ ଭବିଷ୍ୟତ ସୁରକ୍ଷିତ କରି ପାରିବ କି ? କ'ଣ ଟିକେ କରି ଖାଇବାକୁ ଦେବ ବୋଲି ମୁଁ କମ୍ପାନୀ କାମରେ ଯିବାକୁ ମନା କରିଥାନ୍ତି କେମିତି ? 'ସବୁ ଶୁଣି ଦିବାକର ବାବୁ ଚୁପ୍ ରହିଲେ ଏବଂ ପତ୍ନୀଙ୍କୁ ସାନ୍ତ୍ୱନା ଦେବାରେ ଲାଗିଲେ।

ଦିନ ଦଶଟା ବେଳକୁ ଫ୍ଲାଇଟ ଲ୍ୟାଣ୍ଡ କଲା ବୋଲି ପଚାରି ବୁଝିଲେ ଦିବାକର ବାବୁ। ବଡ଼ପୁଅ ତା ପରିବାର ସହ ଆସୁଛି। କୁନି ନାତି ବି ଆସୁଛି। ପୁଅ ରହିବାକୁ ଥିବା ଘରର ସାଜସଜ୍ଜା ଆଉଥରେ ତନଖି ଦେଖିଲେ ସୁମତି।

ପୁଅ ଆସି ପହଁଚିଲା ତ ସେମାନଙ୍କ ଖାଇବା ପିଇବା ଖବର ବୁଝିବାକୁ ଲାଗି ପଡିଲେ ସୁମତି। ହେଲେ ଏତିକି ବେଳକୁ ରଘୁ କହିଲା -' ମାଆ ଆମେ ସମସ୍ତେ ବାଟରେ ଖାଇ କରି ଆସିଛୁ। ତୁ ବ୍ୟସ୍ତ ହୁଅନି। ଖରାବେଳେ ବି ଜଣେ ବନ୍ଧୁର ବାହାଘରର ଆଜି ରିସେପସନ ଅଛି। ଆମେ ସେଇଠି ଖାଇବୁ।'

ଏଥର ମାଆ ଆଖିରେ ଲୁହ ଟଳମଳ ହେଉଥିଲା।

ସନ୍ଧ୍ୟାବେଳକୁ ରଘୁର ଆଉଥରେ ଫୋନ୍ -' ବାପା, ମିଷ୍ଟିର ବାପା ମାଆ ବାଧ କରୁଛନ୍ତି ତାଙ୍କ ଘରକୁ ଯିବାପାଇଁ। ଏମିତି ତ ବର୍ଷକୁ ଆମେ ଥରେ ଆସୁଛୁ, ସେଠିକି ନଗଲେ ମିଷ୍ଟି ମନଦୁଃଖ କରିବ।'

ବଡ଼ପୁଅର କଥା ସେତିକିରେ ଶେଷ ହେଲା। ଦିବାକର ବାବୁ ନିଜ ଆଡୁ ଫୋନ୍ କାଟିଦେଲେ।

ଫେରିବା ଦିନ ଏୟାର ପୋର୍ଟକୁ ଗଲାବେଳକୁ ରଘୁ ଫୋନ୍ କରି ଜଣାଇ ଦେବାକୁ ଭୁଲିଲା ନାହିଁ। ଦିବାକର ବାବୁଙ୍କ ଇଚ୍ଛା ନଥିଲେ ମଧ ସୁମତିଙ୍କ ବାଧରେ ଏୟାର ପୋର୍ଟ ଅଭିମୁଖେ ଚାଲିଲେ। ସମୟ ଖୁବ୍ କମ୍। ସୁମତିଙ୍କ ହାତ ତିଆରି ବଡି, ବିଭିନ୍ନ ପ୍ରକାର ଆଚାର, ବାଦାମ ଲଡୁ, ଖସା ଲଡୁ ଇତ୍ୟାଦି ଧରି ପୁଅ ହାତରେ ଦେବାକୁ ବିନତି କଲେ ତ ମନାକରି ପାରିଲେନି।

ଇଚ୍ଛା ହେଉଥିଲା କହିବାକୁ -' ଯେଉଁ ପୁଅ ଘରର ପୂଜାକୁ ଅଯଥା କହିପାରେ, ବାପା ମାଆଙ୍କ ଅପେକ୍ଷାକୁ ଅଣଦେଖା କରିପାରେ ତା ପାଇଁ ଏସବୁ ଭେଟି ଦେବା କ'ଣ ଦରକାର ?

ଗାଡିର ଗତି ବଢୁଥିଲା। ଦିବାକର ବାବୁଙ୍କ ଅନ୍ୟମନସ୍କତା ବି ବଢୁଥିଲା। ଦୁର୍ଘଟଣାଗ୍ରସ୍ତ ହେଲେ ଦିବାକର ବାବୁ। ବଡ଼ପୁଅ ସେତେବେଳକୁ ଫ୍ଲାଇଟ ଧରି ସାରିଥିଲା।

ଆଇ ସି ୟୁ ରୁ ପାଞ୍ଚଦିନ ପରେ ବାହାରିଲେ ଦିବାକର ବାବୁ। ଆଖି ଖୋଲିଲେ ତ ସାମ୍ନାରେ ଥିଲା ପତ୍ନୀଙ୍କ ଅଶ୍ରୁ ସଜଳ ମୁହଁ ଏବଂ ଚ୍ୟାମ୍ବର ଡୋରରେ ଲାଗିଥିବା ଗ୍ଲାସ ବାହାରେ ଦିଶୁଥିଲା ରାଜାର ଆକୁଳ ଦୃଷ୍ଟି।

କିଛି ସମୟ ପରେ ରାଜା ବାପାଙ୍କ ପାଖରେ ଠିଆହେଲା।

-'ସେମାନେ କେହି ଆସି ନାହାନ୍ତି।'

-'ନା, ବାପା। କିନ୍ତୁ ସେମାନେ ସବୁଦିନ ଫୋନ୍ କରି ତୁମ କଥା ପଚାରୁଛନ୍ତି। ଏତେ ବାଟରୁ ହଠାତ୍ ଆସି ପାରୁନାହାନ୍ତି ବୋଲି ମନଦୁଃଖ କରୁଛନ୍ତି। ଟଙ୍କା ପଠାଇବା ପାଇଁ କହୁଥିଲେ ଯେ ମାଆ ମନାକଲା।' ଧିରେ କହିଲା ରାଜା।

-' ଯେଉଁ ପୁଅ ନିଜ ଦେହରୁ ରକ୍ତ ନିଗାଡି ତୁମକୁ ବିପଦରୁ ରକ୍ଷା କଲା, ଯେଉଁ ପୁଅ ଓ ତା ସାଙ୍ଗମାନଙ୍କୁ ଅପଦାର୍ଥ ବୋଲି ତୁମେ କୁହ ସେଇମାନେ ଦେବଦୂତ ସାଜି ତୁମପାଇଁ ରାତିଦିନ ଏକାକାର କରି ଦେଇଛନ୍ତି। ଯେଉଁ ପୁଅ ମାଆର ପାଖେ ପାଖେ ରହି ସାନ୍ତ୍ୱନା ଦେଲା ସେଇ ପୁଅ ତୁମ ଆଗରେ ଠିଆ ହୋଇଛି। ପାରୁଚ ତ ତାକୁ ହିଁ ଥରେ ଆଦର କର। ଆଶୀର୍ବାଦ କର। ସେଇ ହିଁ ଆମର ଶ୍ରବଣ କୁମାର। ମୋ ପୁଅ ପାଖରେ ରାଜାଙ୍କ ଭଳି ପଇସା ନାହିଁ ସିନା, ସେ ମନରେ ମହାରାଜା ସୁମତିଙ୍କ କଣ୍ଠରେ କୋହ ବାରି ହେଉଥିଲା।

ପରଦିନ ସକାଳ। ଟିକିଏ ସୁସ୍ଥ ଅନୁଭବ କରୁଥିଲେ ଦିବାକର ବାବୁ। ଖୋଜିଲା ଖୋଜିଲା ଆଖିରେ ଚାହିଁ ଉଚ୍ଚାରଣ କଲେ -' ପୁଅ.. ?'

- ' ଆଜି ତୁମ ଜନ୍ମଦିନ। ମନେ ଅଛି କି ନାହିଁ ? ତୁମ ଅପଦାର୍ଥ ପୁଅ ଯାଇଛି ତୁମପାଇଁ ଚଣ୍ଡୀ ମନ୍ଦିରରେ ଭୋଗ ଲଗେଇବ ବୋଲି। ଏଇ ଆସୁଥିବ।' ହସିକି କହିଲେ ସୁମତି।

ଦିବାକର ବାବୁଙ୍କ ଆଖି ଲୁହ ଛଳଛଳ ଦିଶିଲା।

କୁଞ୍ଜବିହାରୀ ଲେନ, କଟକ
୯୪୩୮୧୭୫୫୪୨

# ହିସାବ ନିକାଶ

ରତ୍ନକାନ୍ତି ମିଶ୍ର



ଅବିନାଶ ମିଶ୍ର କବି ଭାବରେ ପରିଚିତି ପାଇବାକୁ ଖୁବ୍ ଚେଷ୍ଟା କରୁଥିଲା। ତା' କବିତାକୁ ଅନ୍ୟମାନେ ପଢନ୍ତୁ, ତାକୁ କିଛି ଲୋକ ଅନ୍ତତଃ ଜାଣନ୍ତୁ ବୋଲି ସବୁ କବିଙ୍କ ଭଳି ତା'ର ବି ଇଛା ରହିବା ସ୍ୱାଭାବିକ। ଲେଖିଥିବା କବିତା ଗୁଡିକ ବହି ଆକାରରେ ଛାପିବା ପାଇଁ ତା ପାଖରେ ଉପଯୁକ୍ତ ସମ୍ବଳ ନଥିଲା। ପଇସା ଯୋଗାଡ କରି ରଖିଲା ବେଳକୁ କୌଣସି ଏକ ଅତ୍ୟାବଶ୍ୟକ କାମରେ ସେ ପଇସା ସରି ଯାଉଥିଲା। ଏମିତି ଦୁଇ ତିନି ଥର ଅନୁଭୂତି ସାଉଁଟି, ଅବିନାଶ ବହି ଛାପିବା ଇଛାରୁ ଓହରି ଯାଇଥିଲା ।

ସରକାରୀ ଚାକିରୀ ପାଇଁ ଚେଷ୍ଟା କରି ଅସଫଳ ହୋଇ ଅବିନାଶ ଗୋଟିଏ ପ୍ରାଇଭେଟ୍ ସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲା ଏବଂ ତା ସହିତ କିଛି ଟିୟୁସନ ଧରିଥିଲା ନିଅଣ୍ଟିଆ ସଂସାର ଚଳେଇବା ପାଇଁ। ହେଲେ ପିଲା ଦୁହିଁଙ୍କର ପଢା ଖର୍ଚ୍ଚ, ଘରଭଡ଼ା, ଘର ଖର୍ଚ୍ଚ, ବନ୍ଧୁ ବାନ୍ଧବଙ୍କ ପାଇଁ ଖର୍ଚ୍ଚ ଇତ୍ୟାଦିକୁ ହିସାବକୁ ନେଲେ ମାସ ଶେଷକୁ ହାତ ଶୂନ୍ୟ। ଏମିତି ଏକ ପରିସ୍ଥିତିରେ ବହିଟିଏ ଛପେଇବାର ଇଛା ଆସ୍ୱର୍ଦ୍ଧ ଛଡା ଆଉ କ'ଣ ବା ହୋଇପାରେ ??

ଶେଷକୁ ଜଣେ କବି ବନ୍ଧୁଙ୍କ ପରାମର୍ଶକ୍ରମେ ନିଜ ନାଁ କୁ ସୋସିଆଲ ମିଡିଆର 'ଭାବଧାରା' ସାହିତ୍ୟ ଗ୍ରୁପ୍‌ରେ ଯୋଡିଲା। ଏଥର ନିଜ ଲେଖା ସେଇଥିରେ ପୋଷ୍ଟ କରି ଅନ୍ୟ ମାନଙ୍କ ଲେଖାକୁ ବି ପଢ଼ିବାର ସୁଯୋଗ ପାଇଲା।' 'ଭାବଧାରା' ର ସଂପାଦକ ଯେ ଗୋଟିଏ ଦୈନିକ ସମ୍ବାଦପତ୍ରରେ ସାହିତ୍ୟ ପୃଷ୍ଠାର ସମ୍ପାଦକ ରୂପେ ଦାୟିତ୍ୱ ତୁଲାଉଛନ୍ତି ଜାଣି ଖୁବ୍ ଖୁସି ହୋଇଗଲା ସେ।

ଦିନେ ସେଇ ମର୍ମରେ ସମ୍ପାଦକ ମହାଶୟଙ୍କ ପାଖକୁ ଜି-ମେଲ୍‌ରେ ଅନୁରୋଧ ବାର୍ତ୍ତାଟିଏ ମଧ ପଠାଇଲା ସେ। ସୌଭାଗ୍ୟକୁ ସମ୍ପାଦକ ମହୋଦୟ ଅବିନାଶର ଅନୁରୋଧ ରଖିଲେ ଏବଂ ତା'ର ଗୋଟିଏ କବିତା ସମ୍ବାଦପତ୍ରର ସାହିତ୍ୟ ପୃଷ୍ଠାରେ ଛପାଇ ଦେଲେ। ନିଜର ପ୍ରଥମ ମୁଦ୍ରିତ କବିତା ଦେଖି ଖୁସିରେ ଯେମିତି ଗଦଗଦ ହୋଇ ପଡିଲା ଅବିନାଶ। ନିଜର କୃତଜ୍ଞତା ଜଣାଇଲା ସଂପାଦକଙ୍କୁ।

ସମ୍ପାଦକଙ୍କ ଲିଖିତ ପୁସ୍ତକ 'ଜୀବନର ଚଲାପଥେ' କିଣି ସେଇ ଟିକୁ ଧରିଥିବା ଅବସ୍ଥାରେ ଫଟୋ ଉଠାଇ ତାଙ୍କ ପାଖକୁ ପଠାଇବାକୁ ନିର୍ଦ୍ଦେଶ ଆସିଲା ଅକସ୍ମାତ। ଅବିନାଶର ମନେ ପଡ଼ିଲା ସୋସିଆଲ ମିଡିଆରେ ଆଗରୁ ଏମିତିକା ଫଟୋ ଅପଲୋଡ଼୍ ହୋଇଥିଲା। ଅଗତ୍ୟା ସମ୍ପାଦକଙ୍କ ଇଛା ପୂରଣ କରିବାକୁ ବାଧ ହେଲା ସେ। ମନେମନେ ଭାବିଲା ତା ଅନୁରୋଧ ତ ପୂରଣ କରିଥିଲେ ଦିନେ ଏଇ ସମ୍ପାଦକ !

ପର ସପ୍ତାହରେ ତା'ର ଆଉ ଗୋଟିଏ କବିତା ମଧ ଛପା ହେଲା ସେଇ ସମ୍ବାଦପତ୍ରର ସାହିତ୍ୟ ପୃଷ୍ଠାରେ। ଅନୁପ୍ରାଣିତ ହେଲା ଅବିନାଶ। ପ୍ରବଳ ଉତ୍ସାହ ସହକାରେ ଆଉ କେତୋଟି କବିତା ମଧ ସେ ପଠାଇଲା ସମ୍ପାଦକଙ୍କ ପାଖକୁ।

ହେଲେ ପ୍ରାୟ ତିନି ଚାରି ସପ୍ତାହ ଅପେକ୍ଷା କଲେ ବି ଆଉ ତା'ର କବିତା ଛପା ହେଲା ନାହିଁ। ଦିନେ ଦେଖିଲା ସଂପାଦକଙ୍କ ମେସେଜ। ସଂପାଦକଙ୍କ ରଚିତ ଆଉ କେତୋଟି ବହି କିଣିବାକୁ ନିର୍ଦ୍ଦେଶନାମା ଭଳି ବାର୍ତ୍ତା ରହିଥିଲା ସେଇ ମେସେଜରେ।

-'ଏବେ ହଠାତ୍ କିଣି ପାରୁନି। ପରେ ସୁବିଧା ଦେଖି କିଣିବି' ବୋଲି ମେସେଜର ପ୍ରତ୍ୟୁତ୍ତର ଦେଲା ଅବିନାଶ।

ତା ପରେ ଗୋଟିଏ ମାସର ବିରତି। ଅବିନାଶ ଆଉ ଗୋଟିଏ କବିତା ସଂପାଦକଙ୍କ ପାଖକୁ ପଠାଇଲା ଦ୍ୱିଧା ଭାବ ନେଇ। ଉତ୍ତର ଆସିଲା -'ବହୁତ ଲେଖା ଆସୁଛି। ସ୍ଥାନାଭାବ। ଧୈର୍ଯ୍ୟ ଧରନ୍ତୁ। ଅପେକ୍ଷା କରନ୍ତୁ।' ସବୁକିଛି ବୁଝି ପାରିଲା ଅବିନାଶ।' 'ସରି' ଏବଂ 'ଧନ୍ୟବାଦ' ଲେଖି ଉତ୍ତର ଫେରେଇଲା। ଏହା ମଧ୍ୟରେ ଚାରି ମାସ ବିତି ଯାଇଥିଲା। ଅବିନାଶ କିମ୍ବା ସମ୍ପାଦକଙ୍କ ପକ୍ଷରୁ ସକାରାତ୍ମକ ପଦକ୍ଷେପଟିଏ ଆଉ ନିଆଯାଇ ପାରିନଥିଲା... ! ! !

ଆଳି, କେନ୍ଦ୍ରାପଡା

# ଗଡବଡ

ଘନଶ୍ୟାମ ପଲେଇ




ସଜ ଫୁଟା ଫୁଲଟା ପରି ରାମୁର ମୁହଁ ଆଜି କାହିଁ ଟିକେ ଅଧିକ ଝଟକୁ ଥାଏ ସକାଳର କଅଁଳ ଖରା ବାଜି। ଖୁସିରେ ନାଚି ବୁଲୁଥାଏ ମନଟା । ଜଣେ କାହିଁକି ନ ହେବ ଖୁସି କହିଲେ- ଯେବେଠୁଁ ଗାଡି ଚଲେଇଲାଣି କେବେ ଏପରି ଘଟି ନଥିଲା ତା' ଜୀବନେ।

ଯିଏ ବି ଯାହାର ପ୍ରାଇଭେଟ୍ ଗାଡି ଚଲେଇବାକୁ ଡାକେ ଦିନକୁ ତିନିଶହ ହିସାବରେ ଦିଏ ଧରେଇ। ଆଜି କିନ୍ତୁ ମାଲିକଟେ ମିଳିଛି ନିଆରା। ଗାଡି ନେଇ ରାଉରକେଲାରୁ ଟେନସା ଛାଡି ଦେବ ମାଲିକର କର୍ମ କ୍ଷେତ୍ରରେ। ବେଶିରୁ ବେଶି ଦି'ଘଣ୍ଟାର ବାଟ। ଯିବ ଗାଡି ନେଇ ଟେନସା। ସେଇଠି ଗାଡି ସହ ମାଲିକକୁ ଛାଡି ବସ ଧରି ଆସି ଯିବ ପୁଣି। ଦି' ଚାରି ଘଣ୍ଟାର କଥା ତ। ମିଳିଯିବ ନଗଦ ହଜାରେ। ପୁଣି ନାସ୍ତାପାଣି, ଗାଡି ଭଡା ଅଛି ଅଲଗା। ବିଶ୍ୱାସ ନ ହେଲେ ବି ବିଶ୍ୱାସ କରିବାକୁ ପଡୁଥିଲା ରାମୁକୁ। ଖୁଦ୍ ମାଲିକ ତା' ମୋବାଇଲ ନମ୍ବର ଯୋଗାଡ କରି କରିଥିଲେ ଫୋନ୍।

ମାଲିକର ଫୋନ ଆସିଲା—ରାମୁ କୋଉଠି ? ଯିବାକୁ ପ୍ରସ୍ତୁତ ତ.. ?

କଥା ସରିନି ରାମୁ ସଙ୍ଗେ ସଙ୍ଗେ ଉତ୍ତର ଦେଲା- ହଁ ସାର !... ମୁଁ ରେଡି... ଆପଣ ଖାଲି ଘର ଆଡ୍ରେସ ଦେଲେ...ମୁଁ ସାଙ୍ଗେ ସାଙ୍ଗେ ପହଞ୍ଚିଛି।

ମାଲିକ-ନା ନା... ତୁ ଥା... ରିଙ୍ଗ ରୋଡରେ... ମୁଁ ଯାଇ ପହଞ୍ଚିଛି।

ରାମୁ ଖୁସି ମନରେ କରି ଥାଏ ଅପେକ୍ଷା। ରାସ୍ତାରେ କୋଉ ନୂଆ କାରଟେ ଦେଖିଲେ ଦୌଡି ଯାଉଥାଏ କାଳେ ଏଇଟା ହେଇଥିବ ସେଇ ମାଲିକର। ପୁଣି କେତେ ବେଳେ ଦେଖୁଥାଏ କେଉଁ ଦାମିକା କାରକୁ। କଳ୍ପନା କରୁଥାଏ-- ତା' ମାଲିକ କେତେ ବଡ ହୋଇ ନଥିବେ କେଜାଣି ? ଦିନକୁ ମଜୁରି ତିନଶହ ମିଳିବା ଜାଗାରେ ଦେବେ ହଜାରେ। ସେ ଦେଖିବାକୁ ହେଇଥିବେ କେମିତି ? ଏମିତି ନାନା ଭାବନାରେ ଘାଣ୍ଟି ହେଉଥିବା ବେଳେ ସାଇଡରେ ଲାଗି ସାରିଥିଲା ପୁରୁଣା କାରଟିଏ। ଜଣେ ଭଦ୍ରବ୍ୟକ୍ତି ବାହାରି ଆସି କହିଲେ -

-ତମେ ରାମୁ...

-ହଁ ସାର !.. କହି ଗାଡିକୁ ଟିକେ ମୁହଁ ଆମ୍ଭିଲା କରି ଦେଖିଲା ଆଉ ଗାଡି ଚାବି ମାଗିଲା।

-ନା !.. ନା !.. ତମେ ବସିବ... ମୁଁ ଚଲେଇବି ଗାଡି।

ବଡ ଆଶ୍ଚର୍ଯ୍ୟ ଲୋକ। ଏମିତି ମାଲିକ ଆଗରୁ କେବେ ମିଳିନି ଭାଗ୍ୟରେ ! ସିଏ ଯଦି ଚଲେଇବାର ଥିଲା ତାକୁ ଡାକୁଥିଲେ କାହିଁକି ? ଡ୍ରାଇଭର ସିଟରେ ବସିଲେ ମାଲିକ ନିଜେ। ଆଉ କଡକୁ ଡ୍ରାଇଭର ରାମୁ। ଗାଡି ଷ୍ଟାର୍ଟ କଲେ ମାଲିକ। ଦି' ହାବୁକା ଖାଇ ଗାଡି ଗଡିଲା ଆଗକୁ ଧକେଇ ଧକେଇ। ରାମୁ ଅନେଇ ଥାଏ ମାଲିକକୁ-- କେଉଁ ଗ୍ରହରୁ ଓହ୍ଲେଇ ଆସିଥିବା ଏଲିଆନକୁ ଦେଖିଲା ଭଳି।

ମାଲିକ ଗାଡି ଚଲେଇ ଚଲେଇ କହୁଥିଲେ--- ବୁଝିଲୁ ରାମୁ !... ପୁରୁଣା ଗାଡି... ଶୋରୁମରୁ ଏ ଗାଡି ଖଣ୍ଡକ ଆଣିଚି ଦି' ଦିନ ତଳେ। ଏଇ ଭିତରେ ଗାଡି ଚଲେଇବା ଶିଖିବି ଗଲିଣି ମୁଁ। ତୁ ଖାଲି ବସ ଆଉ ଦେଖ। ମୁଁ ଠିକ ଚଲଉଛି କି ନା, ରଖିଥା ଟିକେ ନଜର ମୋ ଉପରେ। ଘାଟି ରାସ୍ତା ତ ପୁଣି ଟେନସା ଭଳି ଘାଟି। ଡର ଅଛି ତେଣୁ ତ ଡାକିଛି ତତେ। କିଛି ହେଲେ ସମ୍ଭାଳି ନେବୁ। ବେକରେ ଫୁଲମାଳ ପିନ୍ଧି ଛେଳିଟି ହାଣ ମୁହଁକୁ ଗଲା ଭଳି ଏଣିକି ଅନୁଭବ କରି ପାରୁଥାଏ ରାମୁ। କାରର ଏସିରେ ବି ତା' ଶରୀର ଗୋଟାପଣେ ଝାଳେଇ ଗଲାଣି। ମନେ ମନେ ଭାବୁ ଥାଏ ଯେଉଁଠି ପ୍ରାପ୍ୟ ଠାରୁ ଅଧିକ ଯଚା ହୁଏ ସେଠି ନିଶ୍ଚେ ଥାଏ କିଛି ନା କିଛି ଗଡବଡ।

ଟେନସା, ସୁନ୍ଦରଗଡ-୪୨,
ମୋ- ୯୪୩୭୭୧୮୫୦୦

# ତରାଜୁ

ବିଜୟଲକ୍ଷ୍ମୀ ପାଣିଗ୍ରାହି

ଆଜିକାଲି ପାଠ ପଢା ଛାଡି ଲୋକ ସମ୍ପର୍କ ବଢ଼େଇବାରେ ଖୁବ ତତ୍ପର ଆଉ ପ୍ରତି ସଭା ସମିତି, ଆନୁଷ୍ଠାନିକ କାର୍ଯ୍ୟ, ଶୋଭାଯାତ୍ରା ଆଦିରେ ଆଗରେ ରହୁଥିବା ପୁଅ ଗୁଣ୍ଡା ଗର୍ଦ୍ଦି କରୁଥିବା ପିଲାଙ୍କ ସହ ମଦ ପିଇ ବିଳମ୍ବରାତିରେ ଫେରୁଥିବାରୁ ବାପା ଶକ୍ତ ଚାପୁଡାଏ ମାରି କହିଲେ, ଏ ବୟସରେ ଇଏ କି ବୁଦ୍ଧି ଧରିଛୁ ? ଘରେ ରୋଗିଣା ମାଆ। ପାଠ ନାଇଁ, ସାଠ ନାଇଁ। ଚାକିରି ବାକିରି ଚୁଲିପଶା ହେଲା। ରୋଜଗାର କଥା ଚିନ୍ତା ନ କରି ମୋ ମାନ ସମ୍ମାନ ସବୁ ମାଟିରେ ମିଶାଉଛୁ। ଚାକିରି କଲେ ତ କନିଆଁ ମିଳନ୍ତା। କି ମଣିଷ ହେବୁ, ଆଉ କେତେଦିନ ଏମିତି ମୁଁ ତୋତେ ପୋଷୁଥିବି। ପୁଅ କହିଲା, ବାପା ! ପାଠ ପଢି କରିବି କ'ଣ ? ଚାକିରିଆ ରୋଜଗାର....ପୁଣି କେତେ ? ଦେଖ ବାପା ! ମୋତେ ଡିଷ୍ଟର୍ବ କରନାହିଁ। ମୁଁ ମୋ ଲାଇଫକୁ ଅପଡେଟ କରୁଛି। ଦେଖିବ କନିଆଁଙ୍କର ଧାଡି ଲାଗିବ। ତୁମେ ଖାଲି ଚୟନ କରିପାରିଲେ ହେଲା। ମୁଁ ଏକ ବ୍ୟବସାୟ ଆରମ୍ଭ କରିଛି। ମଞ୍ଜି ପୋତି ସାରିଛି। ଏବେ ଗଛ ହେବ। ଫଳକୁ ତୁମେ ଦେଖି ରହିଯିବ ବାପା ! ଏ ବର୍ଷ ସଫଳତା ହିଁ ସଫଳତା। ପ୍ରଥମ କଥା ହେଲା, ନେତା ହେଲେ ଦୁଃଖ ଗଲା। ଯଦି ନହେଲି... ବିରୋଧୀଠାରୁ ଡ୍ରପ ହେବା ପାଇଁ ମୋଟା ଡାବୁ ମିଳିଯିବ। ଏହା ବ୍ୟତୀତ ଲୋକ ସମ୍ପର୍କ ତ ସବୁ ସହିତ ଆଟାଚ ରହିଛି। ଆସନ୍ତାକୁ ଚକ୍ରବର୍ତ୍ତୀ ସୁଧ। ଶିକ୍ଷକତା କରୁଥିବା ବାପା ନିରିଖେଇ ଦେଖିଲେ ତାଙ୍କ ଚାକିରିକୁ ଆଉ ପୁଅ ବ୍ୟବସାୟକୁ। ତରାଜୁରେ ତଉଲି ଚାଲିଲେ। ବ୍ୟବସାୟର ପଲାଟା ତଳକୁ ହିଁ ଯାଉଛି ନେତାଙ୍କର ପେନସନ ଭାରରେ। ପୁଅକୁ ପାଣି ଗ୍ଲାସଟେ ଧରେଇ ସେ ପଚାରିଲେ, ତୋ ମାଆ ତ ଔଷଧ ଖାଇ ଶୋଇଗଲାଣି, ମୁଁ ତୋ ପାଇଁ ଖାଇବା ବାଢ଼ିଦେବି ?



ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

# ଉନ୍ମୋଚନ ପର୍ବ

ଲଳିତ ମୋହନ ମିଶ୍ର

ପୁସ୍ତକ ଉନ୍ମୋଚନ ସମାରୋହ ସରିଲା । ବନ୍ଧୁମାନଙ୍କ ମତାମତ ଏବଂ ବାଃ... ବାଃ... ରେ ଗୋଡ ତଳେ ଲାଗୁ ନ ଥାଏ । ନିଜକୁ ବିଭୁତି ପଟ୍ଟନାୟକ, ପ୍ରତିଭା ରାୟ ଏବଂ ରମାକାନ୍ତ ରଥଙ୍କ ଭଳି ଲାଗୁଥାଏ ଗୋବରାକୁ । ପରିସ୍ଥିତି ପୂର୍ବରୁ ଖରାପ ଥିଲା, ସେଥିପାଇଁ ସାଙ୍ଗ ସାଥି ଓ ସାହିତ୍ୟିକ ବନ୍ଧୁମାନେ ପରାମର୍ଶ ଦେଲେ... ଆପଣ ଜଣେ ଜାତୀୟ ସ୍ତରର ଲେଖକ । ଆପଣଙ୍କର ଲେଖାରେ ଜୀବନ ଦର୍ଶନ ଅଛି । ଗୋବରା ମଧ ବେଙ୍ଗ ଫୁଲିଲା ଭଳି ଫୁଲି ଯାଉଥିଲା । କେତେକ କହିଲେ - ଆପଣଙ୍କର ଗୋଟିଏ ପୁସ୍ତକ କରିବା। ସେ ମଧ ତାଙ୍କ କଥାରେ କୂଅକୁ ଡେଇଁ ପଡିଲା । ପୁସ୍ତକକୁ ପ୍ରକାଶିତ କଲେ ଗେଲି ଗୋପାଳିଆ ପ୍ରକାଶନୀ । କେତେ ଜଣ କହିଲେ - ପୁସ୍ତକ ଉନ୍ମୋଚନ ବଡ ସମାରୋହର କରିବା। ଜାତୀୟ ସ୍ତରର ସାହିତ୍ୟିକଙ୍କୁ ଅତିଥି କରିବା। ତୁମ ପୁସ୍ତକ ଉନ୍ମୋଚନ ଯେତେ ଧୂମ୍ ଧାମ୍‌ରେ ହେବ ସେତିକି ଆପଣ ପ୍ରଶଂସିତ ହେବେ ଏବଂ ଆଗକୁ ବଢ଼ିବେ । ପୁସ୍ତକ ରାଜ୍ୟ ଏବଂ ଦେଶର ବଡ ବଡ ପାଠାଗାରରେ ବଡ ବଡ ବହି ଦୋକାନରେ ଉପଲବ୍ଧ ହେବ। କୋଟି କୋଟି ଟଙ୍କାର ରୟାଲଟି ମିଳିବ ।

ସାଙ୍ଗସାଥି ମାନଙ୍କ କଥା ଶୁଣି ଗୋବର୍ଦ୍ଧନ ବାବୁ... ଡାକ ନାମ ଗୋବରା ଆଶ୍ଚର୍ଯ୍ୟ ଚକିତ ହୋଇ ଯାଉଥାଏ । ପୁସ୍ତକ ବିକ୍ରି ହେଲେ କୋଟି କୋଟି ଟଙ୍କା ରୟାଲଟି ମିଳିବ... ସେ ଶ୍ରେଷ୍ଠ ଲେଖକ ହେବ... ଲେଖକ ଭାବରେ ସମ୍ମାନିତ ହେବ... ରୋଜଗାର କରିବ... ତାକୁ ସାରା ବିଶ୍ୱ ଦେଖିବ । ତା'ପରେ ନିଜ ସ୍ଥିତି ଅନୁଯାୟୀ ସେ ବଡ଼ ବଡ଼ ସହରରେ ପ୍ରତିଷ୍ଠିତ ହେବ । ଏହିଭଳି ଦିବା ସ୍ୱପ୍ନରେ ସେ କୁରୁଳି ଉଠୁଥାଏ ।

ବଡ ବଡ ଲେଖକମାନଙ୍କୁ ସାହିତ୍ୟିକ ମାନଙ୍କୁ ନିମନ୍ତ୍ରଣ କରାଗଲା। ସେମାନଙ୍କ ସ୍ଥିତି ଅନୁଯାୟୀ, କାହାକୁ ଟ୍ରେନର ପ୍ରଥମ ଶ୍ରେଣୀ ଟିକେଟ ପଠାଗଲା ତ କାହାକୁ କାର୍‌ରେ ଆସିବା ପାଇଁ କାର୍ ପଠାଗଲା । ସେମାନେ ଆସିବାକୁ ରାଜି ନ ହୋଇଥିଲେ ମଧ କାହା ମାଧ୍ୟମରେ ରାଜି କରାଗଲା ।

ସମସ୍ତଙ୍କୁ ନିଜ ବାସଭବନରେ ରହିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲେ ମଧ.... ବଡ ବଡ ସାହିତ୍ୟିକ ଘରେ ରହିବାକୁ ପସନ୍ଦ ନ କରିବାରୁ ସେମାନଙ୍କୁ ପୂର୍ବ ଦିନ ଠାରୁ ହୋଟେଲରେ ରହିବାର ବ୍ୟବସ୍ଥା କରାଗଲା । ପୁସ୍ତକ ଉନ୍ମୋଚନ ସମାରୋହ ଦିନ ଅତିଥି ପାଠକ ଦର୍ଶକଙ୍କ ଲାଗି ସୁସ୍ୱାଦୁ ଆମିଷ ନିରାମିଷ ମନ୍ଦିର ପ୍ରସାଦ ଇତ୍ୟାଦି ଭୋଜନର ବ୍ୟବସ୍ଥା କରାଗଲା । ପୁସ୍ତକ ଉନ୍ମୋଚନ ଅତି ବର୍ଣ୍ଣାଢ୍ୟ ସହକାରେ ହେଲା। ପୁସ୍ତକ ଉନ୍ମୋଚନ ପ୍ରାରମ୍ଭରେ ସଙ୍ଗୀତ ପରିବେଷଣ କରିବା ସହିତ ବହି ବିଷୟରେ ଗୀତ ଗାଇ ଅଧଘଣ୍ଟା ବିତାଇଦେଲେ । ସାହିତ୍ୟିକମାନେ ଗୋବରାର ପୁସ୍ତକ ବିଷୟରେ ଏତେ ଟେକା ଟେକି କରି କହିଲେ ଯେ, ବିଚାରା ଗୋବରା ଯିବା ସମୟରେ ସେ ଯାତ୍ରା ଭଡ଼ା ସହିତ କିଛି ହାତଖର୍ଚ୍ଚ ମଧ ପକେଟରୁ ବାହାର କରିଦେଲା ।

ସହରର ସମସ୍ତ ଖବରକାଗଜ ପ୍ରିଣ୍ଟ ମିଡିଆ ଉଦୀୟମାନ ସାହିତ୍ୟିକ, ଗୀତିକାର, ବ୍ୟଙ୍ଗଶିଳ୍ପୀ ଗୋବରା ଓ ତାଙ୍କ ପୁସ୍ତକ ବିଷୟରେ ଖବରକାଗଜରେ ଉଲ୍ଲେଖ ରହିଲା। ଲଗାତାର ଦୁଇ ତିନି ଦିନ ଧରି ଖବରକାଗଜରେ ଭିନ୍ନ ଭିନ୍ନ ପୋଜରେ ତାଙ୍କର ଫଟୋ ସହିତ ପ୍ରକାଶ ପାଇଲା। ଟିଭିରେ ପୁସ୍ତକ ଉନ୍ମୋଚନର ଭୁରି ଭୁରି ପ୍ରଶଂସା ସହିତ ଗୋବରା ବାବୁଙ୍କ ହସ ହସ ବଦନ ଦେଖିବାକୁ ମିଳିଲା । ସହରରେ ଏତେ ଚର୍ଚ୍ଚା ହେଉଥିଲା ଯେ, ଗୋବରାଙ୍କ ନାମରେ ଏକ ବୁମ୍-ବୁମ୍ ସୃଷ୍ଟି ହୋଇଥିଲା । ସମୟ ସମୟରେ ସ୍ଥାନୀୟ ସାମ୍ବାଦିକମାନେ ଗୋବରାଙ୍କ ସାକ୍ଷାତକାର ନେବା ପାଇଁ ପହଞ୍ଚିବା ଆରମ୍ଭ କରିଦେଲେ। ସାମ୍ବାଦିକମାନଙ୍କ ଆଗମନ ଦେଖି ଥଣ୍ଡା ଚା କଫି ଏବଂ ଖାଇବା ପିଇବାର ବ୍ୟବସ୍ଥା ଚାଲିଲା । ଏହି ନାମକୁ ନେଇ ଏତେ ଚର୍ଚ୍ଚା କାହିଁକି ହେଉଛି.. ଆଶ୍ଚର୍ଯ୍ୟ ଲାଗୁଥିଲା । ଏପଟେ ଗୋବର୍ଦ୍ଧନ ପୂର୍ବରୁ ଯେତେ ଉତ୍ସାହୀ ଥିଲେ, ବେଳକୁ ବେଳ ତାଙ୍କ ମୁଖମଣ୍ଡଳରେ ଉଦାସର ଛାପ ପରିଲକ୍ଷିତ ହେଉଥିଲା ।

ଅଜାଗା ଘା' ଦେଖି ହେଉନି କି ଦେଖେଇ ହେଉନି... ସମାରୋହ ଶେଷ ହେବାର ଏହା ଭିତରେ ଏକ ମାସ ବିତିଗଲାଣି। ସମାରୋହର ଖର୍ଚ୍ଚ ହିସାବ କଲା ବେଳକୁ ପୂରା ଖର୍ଚ୍ଚ ଥିଲା ଦୁଇରୁ ଅଢ଼େଇ ଲକ୍ଷ ଟଙ୍କା । ବନ୍ଧୁ ମାନଙ୍କୁ କହିବ ନ କହିବ ଭାବି ଶେଷରେ କହିଲା, ବନ୍ଧୁ ମାନେ କହିଲେ ଅପେକ୍ଷା କର - ଏକ ବର୍ଷ ଭିତରେ ଯେତିକି ରୟାଲ୍ଟି ଆସିବ... ଏଇ ଖର୍ଚ୍ଚ ତା'ଆଗରେ କିଛି ନୁହେଁ । ଆଶା ବାନ୍ଧି ମନକୁ ବୁଝାଇ ଦେଲା ଗୋବରା ।

ସମସ୍ତ ଖର୍ଚ୍ଚ ଓ ଚିନ୍ତାକୁ ଭୁଲି ଗୋବରା ପୁଣି ଆଗେଇ ଚାଲିଲା । ପଛ କଥାକୁ କାନ୍ଥର ଝୁଲା ମୁଣିରେ ଝୁଲାଇ ଦେଲା। ବର୍ଷେ ଭିତରେ ସେ ଆଉ ଦୁଇ ତିନୋଟି ପୁସ୍ତକ ପାଇଁ ଲେଖି ସାରିଲାଣି । ସହରର କିଛି ଉଦୀୟମାନ ସାହିତ୍ୟିକ ଗୋବରାକୁ ଏତେ ଭଲ ପାଉଥିଲେ ଯେ ସେମାନେ ପ୍ରାୟ ଗୋବରା ଘରକୁ ଯିବା ଆସିବା ଆରମ୍ଭ କରିଦେଲେ। ଖାଲି ଯିବା ଆସିବା କରୁ ନ ଥିଲେ ତା ସହିତ ପ୍ରୀତି ବଢାଇ ଦେଲେ । ଗୋବରା ମଧ୍ୟ ଅତିଥି ଅଭ୍ୟର୍ଥନାରେ କୌଣସି କମି କରୁ ନ ଥିଲା । ଯିବା ବେଳେ ଅତିଥି ମାନଙ୍କୁ କିଛି ଫଳ ଫୁଲ ଦେବାକୁ ମଧ ଭୁଲି ନଥିଲା । ଏପଟେ ସ୍ତ୍ରୀ ଏସବୁକୁ ପ୍ରଥମେ ପ୍ରଥମେ ସହଜ ଓ ସାବଲୀଳ ଢଙ୍ଗରେ ହଜମ କରି ଦେଉଥିଲା କିନ୍ତୁ ରୋଜ ରୋଜ ଏସବୁ ଚାଲିବାରୁ ତାକୁ ଟିକେ ଖାପ ଛଡା ଲାଗୁଥିଲା । ଗୋବରା ସ୍ତ୍ରୀ'କୁ ବୁଝାଇ ଦେଉଥିଲା । ସେପଟେ ବଡ ସାହିତ୍ୟିକ କହି କିଏ ମଞ୍ଚରେ ଅତିଥି କଲେଣି ତ କିଏ ବଡ ବଡ ମାନପତ୍ର ଦେଇ ସମ୍ବର୍ଦ୍ଧିତ କଲେଣି କିନ୍ତୁ ଗୋବରା ଯେଉଁଠିକି ଯାଏ ତିନି ଚାରି ହଜାର ଦେବାରେ କଞ୍ଜୁସ କରେ ନାହିଁ ।

ଏବେ ସେ ବଡ ସାହିତ୍ୟିକ... ପବନ ଭଳି ଆକାଶରେ ଉଡୁଥାଏ.. କୁହୁଡିରେ ପହଁରୁଥାଏ । ବେଳେବେଳେ ସ୍ତ୍ରୀ ରାଗରେ କୁହେ 'ଏ ସବୁରେ କ'ଣ ମିଳୁଛି' ? ସେ ଆବଶ୍ୟକତାଠାରୁ ଅଧିକ କଥା କହି ପକାଏ । ଗୋବରା ସବୁ ସହିନିଏ । କେତେ କହିଲେ ଏବେ ରୟାଲ୍ଟି ଚେକ୍ ଆସିବାର ସମୟ... ବ୍ୟସ୍ତ କାହିଁକି ହେଉଛୁ । ଦିନେ ଯେତେବେଳେ ପୋଷ୍ଟମ୍ୟାନ୍ ଏକ ଖାମ୍‌ରେ ଚେକ୍ ଦେଇ ଗଲା । ସେ ଅନୁଭବ କରୁଥିଲା 'ମୋର ଜନ୍ମ ସାର୍ଥକ ହେଲା' । ସ୍ତ୍ରୀ କୁ କହିଲା ଦେଖିଲୁ ତ ଏବେ... ଲିଫାଫାଟି ଚିରି ଚେକ୍ ଟିକୁ କାଢି ଧିରେ ସନ୍ତର୍ପଣରେ ଦେଖିଲା । ଚେକ୍ ରେ ରୟାଲ୍ଟିର ପରିମାଣ ଦେଖି ତାର ସବୁ ସ୍ୱପ୍ନ ମାଟିରେ ମିଶିଗଲା । ମୋଟ୍ ବାର ଶହ ଟଙ୍କାର ରୟାଲ୍ଟି ଚେକ୍ ଥିଲା। ସେହି ମୁହୂର୍ତ୍ତରେ ତାର ଦେହଟି ଥରି ଉଠିଲା... ନିରୁତ୍ସାହିତର ବହ୍ନିରେ ସେ ଦଗ୍ଧୀଭୂତ ହେବାକୁ ଲାଗିଲା।

ସେ ଅନୁଭବ କରୁଥିଲା, ଆଜି ଯଦି ତା'ର ଚାକିରିଟି ନଥାନ୍ତା ତେବେ ସେ କ'ଣ କରିଥାନ୍ତା ? ହୁଏତ ପିଲାମାନଙ୍କୁ ନେଇ ଗାଁକୁ ଫେରିବାକୁ ପଡ଼ିଥାନ୍ତା ବା ବାପାର ମାଣେ ଦୁଇ ମାଣ ଜମି ବିକି ଏସବୁ ପରିଶୋଧ କରିବାକୁ ପଡିଥାଆନ୍ତା । ଆଜି ତାର ପୁସ୍ତକ ଉନ୍ମୋଚନର ମଜା ବାହାରି ପଡୁଛି । ସେ ତ ଆଉ ପଛକୁ ଫେରିବାକୁ ଇଚ୍ଛା କରୁନାହିଁ । କିନ୍ତୁ କାହା କଥାରେ ଆବେଗରେ ଆବେଶରେ ପଡିବାକୁ ଆଉ ଇଚ୍ଛା କରିବ ନାହିଁ ବୋଲି ପ୍ରତିଶ୍ରୁତିବଦ୍ଧ । ଲେଖିବାର ଯାତ୍ରା ଜାରି ରହିବ, କିନ୍ତୁ ପୁସ୍ତକ ଉନ୍ମୋଚନ ଏକ ହାଲୁକା ସମାରୋହରେ ହେବ ନଚେତ୍ ନ ହେଲେ ଚଳିବ । ଆଜି ସେ ବୁଝିପାରୁଛି ଯେ, ତାର ବାପା ସେଦିନ ସେ'କଥାଟି କାହିଁକି କହିଥିଲେ - ପୁଅ... ଚାଦରକୁ ଦେଖି ଗୋଡକୁ ଲମ୍ବା। ନଚେତ୍ ପାଦ ବାହାରେ ରହିଲେ ଶୀତ ଲାଗିବ । ଚଦର ଘୋଡି ହେବାର କିଛି ମୂଲ୍ୟ ରହିବ ନାହିଁ । ବାପାଙ୍କ କଥା ଆଜି ମୋତେ ସତ ଲାଗୁଛି । ଲୋକେ'ତ କହିଦେବେ କିନ୍ତୁ ନିଜର ସେତିକି ଗୁଣ ଗାରିମା ଧୈର୍ଯ୍ୟ ଅର୍ଥ ଥିବା ଦରକାର...



ଅରବିନ୍ଦ ନଗର,
ନୟାଗଡ଼, ମୋ-୯୪୩୭୯୮୫୮୬୬

# ଦିଲ୍ଲୀ କ୍ୟାପିଟାଲସକୁ ଫେରିଲେ କେଭିନ ପିଟରସନ



**ନୂଆଦିଲ୍ଲୀ**

ଦିଲ୍ଲୀ କ୍ୟାପିଟାଲସ ଇଂଲଣ୍ଡର ପୂର୍ବତନ ଅଧିନାୟକ କେଭିନ ପିଟରସନଙ୍କୁ ଆଇପିଏଲ ୨୦୨୫ ପାଇଁ ଏହାର ମେଣ୍ଟର ଭାବରେ ନିଯୁକ୍ତ କରିଛି। ଦିଲ୍ଲୀ କ୍ୟାପିଟାଲସ ସମେତ ଆଇପିଏଲରେ ଅନେକ ଦଳ ପାଇଁ ପିଟରସନ ଖେଳିଛନ୍ତି। ଦଳକୁ ମଜବୁତ କରିବା ପାଇଁ ପିଟରସନ ଦଳର ମୁଖ୍ୟ ପ୍ରଶିକ୍ଷକ ହେମାଙ୍ଗ ବାଦାନି, ମାଥ୍ୟୁ ମଟ (ସହକାରୀ ପ୍ରଶିକ୍ଷକ), ମୁନାଫ ପଟେଲ (ବୋଲିଂ କୋଚ) ଏବଂ ଭେନୁଗୋପାଲ ରାଓ (କ୍ରିକେଟ୍ ନିର୍ଦ୍ଦେଶକ)ଙ୍କ ସହ କାମ କରିବେ।

ଆଇପିଏଲରେ ଏହା କେଭିନ ପିଟରସନଙ୍କର ପ୍ରଥମ କୋଚିଂ ଅଭିଜ୍ଞତା ହେବ। ସେ ଶେଷ ଥର ପାଇଁ ୨୦୧୬ରେ ଲିଗ୍ କ୍ରିକେଟ୍ ଖେଳିଥିଲେ। ସେ ୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ୩ଟି ଆଇପିଏଲ୍ ଫ୍ରାଞ୍ଚାଇଜ୍ ପାଇଁ ଖେଳିଥିଲେ। ଏଥିରେ ଦିଲ୍ଲୀ କ୍ୟାପିଟାଲ୍ସ (ସେତେବେଳେ ଦିଲ୍ଲୀ ଡେୟାରଡେଭିଲ୍ସ) ମଧ୍ୟ ଅନ୍ତର୍ଭୁକ୍ତ। ସେ ଆଇପିଏଲରେ ୧୭ଟି ମ୍ୟାଚ୍‌ରେ ମଧ୍ୟ ଅଧିନାୟକତ୍ୱ କରିଥିଲେ। ୨୦୦୯ରେ, ପିଟରସନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଅଧିନାୟକ ହୋଇଥିଲେ। ଏହା ପରେ, ୨୦୧୪ରେ, ସେ ସମଗ୍ର ସିଜିନରେ ଡେୟାରଡେଭିଲ୍ସର ଅଧିନାୟକ ହୋଇଥିଲେ। ଯଦିଓ ଦଳର ପ୍ରଦର୍ଶନ ଖରାପ ଥିଲା। ସେହି ସିଜିନରେ, ଦିଲ୍ଲୀ ୧୪ଟି ମ୍ୟାଚ୍‌ରେ ଦୁଇଟି ବିଜୟ ସହ ପଏଣ୍ଟ ଟେବୁଲର ତଳେ ଥିଲା। ଇଂଲଣ୍ଡ ଦଳର ପୂର୍ବତନ ଅଧିନାୟକ କେଭିନ ପିଟରସେନ ୧୦୪ଟି ଟେଷ୍ଟ, ୧୩୬ଟି ଦିନିକିଆ ଏବଂ ୩୭ଟି ଅନ୍ତର୍ଜାତୀୟ ଟି -୨୦ ମ୍ୟାଚ୍ ଖେଳିଛନ୍ତି। ଏଥିରେ, ସେ ଯଥାକ୍ରମେ ୮୧୮୧, ୪୪୪୦ ଏବଂ ୧୧୭୬ ରନ୍ ସ୍କୋର କରିଥିଲେ।

## ବର୍ଷା ଯୋଗୁ ରଦ୍ଦ ହେଲା ମ୍ୟାଚ୍

# ବିନା ମ୍ୟାଚ୍ ଜିତି ଚାମ୍ପିଅନ୍ସ ଟ୍ରଫିରୁ ବିଦା ହେଲା ପାକିସ୍ତାନ

**ରାୱଲପିଣ୍ଡି**

ଚାମ୍ପିଅନ୍ସ ଟ୍ରଫି ଇତିହାସରେ କ'ଣ ଏମିତି କେବେ ଘଟିଥିଲା, ଯେଉଁଠି ଆୟୋଜକ ଦେଶ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ବି ମ୍ୟାଚ୍ ଜିତି ନ ଥିବ। ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଆୟୋଜକ ଦେଶ ପାକିସ୍ତାନ ଗ୍ରୁପ ପର୍ଯ୍ୟାୟରୁ ବାଦ୍ ପଡ଼ି ସାରିଛି। ଏଥିରୁ ଲଜ୍ଜାକର କଥା, ଦଳ ବିନା କୌଣସି ମ୍ୟାଚ୍ ଜିତି ନିଜର ଅଭିଯାନ ସମାପ୍ତ କରିଛି। ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ହେବାକୁ ଥିବା ନବମ ମୁକାବିଲା ବର୍ଷା କାରଣରୁ ରଦ୍ଦ ହୋଇଛି।

ରାୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମରେ ଲଗାତାର ବର୍ଷା ଓ ଓଦା ଆଉଟ୍ ଫିଲ୍ଡ କାରଣରୁ ଟସ୍ ବି ପଡ଼ି ପାରି ନ ଥିଲା। ଶେଷରେ ବାଧ୍ୟ ହୋଇ ମ୍ୟାଚ୍ ରଦ୍ଦ ଘୋଷଣା କରାଯାଇଛି। ବିନା କୌଣସି ବିଜୟରେ ପାକିସ୍ତାନ ତୃତୀୟ ଥର ଆଇସିସି ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ବାଦ୍ ପଡ଼ିଛି। ଏହା ପୂର୍ବରୁ ଦଳ ୨୦୨୩ରେ ଦିନିକିଆ ବିଶ୍ୱକପ୍ ଓ ୨୦୨୪ରେ ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ରାଉଣ୍ଡରୁ ହିଁ ବାଦ୍ ପଡ଼ିଥିଲା। ବାଂଲାଦେଶ ବି ବିନା କୌଣସି ମ୍ୟାଚ୍ ଜିତି ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି।





ପାକିସ୍ତାନ ପାଇଁ ଲଜ୍ଜାଜନକ ଏହା ଯେ, ଦଳ ନିଜ ମାଟିରେ ବି ଗୋଟିଏ ହେଲେ ମ୍ୟାଚ୍ ଜିତି ପାରିଲାନାହିଁ। ନିଜେ ଆୟୋଜକ ଥିବା ପାକିସ୍ତାନ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠୁ ୬୦ ରନରେ ପରାଜିତ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତଠୁ ୬ ୱିକେଟ୍‌ରେ ହାରିଥିଲା। ଆଉ ବାଂଲାଦେଶ ବିପକ୍ଷ ଶେଷ ମ୍ୟାଚ୍ ବର୍ଷା ଯୋଗୁଁ ରଦ୍ଦ ହୋଇଛି। ଉଭୟ ପାକିସ୍ତାନ ଓ ବାଂଲାଦେଶକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି।

ଅନ୍ୟପଟେ ବାଂଲାଦେଶର ମଧ୍ୟ ସମାନ ଅବସ୍ଥା। ନିଜର ପ୍ରଥମ ମ୍ୟାଚ୍‌ରେ ଦଳ ଭାରତଠୁ ପରାଜିତ ହୋଇଥିଲା। ଦ୍ୱିତୀୟ ମୁକାବିଲାରେ ବାଂଲାଦେଶକୁ ୫ ୱିକେଟ୍‌ରେ ହରାଇଥିଲା ନ୍ୟୁଜିଲାଣ୍ଡ। ଆଉ ତୃତୀୟ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି। ଉଲ୍ଲେଖନୀୟ ପାକିସ୍ତାନ ଓ ବାଂଲାଦେଶ ପୂର୍ବରୁ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ସେମି ଫାଇନାଲ୍ ଦୌଡ଼ରୁ ବାଦ୍ ପଡ଼ି ସାରିଥିଲେ।

ଆଠଟି ଦଳକୁ ନେଇ ଆୟୋଜିତ ଚାମ୍ପିଅନ୍ସ ଟ୍ରଫିର ଗ୍ରୁପ ଏରୁ ଭାରତ ଓ ନ୍ୟୁଜିଲାଣ୍ଡ ସେମି ଫାଇନାଲ୍ ପାଇଁ ଯୋଗ୍ୟତ ଅର୍ଜନ କରି ସାରିଛନ୍ତି। ଏହି ଗ୍ରୁପରୁ ପାକିସ୍ତାନ ଓ ବାଂଲାଦେଶ ବିଦା ହୋଇଥିବା ବେଳେ ଗ୍ରୁପ ବିରୁ ଇଂଲଣ୍ଡ ବାଦ୍ ପଡ଼ି ସାରିଛି। ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ମଧ୍ୟରେ ସେମି ପାଇଁ କଡ଼ା ସଂଘର୍ଷ ଦେଖିବାକୁ ମିଳିଛି।

## ଆଜି ଚାମ୍ପିଅନ୍ସ ଟ୍ରଫିରେ...

ଆଫଗାନିସ୍ତାନ ବନାମ ଅଷ୍ଟ୍ରେଲିଆ(ଲାହୋର)

# ସଂସଦରେ ଉଠିବ ପାକିସ୍ତାନ ପରାଜୟ ପ୍ରସଙ୍ଗ ଖେଳାଳିଙ୍କୁ ପ୍ରଶ୍ନ କରିବେ ପ୍ରଧାନମନ୍ତ୍ରୀ

**ଇସଲାମାବାଦ୍**

ଚାମ୍ପିଅନ୍ସ ଟ୍ରଫିରେ ଆୟୋଜକ ଦଳର ଖରାପ ପ୍ରଦର୍ଶନ ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଖୁବ୍‌ଶୀଘ୍ର ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏବଂ ଦଳର ଖେଳାଳିମାନଙ୍କ ସହ ଆଲୋଚନା କରିବେ। ରାଜନୈତିକ ପରାମର୍ଶଦାତା ରାଣା ସାନାଉଲ୍ଲା ଏହି ସୂଚନା ଦେଇଛନ୍ତି। ପାକିସ୍ତାନ ସରକାର ଦଳର ଶୀଘ୍ର ବିଦାୟ ନେଇ ଅସନ୍ତୁଷ୍ଟ ଥିବା ସେ କହିଛନ୍ତି।

୨୯ ବର୍ଷ ପରେ ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବା ପାକିସ୍ତାନ ଦଳ ଚାମ୍ପିଅନ୍ସ ଟ୍ରଫିରେ ଏକ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା। ମହମ୍ମଦ ରିଜୱାନଙ୍କ ନେତୃତ୍ୱାଧୀନ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିଥିଲା। ୬୦ ରନରେ ପରାସ୍ତ ହୋଇଥିଲେ। ରବିବାର ପାକିସ୍ତାନ ଭାରତୀୟ ଦଳ ସହିତ ମୁହାଁମୁହିଁ ହୋଇଥିଲା। ବିରାଟ କୋହଲିଙ୍କ ଶତକ ବଳରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ସେମାନଙ୍କର ଚିରପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଛଅ ଉଇକେଟରେ ପରାସ୍ତ କରିଛି। ଏହିପରି, ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନର ଯାତ୍ରା ସମାପ୍ତ ହୋଇଛି। ଗୁରୁବାର ଡିଫେଣ୍ଡିଂ ଚାମ୍ପିଅନମାନେ ବାଂଲାଦେଶକୁ ଭେଟିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଗୋଟିଏ ବି ବଲ୍ ପକାଇ ନ ଯାଇ ବର୍ଷା ଯୋଗୁ ମ୍ୟାଚ୍ ବାତିଲ ହୋଇଥିଲା। ଏହିପରି ଉଭୟ ଦଳ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିଲେ। ସେହି ସମୟରେ, ନ୍ୟୁଜିଲାଣ୍ଡ ଏବଂ ଭାରତ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ପରାମର୍ଶଦାତା ରାଣା ସାନାଉଲ୍ଲା କହିଛନ୍ତି, ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବରେ ଜାତୀୟ ଦଳର ପ୍ରଦର୍ଶନ ବିଷୟରେ କଥା ହେବେ। ସେ କ୍ୟାବିନେଟ ଏବଂ ସଂସଦରେ କ୍ରିକେଟ ସହ ଜଡିତ ପ୍ରସଙ୍ଗ ଉଠାଇବେ।

# ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡକୁ ଭେଟିବ ଭାରତ

**ନୂଆଦିଲ୍ଲୀ**



ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ ପହଞ୍ଚିଛି। ଭାରତ ବ୍ୟତୀତ ଗ୍ରୁପ୍ ଏରୁ ନ୍ୟୁଜିଲାଣ୍ଡ ଯୋଗ୍ୟତା ଅର୍ଜନ କରିଛି। ତଥାପି ଉଭୟ ଦଳ ପରସ୍ପର ବିପକ୍ଷରେ ସେମାନଙ୍କର ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବେ। ଭାରତ ଏବଂ ନ୍ୟୁଜିଲାଣ୍ଡ ଦଳ ମାର୍ଚ୍ଚ ୨ରେ ପରସ୍ପରକୁ ମୁହାଁମୁହିଁ ହେବେ। ତଥାପି ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଏହାର ଗତି ବଜାୟ ରଖିବାକୁ ଚାହିଁବ। ସେହିପରି ମିଚେଲ ସାଣ୍ଟନରଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଦଳ ସେମିଫାଇନାଲ ପୂର୍ବରୁ ବିଜୟ ଧାରା ଜାରି ରଖିବା ଉଦ୍ଦେଶ୍ୟରେ ପଡ଼ିଆକୁ ପ୍ରବେଶ କରିବ।

ଦିନିକିଆ ଫର୍ମାଟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସର୍ବାଧିକ ଛକା ମାରିଥିବା ଭାରତୀୟ ବ୍ୟାଟସ୍‌ମ୍ୟାନଙ୍କ ତାଲିକାରେ ବିରାଟ କୋହଲି ଶୀର୍ଷରେ ଅଛନ୍ତି। ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷରେ ୩୧ଟି ଦିନିକିଆ ମ୍ୟାଚ୍ ଖେଳି ୯୫.୬୯ ଷ୍ଟ୍ରାଇକ୍ ରେଟ୍ ଏବଂ ୫୮.୭୫ ଆଭରେଜରେ ୧୬୧୯ ରନ କରିଛନ୍ତି। ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷରେ ୧୪୬ଟି ଚୌକା ସହିତ ୨୪ଟି ଛକା ମାରିଛନ୍ତି। ସେହି ସମୟରେ, ବିରାଟ କୋହଲିଙ୍କ ଦିନିକିଆ ଫର୍ମାଟରେ ସର୍ବୋତ୍ତମ ସ୍କୋର ହେଉଛି ନ୍ୟୁଜିଲାଣ୍ଡ ବିପକ୍ଷରେ ୧୫୪ ରନ ଅପରାଜିତ। ତଥାପି, ଏହି ସଂଖ୍ୟାଗୁଡ଼ିକରୁ ଏହା ସ୍ପଷ୍ଟ ଯେ ଯଦି ବିରାଟ କୋହଲିଙ୍କ ବ୍ୟାଟ କାମ କରେ ତେବେ କିୱି ଦଳର ସମସ୍ୟା ନିଶ୍ଚିତ ଭାବରେ ବଢ଼ିବ।

# ଡ୍ରେସିଂ ରୁମ୍‌ରେ ଭୋ ଭୋ ହୋଇ କାନ୍ଦିଲେ ଇଂଲଣ୍ଡ ଖେଳାଳି

**ଲାହୋର**

ଚାମ୍ପିଅନ୍ସ ଟ୍ରଫିରେ ଇଂଲଣ୍ଡ କ୍ରିକେଟର ଶିଶୁ କୁହାଯାଉଥିବା ଆଫଗାନିସ୍ତାନ ବିପକ୍ଷରେ ପରାଜୟର ସମ୍ମୁଖୀନ ହୋଇଥିଲା। ଏହି ପରାଜୟ ପରେ, ଟୁର୍ଣ୍ଣାମେଣ୍ଟରେ ଇଂଲଣ୍ଡର ଯାତ୍ରା ଶେଷ ହୋଇଯାଇଛି। ଏହା ପୂର୍ବରୁ ଅଷ୍ଟ୍ରେଲିଆ ଇଂଲଣ୍ଡକୁ ପରାସ୍ତ କରିଥିଲା। ଏବେ ସେମାନଙ୍କୁ ଆଫଗାନିସ୍ତାନ ବିପକ୍ଷରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ଆଫଗାନିସ୍ତାନ ଇଂଲଣ୍ଡକୁ ୮ ରନରେ ପରାସ୍ତ କଲା। ଆଫଗାନିସ୍ତାନ ବିପକ୍ଷରେ ପରାଜୟ ପରେ ଇଂଲଣ୍ଡ ଖେଳାଳିମାନେ ନିଜ ଭାବନାକୁ ନିୟନ୍ତ୍ରଣ କରିପାରିଲେ ନାହିଁ। ଇଂଲଣ୍ଡ ଅଧିନାୟକ ଜସ ବଟଲର ଏବଂ ଜୋ ରୁଟ୍ କାନ୍ଦି ପକାଇଲେ। ଏହା ବ୍ୟତୀତ ଇଂଲଣ୍ଡ ଦଳର ଅନ୍ୟ ଖେଳାଳି ଏବଂ ପ୍ରଶିକ୍ଷକ କର୍ମଚାରୀଙ୍କ ମୁହଁରେ ନିରାଶା ସ୍ପଷ୍ଟ ଭାବରେ ଦେଖାଯାଉଥିଲା।



# ଭାରତର ମୁଣ୍ଡବିନ୍ଧା ବଢାଇଲେ ରୋହିତ ଶର୍ମା



**ଦୁବାଇ**

୨୦୨୫ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲ ପୂର୍ବରୁ ଭାରତର ମୁଣ୍ଡବିନ୍ଧା ବଢ଼ିଛି। ଦଳର ଅଧିନାୟକ ରୋହିତ ଶର୍ମା ଆହତଜନିତ ସମସ୍ୟା ଦେଇ ଗତି କରୁଛନ୍ତି। ସେ ଏବେ ସୁସ୍ଥ ହୋଇନାହାନ୍ତି। ଭାରତ-ପାକିସ୍ତାନ ମ୍ୟାଚ୍ ସମୟରେ ଅଧିନାୟକ ରୋହିତ ଶର୍ମାଙ୍କ ମାଂସପେଶୀରେ ଆଘାତ ଲାଗିଥିଲା। ଏହା ପରେ ରୋହିତ କହିଥିଲେ, ସେ ଏବେ ଠିକ୍ ଅଛନ୍ତି। କିନ୍ତୁ ସେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି।

ପାକିସ୍ତାନ ଦଳ ବିପକ୍ଷରେ ମ୍ୟାଚ୍ ଜିତିବା ପରେ ଭାରତୀୟ ଦଳ ଦୁଇ ଦିନର ବିରତି ନେଇଥିଲା। ବିରତି ପରେ ଭାରତୀୟ ଦଳ ବୁଧବାର ରାତିରେ ଆଇସିସି ଏକାଡେମୀରେ ଦୁଇ ଘଣ୍ଟା ଅଭ୍ୟାସ କରିଥିଲା। ଗୋଟିଏ ପଟେ ଅଧିବେଶନ ଆରମ୍ଭରୁ ସମସ୍ତ ଖେଳାଳି ଫୁଟବଲ ଖେଳୁଥିବା, ଦୌଡୁଥିବା ଏବଂ ସଟଲ ରନ କରୁଥିବାର ଦେଖାଯାଇଥିଲା। ଅନ୍ୟପକ୍ଷରେ ଅଧିନାୟକ ରୋହିତ କୌଣସି ଶାରୀରିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରି ନ ଥିଲେ।

ଅଭ୍ୟାସ ସେସନର ଗୋଟିଏ ଘଣ୍ଟା ପରେ ରୋହିତଙ୍କୁ ପାୱାର ଏବଂ କଣ୍ଡିସନିଂ କୋଚ୍ ସୋହମ ଦେଶାଇଙ୍କ ତତ୍ତ୍ୱାବଧାନରେ କିଛି ଜଗିଂ କରୁଥିବାର ଦେଖାଯାଇଥିଲା। କିନ୍ତୁ ସେ ସମ୍ପୂର୍ଣ୍ଣ ଠିକ୍ ଦେଖାଯାଉ ନ ଥିଲେ। ଏହି ସମୟ ମଧ୍ୟରେ ରୋହିତ ଗୋଟିଏ ବି ବଲ ଖେଳି ନ ଥିଲେ। ଏହା ସହିତ ସେ ମୁଖ୍ୟ କୋଚ ଗୌତମ ଗମ୍ଭୀର ଏବଂ ଅନ୍ୟ କୋଚଙ୍କ ସହ କଥାବାର୍ତ୍ତା କରୁଥିବାର ଦେଖାଯାଇଥିଲା।

# ଶ୍ରୀ ବାବା ଆଖଣ୍ଡଳମଣି ମନ୍ଦିରରେ ମହାଶିବରାତ୍ରି ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶହୀଦନଗର ମାର୍କେଟ ବିଲ୍ଡିଂ ସମ୍ମୁଖରେ ଥିବା ଶ୍ରୀ ବାବା ଆଖଣ୍ଡଳମଣି ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ସକାଳୁ ସକାଳୁ ମନ୍ଦିର ପରିସରରେ ଗହଳି ଚହଳି ଲାଗି ରହିଥିଲା ଓ ବହୁ ସଂଖ୍ୟାରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ୱାର୍ଡ଼ ନଂ-୩୦ (ଶହୀଦ ନଗର) କର୍ପୋରେଟର ରାଜ କିଶୋର ଦାସ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ଶହ ଶହ ଉପବାସଧାରୀ ଜାଗର ଦୀପ ଜାଳିଥିଲେ ଓ ପଣା ପିଇବା କାର୍ଯ୍ୟକ୍ରମ ହୋଇଥିଲା। ରାତ୍ର ୧୦ଟାରେ ମନ୍ଦିର ପୂଜକ ପ୍ରଦୀପ ପଣ୍ଡା, ନୃସିଂହ ଚରଣ ପଣ୍ଡା ଓ ଚକ୍ରଧର ପାଢ଼ୀଙ୍କ ଦ୍ୱାରା ମହାଦୀପ ଉଠାଯାଇଥିଲା। ହଜାର ହଜାର ଭକ୍ତମାନେ ସମୂହ ପ୍ରସାଦ ସେବନ କରିଥିଲେ।

ଧନେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଓ ମନ୍ଦିର ପରିଚାଳନା କମିଟିର ସଭ୍ୟ ସଭ୍ୟାମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମ୍ପାଦନା କରାଯାଇଥିଲା।

# ଏକତାର ମହାକୁମ୍ଭ – ନୂଆ ଯୁଗର ଆରମ୍ଭ



**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

ପବିତ୍ର ସହର ପ୍ରୟାଗରାଜରେ ମହାକୁମ୍ଭ ସଫଳତାର ସହ ସମାପନ ହୋଇଛି। ଏକତାର ଏକ ବିଶାଳ ମହାଯଜ୍ଞ ସମ୍ପନ୍ନ ହୋଇଛି। ଗୋଟିଏ ରାଷ୍ଟ୍ରର ଚେତନା ଜାଗ୍ରତ ହେଲେ, ଶହ ଶହ ବର୍ଷ ପୁରୁଣା ପରାଧୀନତାର ମାନସିକତାରୁ ମୁକ୍ତ ହେଲେ, ଦେଶରେ ନୂତନ ଶକ୍ତିର ସଂଚାର ହୋଇଥାଏ। ଏହାର ପରିଣାମ ଜାନୁଆରୀ ୧୩ରୁ ପ୍ରୟାଗରାଜରେ ଆରମ୍ଭ ହୋଇଥିବା 'ଏକତା କା ମହାକୁମ୍ଭ' (ଏକତାର ମହାକୁମ୍ଭ)ରେ ଦେଖିବାକୁ ମିଳିଥିଲା।

୨୨ ଜାନୁଆରୀ ୨୦୨୪ରେ, ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମୟରେ, ମୁଁ ଦେବ ଭକ୍ତି ଏବଂ ଦେଶ ଭକ୍ତି ବିଷୟରେ କହିଥିଲି। ପ୍ରୟାଗରାଜରେ ମହାକୁମ୍ଭ ସମୟରେ, ସାଧୁ, ସନ୍ଥ, ମହିଳା, ଶିଶୁ, ଯୁବକ, ବରିଷ୍ଠ ନାଗରିକ ଏବଂ ସମାଜର ସମସ୍ତ ବର୍ଗର ଲୋକମାନେ ଏକାଠି ହୋଇଥିଲେ। ମହାକୁମ୍ଭରେ ଆମେ ରାଷ୍ଟ୍ରର ଜାଗ୍ରତ ଚେତନାକୁ ଦେଖିଛୁ। ଏହା ଥିଲା ଏକତାର ମହାକୁମ୍ଭ, ଯେଉଁଠି ୧୪୦ କୋଟି ଭାରତୀୟଙ୍କ ଆସ୍ଥା ଏହି ପବିତ୍ର ଅବସର ପାଇଁ ଏକ ସମୟରେ, ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିଲା।

ପ୍ରୟାଗରାଜର ଏହି ପବିତ୍ର ଅଞ୍ଚଳ ହେଉଛି ଶୃଙ୍ଗବେରପୁର। ଏହା ଏକତା, ସୌହାର୍ଦ୍ଦ୍ୟ ଏବଂ ପ୍ରେମର ଏକ ପବିତ୍ର ଭୂମି, ଯେଉଁଠାରେ ପ୍ରଭୁ ଶ୍ରୀରାମ ଓ ନିଶାଦରାଜଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ସେମାନଙ୍କର ଏହି ସାକ୍ଷାତ ଭକ୍ତି ଓ ସଦ୍ଭାବନାର ସଙ୍ଗମ ଥିଲା। ଆଜି ମଧ୍ୟ ପ୍ରୟାଗରାଜ ଆମକୁ ସେହି ଭାବନା ସହ ପ୍ରେରଣା ଦେଉଛି।

୪୫ ଦିନ ଧରି ମୁଁ ଦେଶର କୋଣ ଅନୁକୋଣରୁ କୋଟି କୋଟି ଲୋକଙ୍କୁ ସଙ୍ଗମକୁ ଯିବାଆସିବା କରୁଥିବାର ଦେଖିଲି। ସଙ୍ଗମସ୍ଥଳରେ ଭାବପ୍ରବଣତାର ତରଙ୍ଗ ବୃଦ୍ଧି ପାଇବାରେ ଲାଗିଥିଲା। ପ୍ରତ୍ୟେକ ଭକ୍ତ ସଙ୍ଗମରେ ବୁଡ଼ ପକାଇବାର ଆକାଂକ୍ଷା ନେଇ ଆସିଥିଲେ। ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ପବିତ୍ର ସଙ୍ଗମ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ଉତ୍ସାହ, ଶକ୍ତି ଏବଂ ଆତ୍ମବିଶ୍ୱାସରେ ଭରିଦେଇଥିଲା।

ପ୍ରୟାଗରାଜର ଏହି ମହାକୁମ୍ଭ ଆଧୁନିକ ପ୍ରବନ୍ଧନ ବା ମ୍ୟାନେଜମେଣ୍ଟ ପେସାଦାର, ଯୋଜନା ଏବଂ ନୀତି ବିଶେଷଜ୍ଞଙ୍କ ପାଇଁ ଏକ ଅଧ୍ୟୟନର ବିଷୟ। ବିଶ୍ୱର କୌଣସି ସ୍ଥାନରେ ଏହି ବ୍ୟାପକତାର କୌଣସି ସମାନ୍ତରାଳ ଉଦାହରଣ ନାହିଁ।

ପ୍ରୟାଗରାଜରେ ନଦୀ ସଙ୍ଗମ କୂଳରେ କୋଟି କୋଟି ଲୋକ କିପରି ଏକାଠି ହେଲେ, ତାହା ବିଶ୍ୱ ଆଶ୍ଚର୍ଯ୍ୟର ସହ ଦେଖିଲା। ଏହି ଲୋକମାନଙ୍କ ପାଖରେ କୌଣସି ଆନୁଷ୍ଠାନିକ ନିମନ୍ତ୍ରଣ ନଥିଲା, କେତେବେଳେ ଯିବେ ସେ ବିଷୟରେ କୌଣସି ପୂର୍ବ ସୂଚନା ନଥିଲା। ତଥାପି କୋଟି କୋଟି ଲୋକ ନିଜ ଇଚ୍ଛାରେ ମହାକୁମ୍ଭ ଅଭିମୁଖେ ବାହାରିଥିଲେ ଏବଂ ପବିତ୍ର ଜଳରାଶିରେ ବୁଡ଼ ପକାଇବାର ଆନନ୍ଦ ଅନୁଭବ କରିଥିଲେ।

ପବିତ୍ର ସ୍ନାନ ପରେ ଅପାର ଆନନ୍ଦ ଏବଂ ସନ୍ତୋଷ ପ୍ରଦାନ କରୁଥିବା ସେହି ମୁହଁଗୁଡ଼ିକୁ ମୁଁ ଭୁଲି ପାରିବି ନାହିଁ। ମହିଳା, ବୟସ୍କ, ଦିବ୍ୟାଙ୍ଗ ଭାଇ ଓ ଭଉଣୀ-ସମସ୍ତେ ସଙ୍ଗମରେ ପହଞ୍ଚିବାର ରାସ୍ତା ଖୋଜି ବାହାର କଲେ।

ଭାରତର ଯୁବକମାନଙ୍କ ବିପୁଳ ଅଂଶଗ୍ରହଣକୁ ଦେଖିବା ମୋ ପାଇଁ ବିଶେଷ ଭାବରେ ହୃଦୟସ୍ପର୍ଶୀ ଥିଲା। ମହାକୁମ୍ଭରେ ଯୁବପିଢ଼ିର ଉପସ୍ଥିତି ଏକ ଗଭୀର ବାର୍ତ୍ତା ଦେଉଛି ଯେ ଭାରତର ଯୁବବର୍ଗ ଆମର ଗୌରବମୟ ସଂସ୍କୃତି ଏବଂ ଐତିହ୍ୟର ପଥପ୍ରଦର୍ଶକ ହେବେ। ସେମାନେ ଏହାର ସଂରକ୍ଷଣ ଦିଗରେ ସେମାନଙ୍କର ଦାୟିତ୍ୱକୁ ବୁଝନ୍ତି ଏବଂ ଏହାକୁ ଆଗକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ।

ଏହି ମହାକୁମ୍ଭ ପାଇଁ ପ୍ରୟାଗରାଜରେ ପହଞ୍ଚିଥିବା ଲୋକଙ୍କ ସଂଖ୍ୟା ନିଃସନ୍ଦେହରେ ନୂତନ ରେକର୍ଡ ସୃଷ୍ଟି କରିଛି। କିନ୍ତୁ ଶାରୀରିକ ଭାବେ ଉପସ୍ଥିତ ଥିବା ଲୋକମାନଙ୍କ ବ୍ୟତୀତ, ପ୍ରୟାଗରାଜରେ ପହଞ୍ଚି ପାରୁନଥିବା କୋଟି କୋଟି ଲୋକ ମଧ୍ୟ ଏହି ଅବସରରେ ଭାବପ୍ରବଣତାର ସହ ଗଭୀର ଭାବେ ଜଡ଼ିତ ଥିଲେ। ତୀର୍ଥଯାତ୍ରୀମାନେ ନେଇ ଆସୁଥିବା ପବିତ୍ର ଜଳ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଧ୍ୟାତ୍ମିକ ଆନନ୍ଦର ଉତ୍ସ ପାଲଟିଥିଲା। ମହାକୁମ୍ଭରୁ ଫେରୁଥିବା ଅନେକଙ୍କୁ ସେମାନଙ୍କ ଗ୍ରାମରେ ସମ୍ମାନର ସହ ସ୍ୱାଗତ କରାଯାଇଥିଲା, ସମାଜ ଦ୍ୱାରା ସମ୍ମାନିତ କରାଯାଇଥିଲା।

ଗତ କିଛି ସପ୍ତାହ ମଧ୍ୟରେ ଯାହା ଘଟିଛି ତାହା ଅଭୂତପୂର୍ବ ଏବଂ ଆଗାମୀ ଶତାବ୍ଦୀ ପାଇଁ ଏକ ମୂଳଦୁଆ ପକାଇଛି।

ସମସ୍ତଙ୍କ କଳ୍ପନା ଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଭକ୍ତ ପ୍ରୟାଗରାଜରେ ପହଞ୍ଚିଥିଲେ। କୁମ୍ଭର ପୂର୍ବ ଅଭିଜ୍ଞତାକୁ ଆଧାର କରି ପ୍ରଶାସନ ଉପସ୍ଥାନର ଆକଳନ କରିଥିଲା।

ଆମେରିକାର ପ୍ରାୟ ଦୁଇଗୁଣ ଜନସଂଖ୍ୟା ଏହି ଏକତାର ମହାକୁମ୍ଭରେ ଅଂଶଗ୍ରହଣ କରିଥିଲେ।

ଆଧ୍ୟାତ୍ମିକ ବିଦ୍ୱାନମାନେ ଯଦି କୋଟି କୋଟି ଭାରତୀୟଙ୍କ ଉତ୍ସାହୀ ଅଂଶଗ୍ରହଣକୁ ବିଶ୍ଳେଷଣ କରନ୍ତି, ତେବେ ସେମାନେ ଦେଖିବେ ଯେ ଭାରତ ନିଜର ଐତିହ୍ୟକୁ ନେଇ ଗର୍ବିତ ଏବଂ ବର୍ତ୍ତମାନ ଦେଶ ଏକ ନୂତନ ଶକ୍ତି ସହିତ ଆଗକୁ ବଢୁଛି। ଏହା ଏକ ନୂତନ ଯୁଗର ପ୍ରାରମ୍ଭ ଏବଂ ଏହି ମହାକୁମ୍ଭ ନୂତନ ଭାରତର ଭବିଷ୍ୟତ ଲେଖିବ ବୋଲି ମୋର ବିଶ୍ୱାସ ରହିଛି।

ହଜାର ହଜାର ବର୍ଷ ଧରି, ମହାକୁମ୍ଭ ଭାରତର ଜାତୀୟ ଚେତନାକୁ ସୁଦୃଢ଼ କରିଛି। ଅତୀତରେ ପ୍ରତ୍ୟେକ ପୂର୍ଣ୍ଣ କୁମ୍ଭରେ ସନ୍ଥ, ବିଦ୍ୱାନ ଏବଂ ଚିନ୍ତାନାୟକମାନେ ନିଜ ସମୟର ସମାଜର ସ୍ଥିତି ଉପରେ ବିଚାରବିମର୍ଶ କରୁଥିବା ଦେଖିବାକୁ ମିଳୁଥିଲା। ସେମାନଙ୍କ ବିଚାରର ପ୍ରତିଫଳନ ଦେଶ ଏବଂ ସମାଜକୁ ଏକ ନୂତନ ଦିଗ ପ୍ରଦାନ କରୁଥିଲା। ପ୍ରତି ଛଅ ବର୍ଷରେ, ଅର୍ଦ୍ଧକୁମ୍ଭ ସମୟରେ, ଏହି ବିଚାରଗୁଡ଼ିକର ସମୀକ୍ଷା କରାଯାଉଥିଲା। ୧୪୪ ବର୍ଷ ଧରି ଚାଲିଥିବା ୧୨ଟି ପୂର୍ଣ୍ଣ କୁମ୍ଭ ଘଟଣା ପରେ, ପୁରୁଣା ପରମ୍ପରାକୁ ପରିତ୍ୟାଗ କରାଯାଉଥିଲା, ନୂତନ ଚିନ୍ତାଧାରାକୁ ଗ୍ରହଣ କରାଯାଇଥିଲା ଏବଂ ସମୟ ସହିତ ଆଗକୁ ବଢ଼ିବା ପାଇଁ ନୂତନ ପରମ୍ପରା ସୃଷ୍ଟି କରାଯାଇଥିଲା।

୧୪୪ ବର୍ଷ ପରେ, ଏହି ମହାକୁମ୍ଭରେ, ଆମର ସନ୍ଥମାନେ ପୁନର୍ବାର ଭାରତର ବିକାଶ ପାଇଁ ଏକ ନୂତନ ବାର୍ତ୍ତା ଦେଇଛନ୍ତି। ସେହି ବାର୍ତ୍ତା ହେଉଛି - ବିକଶିତ ଭାରତ।



ଏହି ଏକତାର ମହାକୁମ୍ଭରେ ପ୍ରତ୍ୟେକ ତୀର୍ଥଯାତ୍ରୀ, ଧନୀ ହୁଅନ୍ତୁ ଅବା ଗରିବ, ଯୁବ ହୁଅନ୍ତୁ ଅବା ବୃଦ୍ଧ, ଗାଁ ଅବା ସହରରୁ, ଭାରତ ହେଉ କି ବିଦେଶ, ପୂର୍ବ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ, ଜାତି, ଧର୍ମ ଏବଂ ବିଚାର ନିର୍ବିଶେଷରେ ଏକାଠି ହୋଇଥିଲେ। ଏହା 'ଏକ ଭାରତ ଶ୍ରେଷ୍ଠ ଭାରତ' ପରିକଳ୍ପନାର ପ୍ରତିମୂର୍ତ୍ତି ଥିଲା, ଯାହା କୋଟି କୋଟି ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଥିଲା। ଏବେ ଆମକୁ ଏକ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ପାଇଁ ସମାନ ଭାବନା ନେଇ ଏକାଠି ହେବାକୁ ପଡ଼ିବ।

ମୋର ଗୋଟିଏ କଥା ମନେ ପଡୁଛି। ଭଗବାନ ଶ୍ରୀକୃଷ୍ଣ ଛୋଟ ଥିବା ସମୟରେ ନିଜ ପାଟିରେ ମା' ଯଶୋଦାଙ୍କୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଚିତ୍ର ଦେଖାଇଥିଲେ। ସେହିପରି, ଏହି ମହାକୁମ୍ଭରେ ଭାରତ ଓ ବିଶ୍ୱର ଲୋକମାନେ ଭାରତର ସାମୂହିକ ଶକ୍ତିର ବ୍ୟାପକ ସମ୍ଭାବନାକୁ ଦେଖିଛନ୍ତି। ଏବେ ଆମକୁ ଏହି ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାକୁ ହେବ ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ହେବ।

ଏହାପୂର୍ବରୁ ଭକ୍ତି ଆନ୍ଦୋଳନର ସନ୍ଥମାନେ ସମଗ୍ର ଭାରତରେ ଆମର ସାମୂହିକ ସଂକଳ୍ପର ଶକ୍ତିକୁ ଚିହ୍ନଟ କରିଥିଲେ ଏବଂ ପ୍ରୋତ୍ସାହିତ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଠାରୁ ଆରମ୍ଭ କରି ଶ୍ରୀ ଅରବିନ୍ଦଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ମହାନ ଚିନ୍ତାନାୟକ ଆମକୁ ଆମ ସାମୂହିକ ସଂକଳ୍ପର ଶକ୍ତି ବିଷୟରେ ସ୍ମରଣ କରାଇ ଦେଇଥିଲେ। ଏପରିକି ମହାତ୍ମା ଗାନ୍ଧୀ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଅନୁଭବ କରିଥିଲେ। ସ୍ୱାଧୀନତା ପରେ, ଯଦି ଏହି ସାମୂହିକ ଶକ୍ତିକୁ ସଠିକ୍ ଭାବରେ ସ୍ୱୀକୃତି ଦିଆଯାଇଥାନ୍ତା ଏବଂ ସମସ୍ତଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଦିଗରେ ଏହାର ଉପଯୋଗ କରାଯାଇ ଥା'ନ୍ତା, ତେବେ ଏହା ଗୋଟିଏ ନୂତନ ଭାବେ ସ୍ୱାଧୀନ ରାଷ୍ଟ୍ର ପାଇଁ ଏକ ମହାଶକ୍ତି ହୋଇପାରିଥାନ୍ତା। ଦୁର୍ଭାଗ୍ୟ ବଶତଃ, ପୂର୍ବରୁ ଏହା କରାଯାଇ ନଥିଲା। କିନ୍ତୁ ବର୍ତ୍ତମାନ, ଏକ ବିକଶିତ ଭାରତ ପାଇଁ ଲୋକମାନଙ୍କର ଏହି ସାମୂହିକ ଶକ୍ତି ଯେପରି ଭାବେ ଏକାଠି ହେଉଛି, ତାହା ଦେଖି ମୁଁ ଆନନ୍ଦିତ।

ବେଦ ଠାରୁ ଆରମ୍ଭ କରି ବିବେକାନନ୍ଦଙ୍କ ପର୍ଯ୍ୟନ୍ତ, ପ୍ରାଚୀନ ଶାସ୍ତ୍ରଠାରୁ ଆରମ୍ଭ କରି ଆଧୁନିକ ଉପଗ୍ରହ ପର୍ଯ୍ୟନ୍ତ, ଭାରତର ମହାନ ପରମ୍ପରା ଏହି ରାଷ୍ଟ୍ରକୁ ରୂପ ଦେଇଛି। ଜଣେ ନାଗରିକ ଭାବେ ମୁଁ ପ୍ରାର୍ଥନା କରୁଛି ଯେ ଆମେ ଆମର ପୂର୍ବପୁରୁଷ ଏବଂ ସନ୍ଥମାନଙ୍କ ସ୍ମୃତିରୁ ନୂତନ ପ୍ରେରଣା ପାଇବା। ଏହି ଏକତାର ମହାକୁମ୍ଭ ଆମକୁ ନୂତନ ସଂକଳ୍ପ ସହିତ ଆଗକୁ ବଢିବାରେ ସାହାଯ୍ୟ କରୁ। ଆସନ୍ତୁ ଏକତାକୁ ଆମର ମାର୍ଗଦର୍ଶକ ନୀତି କରିବା। ''ରାଷ୍ଟ୍ରର ସେବା ହେଉଛି ଈଶ୍ୱରଙ୍କ ସେବା'', ଆସନ୍ତୁ ଆମେ ଏହି ବୁଝାମଣା ସହିତ କାର୍ଯ୍ୟ କରିବା।

କାଶୀରେ ମୋର ନିର୍ବାଚନ ପ୍ରଚାର ସମୟରେ, ମୁଁ କହିଥିଲି, ''ମା' ଗଙ୍ଗା ମୋତେ ଡାକିଛନ୍ତି।'' ଏହା କେବଳ ଏକ ଭାବପ୍ରବଣତା ନଥିଲା, ବରଂ ଆମର ପବିତ୍ର ନଦୀଗୁଡ଼ିକର ସ୍ୱଚ୍ଛତା ପ୍ରତି ଦାୟିତ୍ୱର ଏକ ଆହ୍ୱାନ ମଧ୍ୟ ଥିଲା। ପ୍ରୟାଗରାଜରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ସଙ୍ଗମ ସ୍ଥଳରେ ଠିଆ ହୋଇ ମୋର ସଂକଳ୍ପ ଆହୁରି ଦୃଢ଼ ହୋଇଗଲା। ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଆମ ନିଜ ଜୀବନ ସହିତ ଗଭୀର ଭାବେ ଜଡ଼ିତ। ବଡ଼ ହେଉ କିମ୍ବା ଛୋଟ, ଆମ ନଦୀଗୁଡ଼ିକୁ ଜୀବନଦାୟିନୀ ମା' ଭାବେ ସମ୍ମାନ କରିବା ଆମର ଦାୟିତ୍ୱ। ଏହି ମହାକୁମ୍ଭ ଆମକୁ ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଛି।

ମୁଁ ଜାଣେ ଯେ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିବା ସହଜ କାମ ନଥିଲା। ଯଦି ଆମର ଭକ୍ତିରେ କୌଣସି ତ୍ରୁଟି ଥାଏ ତେବେ ଆମକୁ କ୍ଷମା କରନ୍ତୁ ବୋଲି ମୁଁ ମା' ଗଙ୍ଗା, ମା' ଯମୁନା ଏବଂ ମା' ସରସ୍ୱତୀଙ୍କୁ ପ୍ରାର୍ଥନା କରୁଛି। ମୁଁ ଜନତା ଜନାର୍ଦ୍ଦନ, ଜନସାଧାରଣଙ୍କୁ ଦେବତ୍ୱର ପ୍ରତିମୂର୍ତ୍ତି ଭାବେ ଦେଖୁଛି। ଯଦି ସେମାନଙ୍କ ସେବା କରିବା ପାଇଁ ଆମ ପ୍ରୟାସରେ କୌଣସି ତ୍ରୁଟି ରହିଛି, ତେବେ ମୁଁ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରୁଛି।

ଭକ୍ତି ଭାବନା ନେଇ କୋଟି କୋଟି ଲୋକ ମହାକୁମ୍ଭକୁ ଆସିଥିଲେ। ସେମାନଙ୍କର ସେବା କରିବା ମଧ୍ୟ ଏକ ଦାୟିତ୍ୱ ଥିଲା ଯାହା ସମାନ ଭକ୍ତିର ଭାବନା ସହିତ କାର୍ଯ୍ୟକାରୀ ହୋଇଥିଲା। ଉତ୍ତର ପ୍ରଦେଶର ଜଣେ ସାଂସଦ ଭାବେ ମୁଁ ଗର୍ବର ସହ କହିପାରିବି ଯେ ଯୋଗୀ ଜୀଙ୍କ ନେତୃତ୍ୱରେ ପ୍ରଶାସନ ଏବଂ ଲୋକମାନେ ମିଳିତ ଭାବେ ଏହି ଏକତାର ମହାକୁମ୍ଭକୁ ସଫଳ କରିବା ପାଇଁ କାର୍ଯ୍ୟ କରିଥିଲେ। ରାଜ୍ୟ ହେଉ କିମ୍ବା କେନ୍ଦ୍ର, ସେଠାରେ କୌଣସି ଶାସକ କିମ୍ବା ପ୍ରଶାସକ ନଥିଲେ। ଏହା ପରିବର୍ତ୍ତେ ସମସ୍ତେ ଜଣେ ଉତ୍ସର୍ଗୀକୃତ ସେବକ ଥିଲେ। ସଫେଇ କର୍ମଚାରୀ, ପୁଲିସ, ଡଙ୍ଗାଚାଳକ, ଡ୍ରାଇଭର, ଖାଦ୍ୟ ପରିବେଷଣ କରୁଥିବା ଲୋକ-ସମସ୍ତେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଅନେକ ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରୟାଗରାଜର ଲୋକମାନେ ଯେଉଁଳି ଭାବେ ତୀର୍ଥଯାତ୍ରୀମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ, ତାହା ବିଶେଷ ଭାବେ ପ୍ରେରଣାଦାୟୀ ଥିଲା। ମୁଁ ସେମାନଙ୍କୁ ଏବଂ ଉତ୍ତର ପ୍ରଦେଶର ଜନସାଧାରଣଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରୁଛି।

ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଉପରେ ମୋର ସର୍ବଦା ଅତୁଟ ବିଶ୍ୱାସ ରହିଛି। ଏହି ମହାକୁମ୍ଭକୁ ଦେଖିବା ଦ୍ୱାରା ମୋର ବିଶ୍ୱାସ ଅନେକ ଗୁଣ ବୃଦ୍ଧି ପାଇଛି।

୧୪୦ କୋଟି ଭାରତୀୟ ଯେଉଁଭଳି ଭାବେ ଏକତାର ମହାକୁମ୍ଭକୁ ଏକ ବିଶ୍ୱସ୍ତରୀୟ ସମାରୋହରେ ପରିଣତ କରିଛନ୍ତି, ତାହା ବାସ୍ତବରେ ଚମତ୍କାର। ଆମ ଲୋକମାନଙ୍କ ସମର୍ପଣ, ଭକ୍ତି ଏବଂ ପ୍ରୟାସ ଦ୍ୱାରା ଅନୁପ୍ରାଣିତ ହୋଇ, ମୁଁ ଖୁବଶୀଘ୍ର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ପ୍ରଥମ ଶ୍ରୀ ସୋମନାଥଙ୍କୁ ଦର୍ଶନ କରିବି। ତାଙ୍କୁ ଏହି ଶ୍ରଦ୍ଧାରୂପୀ ସଂକଳ୍ପ ପୁଷ୍ପ ସମର୍ପଣ କରି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରାର୍ଥନା କରିବି। ଦେଶବାସୀଙ୍କ ମଧ୍ୟରେ ଏକତାର ଏହି ଅବିରତ ଧାରା ପ୍ରବାହିତ ହୋଇ ଚାଲିବା ପାଇଁ କାମନା କରିବି।

ମହାକୁମ୍ଭର ଭୌତିକ ସ୍ୱରୂପ ମହାଶିବରାତ୍ରୀ ଉପଲକ୍ଷେ ସଫଳତାର ସହ ସମାପ୍ତ ହୋଇଥାଇପାରେ, କିନ୍ତୁ ଗଙ୍ଗାର ଶାଶ୍ୱତ ପ୍ରବାହ ପରି ମହାକୁମ୍ଭ ଜାଗ୍ରତ କରିଥିବା ଆଧ୍ୟାତ୍ମିକ ଶକ୍ତି, ଜାତୀୟ ଚେତନା ଏବଂ ଏକତା ଆମକୁ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ପ୍ରେରଣା ଯୋଗାଇବ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଫେବୃୟାରୀ ୨୦୨୫ ଶୁକ୍ରବାର





# ଷ୍ଟେଟ ବ୍ୟାଙ୍କରେ ବିଶ୍ୱ ସ୍ୱେଚ୍ଛାସେବୀ ସଂଗଠନ ଦିବସ ପାଳିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭୁଆରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଦ୍ୱାରା ଗୁରୁବାର ଦିନ ବିଶ୍ୱ ସ୍ୱେଚ୍ଛାସେବୀ ସଂଗଠନ ଦିବସ ୨୦୨୫ ପାଳିତ ହୋଇଯାଇଛି । ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥି ଓଡିଶାରେ ପ୍ରତିଷ୍ଠିତ ଓ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଓଡିଶା ରାଇଜିଙ୍ଗ ଫାଉଣ୍ଡେଶନ, ଆଇନା, ଗ୍ରାମ ବିକାଶ, ଜାଗୃତି ଓ ନିୟତୀ ଆଦି ସଂସ୍ଥାର ପ୍ରତିନିଧି ମାନେ ନିଜ ସଂଗଠନର ଅନୁଭବ ବର୍ଣ୍ଣନା କରିଥିଲେ। ଅପହଞ୍ଚ ଓ ଗ୍ରାମାଞ୍ଚଳରେ ନିସ୍ୱାର୍ଥ ସେବା ଯୋଗାଉଥିବା ସେଚ୍ଛାସେବୀ ସଂଗଠନମାନଙ୍କୁ ଚିହ୍ନଟ କରି ସମ୍ମାନିତ କରିବାର ପ୍ରୟାସ ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳକୁ ଭୂୟଂସୀ ପ୍ରଶଂସା କରିଥିଲେ । ମହାପ୍ରବନ୍ଧକ କୌଶଳ କିଶୋର ସିଂ, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



# ପୂର୍ବତଟ ରେଳପଥ ପକ୍ଷରୁ ନିୟମିତ ଟ୍ରେନ୍ ବ୍ୟତୀତ ୬୦ଟି ସ୍ୱତନ୍ତ୍ର ଟ୍ରେନ୍ ଓଡ଼ିଶାରୁ ତୀର୍ଥଯାତ୍ରୀଙ୍କ ପାଇଁ ଯାତ୍ରା ସୁବିଧା ପ୍ରଦାନ କରିଛି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ମାତ୍ର ୪୨ ଦିନରେ ୧୫,୦୦୦ରୁ ଅଧିକ ଟ୍ରେନ୍ ପରିଚାଳନା କରି ଭାରତୀୟ ରେଳବାଇ ଚଳିତ ମହାକୁମ୍ଭ ୨୦୨୫ ସମୟରେ ଏକ ଉଲ୍ଲେଖନୀୟ ରେକର୍ଡ ସୃଷ୍ଟି କରିଛି ଯାହା ପ୍ରାରମ୍ଭିକ ଲକ୍ଷ୍ୟ ୧୩,୫୦୦ ଟ୍ରେନ୍ ଅପେକ୍ଷା ବହୁତ ଅଧିକ। ଏହି ରେକର୍ଡ ଭାଙ୍ଗିବା କାର୍ଯ୍ୟରେ ସାରା ଦେଶରୁ ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଉଦ୍ଦିଷ୍ଟ ଅନେକ ସ୍ୱତନ୍ତ୍ର ଟ୍ରେନ୍ ଅନ୍ତର୍ଭୁକ୍ତ ଯେଉଁଥିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନ ମଧ୍ୟ ରହିଛି। ପୂର୍ବତଟ ରେଳପଥ ଓଡ଼ିଶାର ୨୫ଟି ପ୍ରମୁଖ ସହରରୁ ୬୦ଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରି ତୀର୍ଥଯାତ୍ରୀଙ୍କ ଯାତ୍ରାକୁ ସହଜ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଟ୍ରେନ୍ ଗୁଡ଼ିକ ପବିତ୍ର ପ୍ରୟାଗରାଜ ସହରରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମରେ ସ୍ନାନ କରିବା ପାଇଁ ଯାତ୍ରା କରୁଥିବା ଭକ୍ତମାନଙ୍କୁ ସୁଗମ ସଂଯୋଗ ପ୍ରଦାନ କରିଛି




ଯାହା ମହାକୁମ୍ଭ ସମୟରେ ଏକ ପ୍ରମୁଖ ରୀତି। ନିୟମିତ ଟ୍ରେନ୍ ସେବା ସହିତ ରେଳ ପ୍ରଶାସନ ସୁନିଶ୍ଚିତ କରିଥିଲା ଯେ ଓଡ଼ିଶାର ପ୍ରତ୍ୟେକ କୋଣରୁ ତୀର୍ଥଯାତ୍ରୀମାନେ ନିକଟବର୍ତ୍ତୀ ଅଂଚଳ ଏବଂ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରୁ ଟ୍ରେନ୍ ଚଢ଼ିପାରିବେ। ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ବାଲୁଗାଁ, ଯାଜପୁର କେଉଁଝର ରୋଡ୍, ଯଖପୁରା, ଭଦ୍ରକ, ବାଲେଶ୍ୱର, କେନ୍ଦୁଝରଗଡ଼, ଢେଙ୍କାନାଳ, ସମ୍ବଲପୁର, ରାୟଗଡ଼ା, ଟିଟିଲାଗଡ଼, ବଲାଙ୍ଗୀର ଏବଂ ଅନ୍ୟାନ୍ୟ ସହରଗୁଡ଼ିକୁ ସମର୍ପିତ ସ୍ୱତନ୍ତ୍ର ଟ୍ରେନ୍ ମାଧ୍ୟମରେ ପ୍ରୟାଗରାଜ ସହିତ ସଂଯୋଗ କରାଯାଇଥିଲା। ତୀର୍ଥଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଅତିରିକ୍ତ ବ୍ୟବସ୍ଥା ମଧ୍ୟ କରିଥିଲା ଯେଉଁଥିରେ ପ୍ରୟାଗରାଜ ନିକଟରେ ଅତିରିକ୍ତ ରେକ୍ ରଖାଯାଇଥିଲା ଯାହାକୁ ଆବଶ୍ୟକତା ଅନୁସାରେ ବ୍ୟବହାର କରାଯାଇପାରିବ। କୁମ୍ଭ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ନାନ ତାରିଖ ମଧ୍ୟରୁ ମହା ଶିବରାତ୍ରି ସ୍ନାନ ପରେ ବିଶେଷ ବ୍ୟବସ୍ଥା କରାଯାଇଥିଲା ଯାହା ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ସୁଗମ ଯାତ୍ରା ସୁନିଶ୍ଚିତ କରିଥିଲା। ସ୍ୱତନ୍ତ୍ର ସେବା ସମେତ ୧୫,୦୦୦ ରୁ ଅଧିକ ଟ୍ରେନର ପରିଚାଳନା ଭାରତୀୟ ରେଳବାଇର ଅକ୍ଲାନ୍ତ ପ୍ରୟାସର ପ୍ରମାଣ ଯାହାକୁ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ନିଜେ ତଦାରଖ କରୁଥିଲେ । ରେଳବାଇ ବୋର୍ଡର ଅଧକ୍ଷ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସତୀଶ କୁମାର ମଧ ଏହି କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନକୁ ସକ୍ରିୟ ଭାବରେ ତଦାରଖ କରୁଥିଲେ। ରେଳବାଇ ଦଳଗୁଡ଼ିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଯାତ୍ରୀମାନଙ୍କୁ ଆରାମ ଏବଂ ସୁରକ୍ଷା ପ୍ରଦାନ କରିବା ପାଇଁ ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ କରିଛନ୍ତି । ରେଳବାଇ ସହଜ ଟିକେଟିଂ ବିକଳ୍ପ ପ୍ରଦାନ କରିବା ସହ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରି ଏବଂ ତୀର୍ଥଯାତ୍ରୀମାନଙ୍କୁ ସେମାନଙ୍କ ଯାତ୍ରା ସମୟରେ ଆଶ୍ରୟ ପ୍ରଦାନ କରି ଯାତ୍ରୀଙ୍କ ଅଭିଜ୍ଞତା ବୃଦ୍ଧି କରିବା ଉପରେ ମଧ ଧ୍ୟାନ ଦେଇଥିଲା। ଏହି ପଦକ୍ଷେପଗୁଡ଼ିକ ଯାତ୍ରୀମାନଙ୍କ ପାଇଁ ସର୍ବାଧିକ ଯତ୍ନ ଏବଂ ସୁବିଧା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା ବିଶେଷକରି ମହାସ୍ନାନ ଓ ଶିବରାତ୍ରି ଭଳି ପ୍ରମୁଖ ତୀର୍ଥ ଦିବସ ଗୁଡ଼ିକରେ। ଓଡିଶାରୁ ନିୟମିତ ଟ୍ରେନ ସେବା ସହିତ ୬୦ଟି ସ୍ୱତନ୍ତ୍ର ଟ୍ରେନ୍‌ର ଏହି ଐତିହାସିକ ପରିଚାଳନା ୨୦୨୫ ମହାକୁମ୍ଭ ପାଇଁ ପ୍ରୟାଗରାଜ ଯାଉଥିବା ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କ ପାଇଁ ନିରାପଦ, ଦକ୍ଷ ଏବଂ ସୁଗମ ଯାତ୍ରା ଯୋଗାଇବା ପାଇଁ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ମହାକୁମ୍ଭ ପରିକ୍ରମା ପରି ଶ୍ରେଷ୍ଠ ଜନସମାଗମରେ ଭାରତୀୟ ରେଳବାଇ ତୀର୍ଥଯାତ୍ରୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଏହାର ସେବାଗୁଡ଼ିକୁ ତଦାରଖ ଏବଂ ଆକଳନ କରିବା ଜାରି ରଖିଥିଲା ଯାହାଦ୍ୱାରା ଏହା ନିଶ୍ଚିତ କରୁଛି ଯେ ପବିତ୍ର ସଂଗମକୁ ଯାତ୍ରା ସମସ୍ତ ଭକ୍ତଙ୍କ ପାଇଁ ସୁଗମ, ଆରାମଦାୟକ ଏବଂ ସ୍ମରଣୀୟ ରହିବ।




ଭୁବନେଶ୍ୱର : ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଆଚାର୍ଯ୍ୟ ବିହାର ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ହୋଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଚାର୍ଯ୍ୟଙ୍କ ନିରାଡମ୍ବର ଜୀବନଶୈଳୀ ଓ ନିଷ୍ଠାପର ସେବାର ପଟାନ୍ତର ନାହିଁ ବୋଲି ଅଭିହିତ କରିଥିଲେ। ପୁରୀ ଜିଲ୍ଲାର ସତ୍ୟବାଦୀର ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ। ଶିକ୍ଷା, ସଂସ୍କାର ଓ ସହାନୁଭୂତିର ମୂର୍ତ୍ତିବନ୍ତ ପ୍ରତୀକ ଥିଲେ। ଜଣେ ଗାନ୍ଧିବାଦୀ, ସଂଗ୍ରାମୀ, ସଂସ୍କାରକ, ଛାତ୍ରବତ୍ସଳ ଶିକ୍ଷକ ଓ ମଣିଷ ପଣିଆର ଉଜ୍ଜଳ ଉଦାହରଣ ବୋଲି ଶ୍ରୀ ସାମଲ ଅଭିହିତ କରିଥିଲେ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଲିଙ୍ଗରାଜ ମନ୍ଦିରରେ ଦୀପ ଉଠା ବେଳେ ହୋଇଥିବା ଅଘଟଣରେ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସେବାୟତ ଯୋଗେନ୍ଦ୍ର ସମର୍ଥାଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସ ଭେଟି ତାଙ୍କୁ ଆସୁ ଆରୋଗ୍ୟ କାମନା କରିବା ସହ ପ୍ରଶାସନର ଅବହେଳା ପାଇଁ ଏଭଳି ଘଟିଲା ବୋଲି କହିଛନ୍ତି। (ଫଟୋ: ସମ୍ବାଦ କଳିକା)

## ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ମନୋଜ ଦାସଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ବିଶ୍ୱ ଭାଷା ଓ ସାହିତ୍ୟ ଜଗତର ମହାନ ଲେଖକ ତଥା ସାହିତ୍ୟିକ ମନୋଜ ଦାସଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଉଛି। ନିଜ କାଳଜୟୀ ରଚନା ଦ୍ୱାରା ସେ ଅଗଣିତ ପାଠକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଚେତନାଧର୍ମୀ ସାହିତ୍ୟ ରଚନା କ୍ଷେତ୍ରରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ।

## ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପାଳିତ

# ସୃଷ୍ଟିକୁ ଶିକ୍ଷିତ କରିବାର ଦୀକ୍ଷା ଗ୍ରହଣ କରିଥିଲେ ଆଚାର୍ଯ୍ୟ ହରିହର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆଚାର୍ଯ୍ୟ ହରିହର ସୃଷ୍ଟିକୁ ଶିକ୍ଷିତ କରିବାର ଦୀକ୍ଷା ଗ୍ରହଣ କରିଥିଲେ। ସେ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ଲେଖକ, ସମ୍ପାଦକ, ସର୍ବୋଦୟ କାର୍ଯ୍ୟକର୍ତ୍ତା। ସେ ଭଲ ମଣିଷ ଗଢ଼ିବାର ପଣ ନେଇ ନିଜ ଜୀବନକୁ ଦେଶ ଓ ଜାତି ସେବାରେ ଉତ୍ସର୍ଗ କରିଦେଇଥିଲେ ବୋଲି ଆଜି ତାଙ୍କ ପବିତ୍ର ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଆଜି ପୂର୍ବାହ୍ନ ସାଢ଼େ ଆଠ




ଘଟିକା ସମୟରେ ଆଚାର୍ଯ୍ୟ ବିହାର ସ୍ଥିତ ଆଚାର୍ଯ୍ୟ ହରିହରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏହି ଜୟନ୍ତୀ ପାଳନ କରାଯାଇଥିଲା। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସର୍ବପ୍ରଥମେ ବେଦ ପାଠ ଓ ହରିହରଙ୍କ ଉପରେ ବିରଚିତ ଛାନ୍ଦ ଗାନ କରିଥିଲେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ଅମ୍ବରିଷ ଶତପଥୀ, ଡକ୍ଟର ରଙ୍ଗାଧର ସାହୁ, ଅନିଲ ପୂଜାରୀ, ପଦ୍ମିନୀ ବାରିକ, ଅନିତା ପାଢ଼ୀ, ସତ୍ୟବ୍ରତ ଜେନା, ଦେବେନ୍ଦ୍ର ସାହୁ, ବୀରବର ହୋତା ପ୍ରମୁଖ ଯୋଗଦାନ କରି ଆଚାର୍ଯ୍ୟ ହରିହରଙ୍କ ବିବିଧ କାର୍ଯ୍ୟାବଳୀର ଦୃଷ୍ଟାନ୍ତ ମାନ ଦେଇ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହାନଦୀ ରିଭର...

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଟକର ସାଂସଦ ଭର୍ତ୍ତୃହରି ମହତାବ, କଟକ-ବାରବାଟୀ ବିଧାୟିକା ସୋଫିଆ ଫିରଦୋସ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ , କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ , ମେୟର ସୁଭାଷ ସିଂହ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ , କଟକ ଜିଲ୍ଲାପାଳ , ସିଡିଏ ଉପାଧକ୍ଷ କଟକ ମହାନଗର ନିଗମ କମିଶନର, ଜଳସମ୍ପଦ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେମାନେ ଡି ପି ଆର ଅନୁଯାୟୀ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଅତି କମରେ ଆଗାମୀ ବାଲିଯାତ୍ରା ପୂର୍ବରୁ ସେହି ଅନୁସାରେ ପ୍ରସ୍ତୁତ କରାଯାଇପାରେ। ମହାନଦୀ ଜଳପ୍ରାନ୍ତ ବିକାଶକୁ ଏକ ବିଶ୍ୱସ୍ତରୀୟ ସହରାଞ୍ଚଳ ଏବଂ ମନୋରଞ୍ଜନ ସ୍ଥାନ ଭାବରେ କଳ୍ପନା କରାଯାଇଛି, ଯାହା ସ୍ଥାନୀୟ ସମ୍ପ୍ରଦାୟର ଆବଶ୍ୟକତା ପୂରଣ କରେ, ପରିବେଶଗତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରେ, ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରେ ଏବଂ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରେ। ଏହା ସବୁଜ ଭିତ୍ତିଭୂମି, ସାଂସ୍କୃତିକ ସଂରକ୍ଷଣ ଏବଂ ଆଧୁନିକ ସହରାଞ୍ଚଳ ଯୋଜନାକୁ ସମନ୍ୱିତ କରି ଅବକାଶ, ବାଣିଜ୍ୟ, ପର୍ଯ୍ୟଟନ ଏବଂ ପରିବେଶ ସଚେତନତାର ଏକ ଗତିଶୀଳ ମିଶ୍ରଣ ସୃଷ୍ଟି କରିବ। ମହାନଦୀର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ, ପ୍ରକଳ୍ପଟି ଜଳ ଗୁଣବତ୍ତା ପରିଚାଳନା, ବର୍ଜ୍ୟବସ୍ତୁ ବିଶୋଧନ ପ୍ଲାଣ୍ଟ ଏବଂ ଜଳୀୟ ଜୈବ ବିବିଧତାକୁ ସୁରକ୍ଷା ଉପରେ ଧ୍ୟାନ ଦେବ। ଜଳପ୍ରାନ୍ତରେ ଆବାସିକ ୟୁନିଟ୍, ବାଣିଜ୍ୟିକ କ୍ଷେତ୍ର, ମନୋରଞ୍ଜନ ସୁବିଧା ଏବଂ ସାଧାରଣ ସୁବିଧା ସମେତ ମିଶ୍ରିତ ବ୍ୟବହାର ସ୍ଥାନ ରହିବ। ବିକାଶ ସବୁଜ ସ୍ଥାନ, ପଦଯାତ୍ରୀ-ଅନୁକୂଳ ପଦଯାତ୍ରା, ସାଇକେଲିଂ ପଥ ଏବଂ ସୁସଂଯୁକ୍ତ ପରିବହନ ବ୍ୟବସ୍ଥା ଉପରେ ଧ୍ୟାନ ଦେବ। ଦକ୍ଷ ବର୍ଜ୍ୟବସ୍ତୁ ପରିଚାଳନା, ଜଳ ନିରୀକ୍ଷଣ ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସ୍ମାର୍ଟ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରାଯିବ। ଏହା ଏକ ପ୍ରମୁଖ ପରିବେଶ-ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଭାବରେ ସ୍ୱୀକୃତି ଲାଭ କରିବ। ଇଭେଣ୍ଟ ସ୍ଥାନଗୁଡ଼ିକ ସଙ୍ଗୀତ ଏବଂ ଖାଦ୍ୟ ଉତ୍ସବ, ସ୍ଥାନୀୟ ସାଂସ୍କୃତିକ ପ୍ରଦର୍ଶନ ଏବଂ ଅନ୍ୟାନ୍ୟ ଆୟୋଜନ କରିବ, ଯାହା ଜାତୀୟ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବ। ପ୍ରକଳ୍ପଟି ବରିଷ୍ଠ, ପିଲା ଏବଂ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ପାଇଁ ସୁଗମ ପାର୍କ, ଖେଳପଡ଼ିଆ ଏବଂ ମନୋରଞ୍ଜନ କ୍ଷେତ୍ର ସୃଷ୍ଟି କରିବ। ଏହା ସ୍ଥାନୀୟ କାରିଗର, ଚାଷୀ ଏବଂ ଛୋଟ ବ୍ୟବସାୟଗୁଡ଼ିକୁ ବଜାର ଏବଂ କିଓସ୍କ ସ୍ଥାପନ କରିବାକୁ ଉତ୍ସାହିତ କରିବ, ଯାହା ସ୍ୱଦେଶୀ କାରିଗରୀ ଏବଂ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରିବ। ଋତୁକାଳୀନ ବନ୍ୟାର ବିପଦକୁ ହ୍ରାସ କରିବା ପାଇଁ, ଜଳପ୍ରବେଶରେ ବନ୍ୟା ସୁରକ୍ଷା ଭିତ୍ତିଭୂମି, ଯେପରିକି ବନ୍ଧ, ଉଚ୍ଚ ପଦଯାତ୍ରା ରାସ୍ତା ଏବଂ ବନ୍ୟା ପ୍ରତିବନ୍ଧକ ଅନ୍ତର୍ଭୁକ୍ତ କରାଯିବ। ଜଳବାୟୁ ସ୍ଥିରତା ବୃଦ୍ଧି କରିବା ପାଇଁ ବର୍ଷାଜଳ ଅମଳ ଏବଂ ପାରଗମ୍ୟ ପୃଷ୍ଠ ସମେତ ସବୁଜ ଭିତ୍ତିଭୂମି ସମାଧାନଗୁଡ଼ିକୁ ସମନ୍ୱିତ କରାଯିବ।

## ଚାନ୍ଦିପୁରରୁ ନୌସେନା...

ଭାବେ ବିକଶିତ ଏକ ଲଞ୍ଚର ସଂଯୋଗ ହୋଇଛି । କ୍ଷେପଣାସ୍ତ୍ରର ମାର୍ଗଦର୍ଶୀ ପ୍ରଣାଳୀରେ ଅତ୍ୟାଧୁନିକ ନାଭିଗେସନ ବ୍ୟବସ୍ଥା ଓ ସମନ୍ୱିତ ଏଭିଓନିକ୍ସ ଖଞ୍ଜା ହୋଇଛି। କ୍ଷେପଣାସ୍ତ୍ର ପରୀକ୍ଷା ସମୟରେ ଡିଆରଡିଓ ଓ ଭାରତୀୟ ନୌସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପଟେ ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଡିଆରଡିଓ ଅଧକ୍ଷ ଡକ୍ଟର ସମୀର ଭି କାମାତ ଡିଆରଡିଓ ସହ ଭାରତୀୟ ନୌସେନା ଓ ଶିଳ୍ପ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଲିଙ୍ଗରାଜ ମନ୍ଦିର...

ମନ୍ଦିର ଚଢ଼ିବା ସ୍ଥାନରେ ପ୍ରତିବର୍ଷ ବାଲି ପଡ଼େ ହେଲେ ଏଥର ପ୍ରଶାସନ ବାଲି ପକାଇବାକୁ ଭୁଲି ଯାଇଥିଲା। ବାଲି ପଡ଼ିଥିଲେ ଅଘଟଣ ହୋଇନଥାନ୍ତା ବୋଲି ଅଶ୍ୱିନୀ କହିଛନ୍ତି । ପାଦରେ ଘିଅ ଲାଗିବାରୁ ଗୋଡ଼ ଖସି ଏମିତି ବଡ଼ ଅଘଟଣ ଘଟିଛି ବୋଲି ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅଘଟଣ ପରେ ମହାଦୀପକୁ ଅନ୍ୟଜଣେ ସେବାୟତ ଲିଙ୍ଗରାଜ ସମର୍ଥା ମନ୍ଦିର ଉପରକୁ ନେଇଥିଲେ। କାହିଁକି ଓ କେମିତି ଏ ଅଘଟଣ ଘଟିଲା ତାର ଅନୁଧ୍ୟାନ କରାଯିବ ବୋଲି ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ବିଜେପି ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଆହତ ଯୋଗେନ୍ଦ୍ରଙ୍କୁ ହସ୍ପିଟାଲରେ ଭେଟିଥିଲେ।

ଲିଙ୍ଗରାଜ ମନ୍ଦିର ଅଘଟଣ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ବ୍ରାହ୍ମଣ ନିଯୋଗ ସଭାପତି ନାରାୟଣ ମହାପାତ୍ର । ବୟସଟା ବାଧକ ନୁହେଁ। ଏହା ଏକ ଦୁର୍ଘଟଣା। ଘିଅର ମାତ୍ରା ଅଧିକ ଥିବା ମାନିଲେ ବ୍ରାହ୍ମଣ ନିଯୋଗ ସଭାପତି । ନିଯୋଗ ମାନେ କେହି କାହାକୁ ଅବହେଳା କରନ୍ତି ନାହିଁ ।ପ୍ରଶାସନିକ ସ୍ତରରେ ନିଜ ଅଭିଯୋଗ କର୍ତ୍ତୃପକ୍ଷଙ୍କ ପାଖରେ ଜଣାନ୍ତୁ ବୋଲି ସେ କହିଛନ୍ତି।

## ମାର୍ଚ୍ଚ ୩ରେ ...

ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଫେବ୍ରୁଆରୀ ୨୮ତାରିଖ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ। ଏହି ଶୁଣାଣିରେ ସାମିଲ ହେବା ପାଇଁ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ।

## ଗୋଲ୍ଡ କାର୍ଡ ...

ହେଉଥିବା ଆହ୍ୱାନ ଉପରେ ସେ ଆଲୋକପାତ କରିଥିଲେ। ପ୍ରସ୍ତାବିତ ଗୋଲ୍ଡ କାର୍ଡ ଦ୍ୱାରା କମ୍ପାନୀମାନେ କାର୍ଡ କିଣି ଶୀର୍ଷ ବିଶ୍ୱବିଦ୍ୟାଳୟରୁ ପ୍ରତିଭାଙ୍କୁ ନିଯୁକ୍ତି ଦେଇପାରିବେ। ପ୍ରାୟ ଦୁଇ ସପ୍ତାହ ମଧ୍ୟରେ ଗୋଲ୍ଡ କାର୍ଡ ବିକ୍ରି ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଏହି ଗୋଲ୍ଡ କାର୍ଡ ସରକାରଙ୍କ ବର୍ତ୍ତମାନର ଇବି-୫ ଇମିଗ୍ରାଣ୍ଟ ଇନଭେଷ୍ଟର ଭିସା ପ୍ରୋଗ୍ରାମର ସ୍ଥାନ ନେବ, ଯାହା କି ୧୯୯୦ରେ ଆରମ୍ଭ ହୋଇଥିଲା।

## ଭୁବନେଶ୍ୱରରେ ପହଞ୍ଚିଲେ...

ସାମଲଙ୍କ ସମେତ ବହୁ ବରିଷ୍ଠ ନେତା ତାଙ୍କୁ ସ୍ୱାଗାତ ସମ୍ବର୍ଦ୍ଧନା ଜଣାଇଥିଲେ। ଶୁକ୍ରବାର ପ୍ରଥମଥର ପାଇଁ ପୁରୀରେ ଆୟୋଜନ ହେଉଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଶ୍ରୀ ନଡ୍ଡା ଯୋଗଦେବେ ।

## ଅସୁରକ୍ଷିତ...

ସେତେବେଳେ ଗୁଇନ୍ଦା ପକ୍ଷରୁ ଆଲର୍ଟ କରାଯାଇଥିଲା। ସଦାସର୍ବଦା ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଥିବା ଲିଙ୍ଗରାଜ ମନ୍ଦିର ଓ ଶ୍ରୀମନ୍ଦିର ଉପରେ ବାରମ୍ବାର ଡ୍ରୋନ ଉଡିବା ଘଟଣାକୁ ସାଧାରଣରେ ଗ୍ରହଣ କରାଯାଉନାହିଁ । ସାଇବର ଏକ୍ସପର୍ଟଙ୍କ କହିବା ମୁତାବକ ନୋ ଫ୍ଲାଇଂ ଜୋନରେ ଯଦି ଡ୍ରୋନ ଉଡୁଛି, ତେବେ ତୁରନ୍ତ ପ୍ରଶାସନ ପକ୍ଷରୁ ଜାମର ଲଗାଯାଇ ଡ୍ରୋନର ମୁଭମେଣ୍ଟକୁ ଜାମ କରାଯାଇପାରିବ । ଅଥବା ଲେଜର ଲାଇଟ ସହାୟତାରେ ଡ୍ରୋନର ସେନସରକୁ ଡାଉନ କରାଯାଇପାରିବ । ହେଲେ ପୋଲିସ ଏପରି କିଛି ନକରି କେବଳ ଦେଖଣାହାରି ସାଜିଥିଲା ବୋଲି ଅଭିଯୋଗ ହୋଇଛି।

## ଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠିଲା ବେଳେ ଅଘଟଣ

# ରାଜ୍ୟ ସରକାରଙ୍କ ପରିଚାଳନାଗତ ବିଫଳତା ଯୋଗୁ ଅଘଟଣ: ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରି ଦିନ ମହାଦୀପ ଉଠିବା ବେଳେ ସେବାୟତ ଜଣକ ଖସି ପଡିବା ଘଟଣା



ଦୁଃଖଦାୟକ, ନିନ୍ଦନୀୟ ଓ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ବିଫଳତା ବୋଲି ବିଜୁ ଜନତା ଦଳ କହିଛି। ବିଜେଡି ତରଫରୁ ଜାରି କରା ଯାଇଥିବା ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରି ପାଳନ ବେଳେ ଘଟିଥିବା ଅଘଟଣ ଏକ ବଡ଼ ଧରଣର ପରିଚାଳନାଗତ ବିଭ୍ରାଟ। ଗତ ରଥଯାତ୍ରା ସମୟରେ,ପହଣ୍ଡି ସମୟରେ ବଡ଼ ଠାକୁର ଖସି ପଡ଼ିଥିଲେ, ଯାହା ବିଶ୍ୱର ଜଗନ୍ନାଥ ପ୍ରେମୀ ମାନଙ୍କ ମନରେ ଗଭୀର ଆଘାତ ଦେଇଥିଲା। ଏହି ଘଟଣାରେ ରାଜ୍ୟ ସରକାର ତଦନ୍ତ କରିବେ ବୋଲି କହିଥିଲେ, କିନ୍ତୁ ସେ ତଦନ୍ତର ରିପୋର୍ଟ ଆଜି ପର୍ଯ୍ୟନ୍ତ ଆସିଲା ନାହିଁ। ଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରି ପାଳନ ବେଳେ ଏପରି ଘଟଣା ପୂର୍ବରୁ କେବେ ଘଟିବାର ନଜିର ନାହିଁ। ଦୁଃଖ ଓ ପରିତାପର ବିଷୟ, ସରକାର ଶିବରାତ୍ରି ଦିନ ଦର୍ଶନ ବ୍ୟବସ୍ଥା ମଧ୍ୟ ଶୃଙ୍ଖଳିତ ହୋଇ ପାରି ନଥିବା ଅନେକ ଭକ୍ତ ଅଭିଯୋଗ କରିଛନ୍ତି। ଦର୍ଶନ ପାଇଁ ଧାଡିରେ ସାଧାରଣ ଭକ୍ତମାନେ ଘଣ୍ଟା ଘଣ୍ଟା ଛିଡା ହୋଇ ଦର୍ଶନ ପାଇ ପାରି ନଥିଲା ବେଳେ ନିୟମିତ ଭାବେ ଭିଆଇପି ପାସ ନେଇ ଲୋକମାନେ ପ୍ରବେଶ କରୁଥିଲେ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ଦର୍ଶନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଛି। କେଉଁ ପରିସ୍ଥିତିରେ ଭିଆଇପି ପାସ ବ୍ୟବସ୍ଥା କରାଯାଇଥିଲା ଓ କେତେ ଭିଆଇପି ପାସ୍ ରାଜ୍ୟ ସରକାର ଇସ୍ୟୁ କରିଥିଲେ ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ଡ଼ ମହାନ୍ତି କହିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.
SNTPBBS-052025-PSS

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ସଂକେତ ଏବଂ ଦୂରସଂଚାର / ପ୍ରୋଜେକ୍ଟ ୟୁନିଟ / ପୂର୍ବ ତଟ ରେଳପଥର ବିଭିନ୍ନ ପ୍ରୋଜେକ୍ଟଗୁଡ଼ିକ ପାଇଁ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ (PSS) ପ୍ରଦାନ କରିବା ପାଇଁ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ ଏଜେନ୍ସି ନିଯୁକ୍ତି ନିମନ୍ତେ ପ୍ରସ୍ତାବ ପାଇଁ ଅନୁରୋଧ (RFP) ।

**ଆନୁମାନିକ ବିଜ୍ଞାପିତ ମୂଲ୍ୟ (₹) :** 16,82,51,499.24, EMD (₹) : 9,91,300.00, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.22.04.2025ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ (P), ଭୁବନେଶ୍ୱର
PR-171/CH/24-25

**OFFICE OF THE CHIEF EXECUTIVE, RPRC, BHUBANESWAR** MM-507
(e-mail Id: rprcbbsr@gmail.com), Tel-(0674)-2557925
No-T-07/ 387/RPRC Date: 25.02.2025
**REQUEST FOR PROPOSAL**
**Bid Identification No. RPRC/ 25 / 2024-25**

The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt, of Odisha invites RFP for Consultancy Services for "Survey, Soil Testing, Design Engineering, DPR Preparation for Drinking Water Project with Automation System at RPRC, Bhubaneswar" from eligible bidders though e-tendering process in two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in / e- portal https://rprc.ewizard.in. The bid calendar under the end-to-end process are-

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) |
|---|---|---|---|---|
| | | From | To | |
| 7,000/- (online) | 6,000.00 (On line) | 27.02.2025 / 10.00 A.M. | 13.03.2025/ 10.00 A.M. | 13.03.2025/ 11.30 A.M. |

Addendum/ Corrigendum/ Cancellation, if any, will be published in RPRC website and e- portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders). For any other queries regarding registration & online tender submission contact to: Mr. Shivendra Kumar, Mobile- 9355030613 and Jitesh Kumar, Mobile- 9355030604, e-mail: eprochelpdesk.101@gmail.com

OIPR-08004/11/0027/2425 Sd/- CHIEF EXECUTIVE, RPRC, BHUBANESWAR

ଭୁବନେଶ୍ୱର
୨୮ ଫେବୃୟାରୀ
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ଭୁବନେଶ୍ୱର : ଜାଗର ଯାତ୍ରା ସମୟରେ ଦୁର୍ଘଟଣା ଗ୍ରସ୍ତ ସେବାୟତ ଯୋଗେନ୍ଦ୍ର ସମର୍ଥାଙ୍କ ସମେତ ଚିକିତ୍ସିତ ହେଉଥିବା ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଚାରି ବୁଝୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ସିଏମ୍‌ସିରେ ଜୈବ ବର୍ଜ୍ୟରୁ ଉତ୍ପନ୍ନ ହେବ ଇନ୍ଧନ ଗ୍ୟାସ୍

**କଟକ,୨୭/୦୨**
**ନ୍ୟୁଜ ବ୍ୟୁରୋ**

କଟକ ମହାନଗର ନିଗମ (ସିଏମ୍‌ସି)ରେ ପରିମଳ ପରିଚାଳନା କ୍ଷେତ୍ରରେ ଆଉ ଏକ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ମହାନଗର ନିଗମ ପରେ ଏବେ ସିଏମ୍‌ସିରେ ନିର୍ଗତ ହେଉଥିବା ଜୈବ ବର୍ଜ୍ୟବସ୍ତୁରୁ ଉତ୍ପନ ହେବ ଇନ୍ଧନ ଗ୍ୟାସ୍ । ସାଧାରଣ ଲୋକଙ୍କ ପାଇଁ ଏହାକୁ ସଂରକ୍ଷିତ କରି ପ୍ରଦାନ କରାଯିବ । ଏଥିପାଇଁ ଜଗତପୁର ଅଞ୍ଚଳରେ ତିଆରି କରାଯିବ ବାୟୋ ମିଥାନେସନ୍ ପ୍ଲାଣ୍ଟ୍ । ଏହି ପ୍ଲାଣ୍ଟ୍ ନିର୍ମାଣ କରିବାକୁ ବଜେଟ୍‌ରେ ୩୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ପରିମଳ ପରିଚାଳନା କ୍ଷେତ୍ରରେ ଏହା ବେଶ୍ ସହାୟକ ହେବ । ସିଏମ୍‌ସିରେ ଏବେ ଦୈନିକ ୨୩୪.୨୫ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଛି । ସେଥିରେ ୧୧୯.୭୪ ମେଟ୍ରିକ୍ ଟନ୍ ଓଦା ଆବର୍ଜନା ତଥା ଜୈବ ଆବର୍ଜନା ଥିବାବେଳେ ୧୧୪.୫୧ ମେଟ୍ରିକ୍ ଟନ୍ ହେଉଛି ଶୁଖିଲା ଅଳିଆ । ତେବେ ସିଏମ୍‌ସିରୁ ବର୍ତ୍ତମାନ ବାହାରୁଥିବା ୨୩୪ ମେଟ୍ରିକ୍ ଟନ୍‌ରୁ ୧୫୦ ମେଟ୍ରିକ୍ ଟନ୍ ଆବର୍ଜନାକୁ ପ୍ରକ୍ରିୟାକରଣ କରାଯାଉଥିଲାବେଳେ ଏବେ ଦୈନିକ ୮୪.୨୫ ମେଟ୍ରିକ୍ ଟନ୍ ଆବର୍ଜନା ଚକ୍ରଧରପୁରରେ ଯାଇ ଗଦା ହେଉଛି । ଏହା ମଧ୍ୟରେ ସହରରେ ଥିବା ଏମ୍‌ସିସି ଓ ଏମ୍‌ଆରଏଫ୍ ବନ୍ଦ ହେବା ପରିସ୍ଥିତିରେ । ତେଣୁ ସହରରେ ନିର୍ଗତ ହେଉଥିବା ଆବର୍ଜନା ପରିମାଣ ଦିନକୁ ଦିନ ବଢୁଥିଲାବେଳେ ଏହାକୁ ନଷ୍ଟ କରିବା ପାଇଁ ସିଏମ୍‌ସି ପାଇଁ ବଡ ଚିନ୍ତାର ବିଷୟ ପାଲଟିଛି । ଏଭଳି ସ୍ଥିତିରେ ସିଏମ୍‌ସି ଦ୍ୱାରା ଜୈବ ଆବର୍ଜନାରୁ ଇନ୍ଧନ ଗ୍ୟାସ୍ ଉତ୍ପାଦନ ପାଇଁ ଯୋଜନା କରାଯାଇଛି । ଏଥିପାଇଁ ୩୦ କୋଟି ବ୍ୟୟରେ ଜଗତପୁର ଅଞ୍ଚଳରେ ବାୟୋ ମିଥାନେସନ୍ ପ୍ଲାଣ୍ଟ୍ ତିଆରି ହେବ । ସେଠାରେ ପ୍ରଥମ ପର୍ଯ୍ୟାୟରେ ମିଥେନ୍ ଗ୍ୟାସ୍‌କୁ ରନ୍ଧନ କ୍ଷେତ୍ରରେ ବ୍ୟବହାର କରାଯିବ । ତାହାପରେ ପାୱାରପ୍ଲାଣ୍ଟ୍ ସ୍ଥାପନ କରାଯାଇ ସେଥିରୁ ବିଦ୍ୟୁତ୍ ଶକ୍ତି ଉତ୍ପନ କରାଯିବ ବୋଲି ସିଏମ୍‌ସି କର୍ତ୍ତୃପକ୍ଷ ଯୋଜନା କରିଛନ୍ତି । ଯାହା ସିଏମ୍‌ସିର ରାଜସ୍ୱ ବୃଦ୍ଧି କରିବା ସହିତ ସାଧାରଣ ଲୋକଙ୍କ ପାଇଁ ଲାଭଦାୟକ ମଧ୍ୟ ହେବ ।

# କୌଣସି ତଥ୍ୟର ଭୌତିକତାର ନିର୍ଦ୍ଧାରଣ କେସ୍-ଟୁ-କେସ୍ ଆଧାରରେ କରାଯିବା ଦରକାର : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୭।୨**

ଜୀବନ ବୀମା ପଲିସି ନେଉଥିବା ଲୋକଙ୍କୁ ସାବଧାନ କରାଇଲେ ସୁପ୍ରିମକୋର୍ଟ। ପଲିସି ନେବା ସମୟରେ ପ୍ରସ୍ତାବ ପତ୍ରରେ ପୂର୍ବରୁ ନିଆଯାଇଥିବା ପଲିସିର ଖୁଲାସା ନକରିବା ଉପରେ କ୍ଲେମ୍ ଦେବାକୁ ମନା କରି ଦିଆଯାଇ ପାରେ ବୋଲି କହିଛନ୍ତି ସର୍ବୋଚ୍ଚ ଅଦାଲତ। ତେବେ ଯେଉଁ ମାମଲାର ଶୁଣାଣି ସୁପ୍ରିମକୋର୍ଟ କରୁଥିଲେ, ସେଥିରେ ଆବେଦନକାରୀଙ୍କ ପକ୍ଷରେ ରାୟ ଶୁଣାଇଛନ୍ତି କୋର୍ଟ ଓ ବୀମା କମ୍ପାନୀକୁ ୯ ପ୍ରତିଶତ ସୁଦ୍ଧ ଦରରେ ବୀମା ରାଶି ପରିଶୋଧ କରିବାର ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବିବି ନାଗରତ୍ନ ଓ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଏହି ମାମଲାରେ ଶୁଣାଣି କରି କହିଛନ୍ତି, ବୀମା ଏକ ସମ୍ପୂର୍ଣ୍ଣ ବୈଧ ଅନୁବନ୍ଧ। ତେଣୁ ଆବେଦକଙ୍କ ଏହା କର୍ତ୍ତବ୍ୟ ଯେ, ସେ ପଲିସି ନେବା ବେଳେ ସବୁ ତଥ୍ୟର ଖୁଲାସା କରନ୍ତୁ, ଯାହାକି ପ୍ରସ୍ତାବିତ ବିପଦକୁ ସ୍ୱୀକାର କରିବାରେ ବୀମାକର୍ତ୍ତା କମ୍ପାନୀ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପାରେ।' ଖଣ୍ଡପୀଠ କହିଛନ୍ତି, ପ୍ରସ୍ତାବ ପତ୍ରରେ ଦିଆଯାଇଥିବା ତଥ୍ୟ ବୀମା ଅନୁବନ୍ଧ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଉଛି। ଏହାର ଖୁଲାସା ନକଲେ ଦାବୀକୁ ଅସ୍ୱୀକାର କରାଯାଇପାରେ।' ତେବେ କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, କୌଣସି ତଥ୍ୟର ଭୌତିକତାର ନିର୍ଦ୍ଧାରଣ କେସ୍-ଟୁ-କେସ୍ ଆଧାରରେ କରାଯିବା ଦରକାର। 'ଲାଇଭ ଲ'ର ଏକ ରିପୋର୍ଟ ଅନୁସାରେ, ବର୍ତ୍ତମାନ ମାମଲାରେ ଆବେଦନକାରୀ ମହାବୀର ଶର୍ମାଙ୍କ ବାପା ରାମକରଣ ଶର୍ମା ୯ ଜୁନ୍ ୨୦୧୪ରେ ଏକ୍ସାଇଡ୍ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀରୁ ୨୫ ଲକ୍ଷ ଟଙ୍କାର ଜୀବନ ବୀମା ପଲିସି ନେଇଥିଲେ। ତେବେ ତା ପର ବର୍ଷ ୧୯ ଅଗଷ୍ଟ ୨୦୧୫ରେ ତାଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିଲା। ପିତାଙ୍କ ମୃତ୍ୟୁ ପରେ ଆବେଦନକାରୀଙ୍କ ପୁଅ ଏକ୍ସାଇଡ୍ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ନିକଟରେ ପଲିସି କ୍ଲେମର ଆବେଦନ କରିଥିଲେ, କିନ୍ତୁ କମ୍ପାନୀ ଏହି ଆଧାରରେ ଦାବୀକୁ ଅସ୍ୱୀକାର କରିଥିଲେ ଯେ, ଆବେଦନକାରୀଙ୍କ ବାପା ପଲିସି ନେବା ସମୟରେ ପୁରୁଣା ପଲିସିର ବିବରଣୀ ଲୁଚାଇ ରଖିଥିଲେ। ସେ ଅଭିଭା ଲାଇଫ୍ ଇନସ୍ୟୁରାନ୍ସରୁ ନେଇଥିବା ଏକ ପଲିସିର ଖୁଲାସା କରିଥିଲେ, ସେଭଳି ଅନ୍ୟ ଜୀବନ ବୀମା ପଲିସିର ବିବରଣୀ ଦେଇନଥିଲେ। କମ୍ପାନୀ ପକ୍ଷରୁ କ୍ଲେମ୍ ଖାରଜ କରାଯିବା ପରେ ମହାବୀର ଶର୍ମା ରାଜ୍ୟ ଓ ରାଷ୍ଟ୍ରୀୟ ଉପଭୋକ୍ତା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ସେଠାରେ ତାଙ୍କ ଦାବିକୁ ଖାରଜ କରି ଦିଆଯାଇଥିଲା। ଏହାପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲ। ଆରମ୍ଭରୁ କୋର୍ଟ ଜାଣିବାକୁ ପାଇଥିଲେ ଯେ, ଆବେଦନକାରୀ ତିଆରି କରିଥିବା ପଲିସି ୪୦ ଲକ୍ଷ ଟଙ୍କାର ଥିଲା, ସେଭଳି ଯେଉଁ ପଲିସିର ବିବରଣୀ ଲୁଚାଯାଇଥିଲା ଏହାର ମୋଟ ରାଶି ମାତ୍ର ୨.୩ ଲକ୍ଷ ଟଙ୍କା ଥିଲା। ତେବେ ଖଣ୍ଡପୀଠ ଏହି କଥା ଉପରେ ବିଚାର କରିଛନ୍ତି ଯେ, ଖୁଲାସା ନକରିବା ଫଳରେ ବୀମାକର୍ତ୍ତା କମ୍ପାନୀକୁ ଏହି ପ୍ରଶ୍ନ କରିବାର ସୁଯୋଗ ମିଳିଯାଇଛି ଯେ, ବୀମାଧାରକ ଏତେ କମ୍ ସମୟରେ ଦୁଇଟି ଅଲଗା ଅଲଗା ଜୀବନ ବୀମା ପଲିସି କାହିଁକି ନେଇଥିଲେ ? କୋର୍ଟ କହିଛନ୍ତି ବୀମା କମ୍ପାନୀକୁ ସନ୍ଦେହ ରହିପାରେ କାରଣ ବର୍ତ୍ତମାନ ମାମଲାରେ ଲୁଚା ଯାଇଥିବା ଅନ୍ୟ ପଲିସି ମହତ୍ୱହୀନ ରାଶିର ଥିଲା। ତେଣୁ କୋର୍ଟ କହିଛନ୍ତି, ଏହି ମାମଲାରେ ଅଳ୍ପ ଭିନ୍ନ ଭାବରେ ବିଚାର କରାଯାଇପାରେ । ବିଚାରଧୀନ ପଲିସି ମେଡିକ୍ଲେମ୍ ପଲିସି ନୁହେଁ, ଏହା ଏକ ଜୀବନ ବୀମା କଭର ଓ ବୀମାଧାରକଙ୍କ ମୃତ୍ୟୁ ଦୁର୍ଘଟଣା କାରଣରୁ ହୋଇଛି। ତେବେ ଅନ୍ୟ ପଲିସି ବିଷୟରେ ଉଲ୍ଲେଖ ନକରିବା, ନିଆଯାଇଥିବା ପଲିସି ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନାହିଁ।ପ୍ରତିବାଦୀ କମ୍ପାନୀ ଦ୍ୱାରା ଦାବୀକୁ ଅସ୍ୱୀକାର କରିହେବନି।' ଖଣ୍ଡପୀଠ କହିଛନ୍ତି, ବୀମାକର୍ତ୍ତା କମ୍ପାନୀକୁ ଜଣାଥିଲା ଯେ, ବୀମା ନେଉଥିବା ବ୍ୟକ୍ତିଙ୍କ ପାଖରେ ଉଚ୍ଚ ବୀମା ରାଶିର ଏକ ପଲିସି ରହିଛି ଓ ଏହାକୁ ବିଶ୍ୱାସ କରିଥିଲେ ଯେ ବୀମା କରିଥିବା ବ୍ୟକ୍ତିଙ୍କ ପାଖରେ ବର୍ତ୍ତମାନ ପଲିସିର ପ୍ରିମିୟମ ଦେବାର କ୍ଷମତା ମଧ୍ୟ ରହିଛି। ଏହାକୁ ଦେଖି ତାଙ୍କୁ ପଲିସି ଦିଆଯାଇଥିଲା। ତେଣୁ କୋର୍ଟ କମ୍ପାନୀ ଦ୍ୱାରା ଦାବିକୁ ଖାରଜ କରିବାକୁ ଅନୁଚିତ ବୋଲି ଘୋଷଣା କରିବା ସହ ଆବେଦନକାରୀଙ୍କୁ ପଲିସି ଅନୁସାରେ ସବୁ ଲାଭ ୯% ପ୍ରତିବର୍ଷ ସୁଧ ସହ ଜାରି କରିବାର ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ସୁପ୍ରିମକୋର୍ଟ ମୃତକଙ୍କ ପୁଅକଙ୍କ ଅପିଲ ସ୍ୱୀକାର କରିବା ସହ ଉପଭୋକ୍ତା କମିଶନ୍‌ଙ୍କ ରାୟକୁ ରଦ୍ଦ କରିଛନ୍ତି।



## କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ସଚିବଙ୍କ ଦୁଇ ଦିନିଆ ଓଡ଼ିଶା ଗସ୍ତ

# ସହମତି ଭିତ୍ତିରେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି



**ଭୁବନେଶ୍ୱର, ୨୭/୨**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ସଚିବ ସଞ୍ଜିବ ଚୋପ୍ରା ଦୁଇ ଦିନିଆ ଓଡିଶା ଗସ୍ତରେ ଆସି ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀ ଚୋପ୍ରା ଯୋଗଦେଇ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି । ଉକ୍ତ ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଶୁଭମ ସକ୍ସେନା, ଭାରତୀୟ ଖାଦ୍ୟ ନିଗମ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ କୁମାର ଗୋଗୋଇ, ଓଡ଼ିଶା ଶାଖା ଜେନେରାଲ ମ୍ୟାନେଜର ନିହାର ରଞ୍ଜନ ପ୍ରଧାନ, କେନ୍ଦ୍ରୀୟ ପଣ୍ୟାଗାର ନିଗମର ନରେନ୍ଦ୍ର କୁମାର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ରାଜ୍ୟରେ ଧାନ ସଂଗ୍ରହ ଏବଂ ସାଧାରଣ ବଣ୍ଟନ ସୁପରିଚାଳନା କ୍ଷେତ୍ରରେ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ଏଥିସହ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ପ୍ରାୟ ୯୧ ପ୍ରତିଶତ ହିତାଧିକାରୀମାନଙ୍କ ଇ-କେୱାଇସି ଶେଷ ହୋଇଥିବା କହିଥିଲେ । ସେହିଭଳି ମୋବାଇଲ ନେଟୱାର୍କିଂ ଦୁର୍ବଳ ଥିବା ଅଞ୍ଚଳର ୩୪୧ଟି ସରକାରୀ ସୁଲଭ ମୂଲ୍ୟ ଦୋକାନରେ ଇଣ୍ଟରନେଟ ସୁବିଧା ଉପଲବ୍ଧ କରାଇବା ବ୍ୟବସ୍ଥା କରାଯାଉଛି । ଏହା ଅନ୍ତର୍ଗତ ପ୍ରାୟ ୧୨ ଲକ୍ଷ ହିତାଧିକାରୀ ମାନଙ୍କ ଇ-କେୱାଇସି କରାଯିବା ପ୍ରକ୍ରିୟା ଜାରି ରହିଛି। ସେଥି ମଧ୍ୟରୁ ୧୧୧ଟି ସୁଲଭ ମୂଲ୍ୟ ଦୋକାନରେ ବର୍ତ୍ତମାନ ନେଟୱାର୍କିଂ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଥିଲେ। ସେହିଭଳି ଏପର୍ଯ୍ୟନ୍ତ ଇ-କେୱାଇସି ପ୍ରକ୍ରିୟାରେ ସାମିଲ ହୋଇନଥିବା ପ୍ରାୟ ୩୦ ଲକ୍ଷ ହିତାଧିକାରୀ ମାନଙ୍କ ସ୍ଥିତି ଯାଞ୍ଚ ପାଇଁ ଅଧିକାରୀ ମାନେ ଘର ଘର ବୁଲି ପ୍ରକ୍ରିୟା ତ୍ୱରାନ୍ୱିତ କରୁଛନ୍ତି ବୋଲି ଶ୍ରୀ ସିଂହ ଅବଗତ କରାଇଥିଲେ । ଏହି ଅବସରରେ ଶ୍ରୀ ଚୋପ୍ରା ରାଜ୍ୟରେ ଧାନକିଣା ଓ ସାଧାରଣ ଖାଉଟି ବଣ୍ଟନ ବ୍ୟବସ୍ଥା ନେଇ ଅବଗତ ହୋଇଥିଲେ। ମଣ୍ଡିରୁ ସିଧାସଳଖ ମିଲକୁ ଧାନ ଗାଡି ନେବା ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ସହମତି ଭିତ୍ତିରେ ସମସ୍ତ ସହଯୋଗ ପ୍ରଦାନ କରିବେ ବୋଲି କହିଥିଲେ। ପରେ ଶ୍ରୀ ଚୋପ୍ରା ଭୁବନେଶ୍ୱର ୟୁନିଟ-୯ସ୍ଥିତ ସରକାରୀ ସୁଲଭ ମୂଲ୍ୟ ଦୋକାନ, ମଞ୍ଚେଶ୍ୱରସ୍ଥିତ ଗୋଦାମ, ଅନ୍ନପୂର୍ଣ୍ଣ ଶସ୍ୟ ଏଟିଏମ ମଧ୍ୟ ବୁଲି ଦେଖି ହିତାଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ଚାରି ଜଣ ରେଳ କର୍ମଚାରୀ ସମ୍ମାନିତ

**ଭୁବନେଶ୍ୱର,୨୭/୨**
**ନ୍ୟୁଜ ବ୍ୟୁରୋ**



କର୍ତ୍ତବ୍ୟ ସମୟରେ ଅସାଧାରଣ କାର୍ଯ୍ୟଦକ୍ଷତା, ସଜାଗ, ସତର୍କତା ଏବଂ ତତ୍ପରତା ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଚାରି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ପୂର୍ବତଟ ରେଳପଥ ମୁଖ୍ୟାଳୟ ଠାରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସମାରୋହରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସହ ପ୍ରମୁଖ ନିରାପତ୍ତା ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ। କୋରାପୁଟ ଷ୍ଟେସନର ବରିଷ୍ଠ ସହାୟକ ଲୋକୋ ପାଇଲଟ୍ ଶ୍ରୀ ମୁଖରାଜ ମୀନା, ଚିମିଡିପାଲି ଷ୍ଟେସନର ଗ୍ୟାଙ୍ଗ୍ ନମ୍ବର ୧୦ ର ଟ୍ରାକ୍ ମେଣ୍ଟେନର -ଠଠ ଶ୍ରୀ ସିଙ୍ଗାମପାଲି ଭେଙ୍କଟ କ୍ରୀଷ୍ଣା, ଆରଣ୍ଡ ଷ୍ଟେସନର ଟ୍ରାଫିକ୍ ପଏଣ୍ଟସମ୍ୟାନ୍ ଶ୍ରୀ ରମେଶ ମହାନନ୍ଦ ଏବଂ ସିମାଞ୍ଚଳମ ଷ୍ଟେସନର ବରିଷ୍ଠ ଗୁଡ୍‌ସ ଟ୍ରେନ୍ ମ୍ୟାନେଜର ଶ୍ରୀ ଚାଲୁମୁରି ରମଣା ନାଇଡୁଙ୍କୁ କର୍ତ୍ତବ୍ୟ ସମୟରେ ସେମାନଙ୍କର ଅସାଧାରଣ ସମର୍ପଣ, ସଜାଗ ଏବଂ ସତର୍କତା ପାଇଁ ମହାପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ଏହି କର୍ମଚାରୀମାନଙ୍କୁ ସେମାନଙ୍କର କାର୍ଯ୍ୟ ତତ୍ପରତା ଏବଂ ଉଲ୍ଲେଖନୀୟ ସତର୍କତା ପାଇଁ ସେମାନଙ୍କୁ ପ୍ରଶଂସା କରିଥିଲେ ଯାହା ରେଳ ନେଟୱାର୍କର ସୁଗମ ଏବଂ ନିରାପଦ କାର୍ଯ୍ୟକାରିତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଶ୍ରୀ ଫୁଙ୍କୱାଲ ଆଲୋକପାତ କରିଥିଲେ ଯେ ପ୍ରତ୍ୟେକ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତତା ଯାତ୍ରୀ ସୁରକ୍ଷା ଏବଂ ଦକ୍ଷ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କର୍ତବ୍ୟ ପାଳନ ସମୟରେ ରେଳ କର୍ମଚାରୀମାନଙ୍କୁ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ମଧ୍ୟ ମହାପ୍ରବନ୍ଧକ ଅନୁରୋଧ କରିଥିଲେ ଯାହାକି ରେଳ ପରିଚାଳନାର ପ୍ରତ୍ୟେକ ପର୍ଯ୍ୟାୟରେ ସର୍ବୋଚ୍ଚ ନିରାପତ୍ତା ଓ ସୁରକ୍ଷାର ଗୁରୁତ୍ୱାରୋପକୁ ବଜାୟ ରଖାଯାଇପାରିବ ।

## ଆଠଗଡ଼ ବନଖଣ୍ଡରେ ଅଘଟଣ

# ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଚାଲିଗଲା ଦନ୍ତା ହାତୀର ଜୀବନ

**ଆଠଗଡ,୨୭/୦୨ ନ୍ୟୁଜ ବ୍ୟୁରୋ**

ଆଠଗଡ଼ ବନଖଣ୍ଡରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି । କୁଲାଇଲୋ କ୍ରସର୍ ପଡ଼ିଆରୁ ଦନ୍ତା ହାତୀର ମୃତଦେହ ଉଦ୍ଧାର ହୋଇଛି । ହାତୀଟି ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ଜଣାପଡ଼ିଛି । କଟକ ଜିଲ୍ଲା ଆଠଗଡ଼ ବନଖଣ୍ଡ କୁଲାଇଲୋ କ୍ରସର୍ ପଡ଼ିଆରେ ଏଭଳି ଘଟଣା ଘଟିଥିବାର ଖବର ସାମ୍ନାକୁ ଆସିଛି । ସୂଚନା ମୁତାବକ, ହାତୀଟି କୁଲାଇଲୋ କ୍ରସର ପଡ଼ିଆକୁ ଆସିଥିଲା । ସେଠାରେ ଏଣେତେଣେ ବୁଲୁଥିବା ବେଳେ ହାତୀଟି ୩୩ କେଭି ତାର ସଂସ୍ପର୍ଶରେ ଆସିଥିଲା । ଫଳରେ ଘଟଣା ସ୍ଥଳରେ ହିଁ ହାତୀଟିର ମୃତ୍ୟୁ ହୋଇଥିଲା । ହାତୀଟିର ମୃତଦେହ ଦେଖି ସ୍ଥାନୀୟଲୋକେ ତୁରନ୍ତ ବନ ବିଭାଗର ଅଧିକାରୀଙ୍କୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ବନ ବିଭାଗର ଅଧିକାରୀ ପହଞ୍ଚି ମୃତଦେହ ଜବତ କରିଛନ୍ତି । ସବୁଠୁ ଆଶ୍ଚର୍ଯ୍ୟର କଥା, ଉକ୍ତ ସ୍ଥାନରେ ବିଦ୍ୟୁତ ତାର ମାତ୍ର ୧୦ ଫୁଟ ଉଚ୍ଚତାରେ ଯାଇଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ ବିଭାଗର ଅବହେଳା ପାଇଁ ଏଭଳି ଘଟଣା ଘଟିଥିବାରୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।







**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ମାଲକାନଗିରି ଦଶମ ଛାତ୍ରୀ ପ୍ରସବ ଘଟଣା: ଗିରଫହେଲା ମୁଖ୍ୟ ଅଭିଯୁକ୍ତ

**ମାଲକାନଗିରି, ୨୭/୨ ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଚିତ୍ରକୋଣ୍ଡାରେ ଦଶମ ଛାତ୍ରୀ ପ୍ରସବ ଘଟଣାକୁ ନେଇ ଆକ୍ସନ ମୋଡ୍‌ରେ ପୋଲିସ୍ । ଏହି ଲଜ୍ଜାଜନକ ଘଟଣାର ତନାଘନା ଜାରି ରଖିଛି ପୋଲିସ୍ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି । ଅଭିଯୁକ୍ତର ନାମ ସୁଶାନ୍ତ ଖିଲ। ଏବଂ ଘର ଚିତ୍ରକୋଣ୍ଡା ଥାନା ଅଧିନ ଦିଶାରୀଗୁଡ଼ା ଅଞ୍ଚଳରେ ବୋଲି ଜଣାପଡିଛି । ଅପରପକ୍ଷେ ଆରଡିସି ମଧ୍ୟ ସଂପୃକ୍ତ ସ୍କୁଲରେ ପହଞ୍ଚି ତଦନ୍ତ କରିଛନ୍ତି । ଘଟଣାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି । ଏହି ଘଟଣାରେ ହଷ୍ଟେଲ ମାଟ୍ରନ ଓ ଏଏନ୍‌ଏମ୍‌ଙ୍କୁ ମଧ୍ୟ ସସପେଣ୍ଡ କରାଯାଇଛି ।

## ସିରିଜ୍ ଦୁର୍ଘଟଣା : କାର ଧକ୍କାରେ ଭାଙ୍ଗିଲା ୩ ବାଇକ୍, ଗୋଟିଏ କାର୍

**ଭୁବନେଶ୍ୱର,୨୭।୨ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ସିରିଜ୍ ଦୁର୍ଘଟଣା। ଡ଼ମଣା ଛକରୁ ଶୈଳଶ୍ରୀ ବିହାର ରାସ୍ତାରେ ସିରିଜ୍ ଦୁର୍ଘଟଣା। ଟୟୋଟା କାର୍ ଧକ୍କାରେ ଏକାଧିକ ଗାଡ଼ି ଚୁରମାର। ତିନୋଟି ବାଇକ୍ ଏବଂ ଗୋଟିଏ କାର୍ ଭାଙ୍ଗିଲା। ତେବେ ଦୁର୍ଘଟଣା ବେଳେ ରାସ୍ତାରେ ଯାଉଥିବା ପଥଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣା ସ୍ଥଳରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ପହଞ୍ଚି ବାଇକ ଓ ଗାଡିକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

# ତହସିଲରେ ଖାଲିପଡ଼ିଛି ୪ ହଜାର ପଦବୀ : କଟକ ଜିଲ୍ଲାରେ ସର୍ବାଧିକ

**ଭୁବନେଶ୍ୱର,୨୭/୦୨**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ କେମିତି ଚାଲିବ ତହସିଲ କାମ । ଖାଲିପଡ଼ିଛି ପାଖପାଖି ୪ ହଜାର ପଦବୀ । ସେଥିରେ ୧୦୦୧ ରାଜସ୍ୱ ନିରୀକ୍ଷକ (ଆରଆଇ), ୧୫୬୯ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) ଓ ୧୪୦୧ ଅମିନ ପଦବୀ ଅନ୍ତର୍ଭୁକ୍ତ। ବିଶେଷ କରି ଜମି ପଟ୍ଟା ପ୍ରଦାନ କାର୍ଯ୍ୟଠାରୁ ଆରମ୍ଭ କରି ଜାତି ପ୍ରମାଣପତ୍ର, ଆୟକର ପ୍ରମାଣପତ୍ର, ଚାଷ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ରାଜସ୍ୱ ଅଧିକାରୀଙ୍କ ଭୂମିକା ରହିଛି। ହେଲେ ଦୀର୍ଘ ଦିନ ହେବ ଏହି ସବୁ ପଦବୀ ପୂରଣ ନ ହୋଇ ଖାଲିପଡ଼ିଛି। ରାଜ୍ୟର ୩୧୭ଟି ତହସିଲରେ ୨୭୧୧ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ରହିଛି। ସେଥିରେ ମୋଟ ୩୬୬୫ ଆରଆଇ, ୩୧୦୧ ଏଆରଆଇ ଓ ୨୭୮୯ ଅମିନ ନିଯୁକ୍ତି ହେବା କଥା। ମାତ୍ର ସାରା ରାଜ୍ୟରେ ଏବେ ମୋଟ ୨୫୬୪ ଆରଆଇ, ୧୫୩୨ ଏଆରଆଇ ଓ ୧୩୮୮ ଅମିନ ଅଛନ୍ତି। କଟକ ଜିଲ୍ଲାରେ ସର୍ବାଧିକ ୮୨ ଆରଆଇ ପଦବୀ ଖାଲି ପଡ଼ିଥିବାବେଳେ ୧୦୭ ଏଆରଆଇ ଓ ୯୦ଟି ଅମିନ ପଦବୀ ଖାଲିପଡ଼ିଛି। ଗଞ୍ଜାମ ଜିଲ୍ଲାରେ ୭୩ ଆରଆଇ, ୧୨୩ ଏଆରଆଇ ଓ ୧୪୩ଟି ଅମିନ ପଦବୀ ଖାଲି ପଡ଼ିଥିବା ବେଳେ ବଲାଙ୍ଗୀରରେ ୬୬ ଆରଆଇ, ୪୭ ଏଆରଆଇ ଓ ୬୬ଟି ଅମିନ ପଦବୀ ଖାଲି ପଡ଼ିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ତେବେ ଏହି ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ବିଶେଷ କରି ୫୫୯ଟି ଆରଆଇ, ୮୨୭ ଏଆରଆଇ ଓ ୬୮୬ଟି ଅମିନ ପଦବୀରେ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ହୋଇଛି। ଆଗାମୀ ଦିନରେ ୨୯୬ ଆରଆଇ, ୫୭୨ ଏଆରଆଇ, ୫୪୬ ଅମିନ ନିଯୁକ୍ତ ହେବେ । ଏହି ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଓଏସ୍‌ଏସ୍‌ଏସ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି । ଖାଲି ପଡିଥିବା ଅବଶିଷ୍ଟ ପଦବୀଗୁଡ଼ିକୁ ଉଭୟ ଚୟନ ପ୍ରକ୍ରିୟା ଓ ପଦୋନ୍ନତି ଭିତ୍ତିରେ ପୂରଣ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି ।

